

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୩୦ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 30 March 2026
Vol.No. 36 ■ No.85 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଇରାନ ଉପରେ ଅନ୍ତିମ ପ୍ରହାର କରିବ ଆମେରିକା: ଆକାଶ ନୁହେଁ ଗ୍ରାଉଣ୍ଡରେ ବହିବ ରକ୍ତର ନଦୀ

■ଇରାନର ବଡ଼ ଦାବି, ମିଶାଇଲ୍ ଆଟାକରେ ଦୁଇଖଣ୍ଡ ହେଲା ଆମେରିକାର ବିମାନ
■ନିଜ ଦେଶ ସହ ୟୁରୋପରେ ଇରାନ ଯୁଦ୍ଧକୁ ନେଇ ଟ୍ରମ୍ପଙ୍କୁ କରାଗଲାଣି ଘୋର ବିରୋଧ



ନୂଆଦିଲ୍ଲୀ,୨୯/୩ : ଇରାନକୁ ତାର ଔକାତ ଦେଖେଇବାକୁ ଖତରନାକ୍ ପ୍ଲାନ ସହ ସମାରିକ ପ୍ରସ୍ତୁତି ଆରମ୍ଭ କରିଛି ଆମେରିକା। ତେହେରାନ୍ ମାଟିରେ ଓହ୍ଲାଇବେ ଆମେରିକା ସେନା। ସିଧାସଳଖ ଗ୍ରାଉଣ୍ଡରେ ଆରମ୍ଭ କରିବେ ବଡ଼ ଅପରେସନ୍। ଇରାନକୁ ଘେରିବା ପାଇଁ ଜାପାନରୁ ଆସି ମଧ୍ୟପ୍ରାଚ୍ୟ ସମୁଦ୍ରରେ ଡ଼େରା ପକାଇଛି ଆମେରିକାର ଯୁଦ୍ଧ ଜାହାଜ ଟଙ୍ଗ ତ୍ରିପୋଲି। ଏଥିରେ ଋ-୩୫ ଫାଇଟର ଜେଟ୍ ସହ ପହଞ୍ଚିଛନ୍ତି ୩୫୦୦ ମରିନ ସୈନ୍ୟ। ଏମାନେ ଏମିତି ସେମିତି କମାଣ୍ଡୋ ନୁହଁନ୍ତି, କେବଳ ସ୍ପେଶାଲ୍ ଅପରେସନରେ ଓହ୍ଲାଇ ଥାଆନ୍ତି। ସବୁ ସ୍ଥିତିରେ ଲଢ଼ିବାରେ ଧୁରନ୍ଧର। ଜଳ, ସ୍ଥଳ ଓ ଆକାଶରୁ ଶତ୍ରୁ ଛାତିରେ ପ୍ରହାର କରିବେ। ଆମେରିକାର ଏହି ମହାପ୍ରସ୍ତୁତିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଇରାନର ସ୍ଥଳଭାଗରେ ସାମରିକ ଅପରେସନ ପାଇଁ ରେଡ୍ଡି ମରିନ୍ ସୈନ୍ୟ। ଗ୍ରାଉଣ୍ଡ ଅପରେସନର ଟାର୍ଗେଟ ଏରିଆ ରହିଛି ଇରାନ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ତୈଳ ରପ୍ତାନୀ କେନ୍ଦ୍ର ଖାର୍ଗ ଦ୍ୱୀପ ଓ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀ। ଆମେରିକା ଏହି ଦୁଇଟି ସ୍ଥାନ ଉପରେ କବଜା କିମ୍ବା ଆକ୍ରମଣ କରିଲେ ଇରାନ ଅର୍ଥନୀତି ଗୋଟିଏ ଝଟକାରେ ଶେଷ ହୋଇଯିବ। ସେହିପରି ଟଙ୍ଗ ତ୍ରିପୋଲିରୁ ଆଟାକ୍ କରି ଇରାନର ପରମାଣୁ ଆଡ୍ଡାକୁ ଧ୍ୱଂସ କରିବା ପାଇଁ ବି ଲକ୍ଷ୍ୟ ରଖିଛି ଆମେରିକା। ୱାଶିଂଟନ୍ ପୋଷ୍ଟର ରିପୋର୍ଟ ଅନୁସାରେ ଆମେରିକାର ପ୍ରତିରକ୍ଷା ବିଭାଗ ଇରାନରେ କିଛି ସପ୍ତାହ ଧରି ଗ୍ରାଉଣ୍ଡ ଅପରେସନ ପାଇଁ ଯୋଜନା କରୁଛି। ସାରା ବିଶ୍ୱର ନଜର ଏବେ ହ୍ୱାଇଟ୍ ହାଉସ୍ ଉପରେ ଅଟକିଥିବା ବେଳେ ଟ୍ରମ୍ପଙ୍କ ଗ୍ରୀନ୍ ସିଗନାଲକୁ ଅପେକ୍ଷା ରହିଛି। ଗୋଟିଏ ପଟେ ଆମେରିକାର ମହାପ୍ରସ୍ତୁତି, ଆରପଟେ- ଇରାନର କାଉଣ୍ଟର ଆଟାକ୍ ପ୍ଲାନ୍। ଏମିତିକି ଆମେରିକୀୟ ସୈନ୍ୟ ଇରାନ୍ ମାଟି ଛୁଇଁଲେ କେବଳ ସେମାନଙ୍କ କଫିନ୍ ଫେରିବ କହି ଇରାନୀ ◆◆ପୃଷ୍ଠା ୭

## ଲାଞ୍ଚ ନେବା ମହଙ୍ଗା ପଡ଼ିଲା: ଆରଆଇଙ୍କୁ ମାଡ଼ିବସିଲା ଭିଜିଲାନ୍ସ



ଭୁବନେଶ୍ୱର, ୨୯/୩ (ନି.ପ୍ର): ମ୍ୟୁଟେସନ୍ ମାମଲାରେ ଜମି ପରିବର୍ତ୍ତନ ସଂପର୍କିତ ଏକ ଅନୁକୂଳ ରିପୋର୍ଟ ପ୍ରଦାନ କରିବା ପାଇଁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ କଟକଜିଲ୍ଲା ଚୌଦ୍ୱାର ତହସିଲ ଅଧୀନ ମଙ୍ଗରାଜପୁରର ରାଜସ୍ୱ ନିରୀକ୍ଷକ ରାଜାରାମ ବାନ୍ଦ୍ରା ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଶ୍ରୀ ବାନ୍ଦ୍ରା ଜଣେ ଜମି ମାଲିକଙ୍କ ଠାରୁ ତାଙ୍କ ପତିତ ଜମିକୁ ହୋମଷ୍ଟେଡ୍ ଜମିରେ ପରିବର୍ତ୍ତନ କରିବା ପାଇଁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ପୂର୍ବରୁ ଦାବି କରିଥିବା ଟଙ୍କା ଆଜି ଗ୍ରହଣ କରୁଥିବା ଭିଜିଲାନ୍ସ ବିଭାଗ ଅତର୍କିତ ଚଢ଼ଉ କରିଥିଲା। ଭିଜିଲାନ୍ସ ବିଭାଗର ସୂଚନା ଅନୁସାରେ ଜମି ମାଲିକ ଗତ ୧୦ ତାରିଖ ଦିନ ରାଜସ୍ୱ ବିଭାଗର ନିର୍ଦ୍ଦେଶାବଳୀ ଅନୁସାରେ ଅନ୍‌ଲାଇନରେ ଏକ ଆବେଦନ କରିଥିଲେ। କିନ୍ତୁ ଅଭିଯୁକ୍ତ ଆରଆଇ ଶ୍ରୀ ବାନ୍ଦ୍ରା ଜମି ମାଲିକଙ୍କ ସହିତ ଯୋଗାଯୋଗ କରି ତାଙ୍କୁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆସିବାକୁ କହିଥିଲେ। ଶ୍ରୀ ବାନ୍ଦ୍ରା ଜମି ମାଲିକଙ୍କୁ କହିଥିଲେ, ଯଦି ତାଙ୍କୁ ୩୦,୦୦୦ ଟଙ୍କା ଲାଞ୍ଚ ନଦିଆଯାଏ, ତେବେ ସେ ତାଙ୍କ ଦ୍ୱାରା ଦାୟର କରାଯାଇଥିବା ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ପ୍ରଦାନ କରିପାରିବେ ନାହିଁ। ◆◆ପୃଷ୍ଠା ୭

## ବଢ଼ିଲା ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ଅଡୁଆ: ମାମଲା ରୁଜୁ

ଭୁବନେଶ୍ୱର, ୨୯/୩ (ନି.ପ୍ର): ସର୍ବସାଧାରଣରେ ଫାଙ୍କାରେ ଗୁଳି ଫୁଟାଇ ଅଡୁଆରେ ଫସିଛନ୍ତି ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବିଧାୟକ ନବୀନ ଜୈନ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ତେଜିଛି ରାଜନୈତିକ ବୟାନବାଜି। ମୁହାଁମୁହିଁ ହୋଇଛନ୍ତି ଶାସକ ଦଳ ଓ ବିରୋଧୀ । ସର୍ବସାଧାରଣରେ ଗୁଳି ଫୁଟାଇବା ଓ ପରେ ପିସ୍ତଲକୁ ସର୍ବସମ୍ମୁଖରେ ସିନେମା ଷ୍ଟାଇଲରେ ନିଜ ଅଣ୍ଟାରେ ଖୋସି, ଫଶିଯାଇଛନ୍ତି ଟିଟିଲାଗଡ଼ ବିଧାୟକ ନବୀନ ଜୈନ। ସତ ସାମନାକୁ ଆସିବା ପରେ ବିଧାୟକଙ୍କ ବିରୋଧରେ ମାମଲା ରୁଜୁ କରିଛି ବଲାଙ୍ଗୀର ପୁଲିସ୍। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବଲାଙ୍ଗୀର ଯାଇ ଅନୁଧ୍ୟାନ କରିଛନ୍ତି। କେଉଁ ପରିସ୍ଥିତିରେ ବିଧାୟକ ଗୁଳି ଫୁଟାଇଲେ ସେ ନେଇ ପଚାରି ବୁଝିଛନ୍ତି। ଏଥିସହ ଫାଙ୍କା ଗୁଳି ଚାଳନାରେ ବିଧାୟକଙ୍କ ପାଖେ ପାଖେ ରହି ସହଯୋଗ କରୁଥିବା ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି । ଜଣେ ବିଧାୟକ କିପରି ସର୍ବସାଧାରଣରେ ବ୍ଲାଙ୍କ୍ ଫାୟାରିଂ କଲେ ସେ ନେଇ ବର୍ଷିଛି ବିଜେଡି। ଏ ପ୍ରସଙ୍ଗ ବିଧାନସଭାରେ ଉଠାଇବେ ବୋଲି ବିଜେଡି ବିଧାୟକ କହିଛନ୍ତି। ଏଥିସହ ବିଧାୟକ ବ୍ଲାଙ୍କ୍ ଫାୟାରିଂ କରିବା ପରେ ପିଏସଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଣ ପାଇଁ ବୋଲି ପ୍ରଶ୍ନ କରିଛନ୍ତି । ◆◆ପୃଷ୍ଠା ୭



## ପୁଲିସ ନକ୍ସଲ ଗୁଳିବିନିମୟ: ଜଣେ ନକ୍ସଲ ନିହତ

ଖଇରପୁଟ, ୨୯/୩ (ନି.ପ୍ର): ମାଲକାନଗାରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ପୁଲିସ ଓ ନକ୍ସଲ ମଧ୍ୟରେ ଗୁଳିବିନିମୟ ଘଟିଛି। ଜିଲ୍ଲାର ପୋଲମପଲ୍ଲୀ ଥାନା ଅନ୍ତର୍ଗତ ଜଂଗଲରେ ମାଓବାଦୀଙ୍କ ଉପସ୍ଥିତି ସଂପର୍କରେ ପୁଲିସକୁ ସୂଚନା ମିଳିଥିଲା। ସୁକମାର ଡିଆରଜି ଯବାନ ସେହି ଅଂଚଳକୁ ସର୍ଚ୍ଚ ଅପରେସନ ପାଇଁ ବାହାରିଥିଲେ। ଆଜି ଭୋର ସକାଳୁ ଯବାନକୁ ଦେଖି ନକ୍ସଲ ଅତର୍କିତ ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ଘଟିଥିଲା। ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଣେ ମାଓବାଦୀର ଶବକୁ ଉଦ୍ଧାର କରାଯାଇଛି। ମୃତ ନକ୍ସଲ ଜଣକ ପିପିସିଏମ ସଦସ୍ୟ ମାଚାକି କୈଳାଶ। କୈଳାଶ ନାମରେ ସରକାର ୫ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ। କୈଳାଶ ନାମରେ ବହୁ କେଶ ରହିଥିବା ପୁଲିସ କହିଛି। ସରକାରଙ୍କ ଟାର୍ଗେଟକୁ ଆଉ ମାତ୍ର ୩ ଦିନ ସମୟ ରହିଥିବା ବେଳେ ନକ୍ସଲ ବନ୍ଧୁକ ନଛାଡି ମୃତ୍ୟୁକୁ ଆପେଣିଛନ୍ତି। ଏବେ ବି ପୁଲିସ ଜଂଗଲରେ ବୁଲୁଥିବା ନକ୍ସଲଙ୍କୁ ସମୟ ଦେଉଛି ତୁରନ୍ତ ଶେଷ ସମୟ ସୀମା ପୂର୍ବରୁ ଆତ୍ମସମର୍ପଣ କରି ବାକି ଜୀବନ ଖୁସିରେ କଟାନ୍ତୁ।

## କମେଣ୍ଟ ମରାକୁ ନେଇ ପୁଣି ବାରରେ ଗଣ୍ଡଗୋଳ

ଭୁବନେଶ୍ୱର, ୨୯/୩ (ନି.ପ୍ର):ପୁଣି ବାରରେ ଗଣ୍ଡଗୋଳ । ହାୱାନା ବାର୍ ସମ୍ମୁଖରେ ଭୀଷଣ ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି । କମେଣ୍ଟ ମରାକୁ ନେଇ ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି । ଘଣ୍ଟାଏ ଧରି ଦୁର୍ବୃତ୍ତ ମାନେ ଚଳାଇଥିଲେ ଉତ୍ପାତ । ସମ୍ବଲପୁର ଏବଂ ଗାଡକଣ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ସୂଚନା ମିଳିଛି । ସ୍ଥିତି ଆୟତ୍ତ ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା । ଘଟଣା ସ୍ଥଳରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଓ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ ।

## ବିଧାୟିକାଙ୍କ ସ୍ୱାମୀଙ୍କ ନାଁରେ ସଙ୍ଗୀନ ଅଭିଯୋଗ: ଥାନାରେ ମାମଲା



ଭୁବନେଶ୍ୱର, ୨୯/୩ (ନି.ପ୍ର): ନର୍ଲା ତହସିଲଦାର ବିଭୂପ୍ରସାଦ ସିଂଙ୍କ ଅଭିଯୋଗ ଆଧାରରେ ମୁନ୍ନା ମହାନ୍ତିଙ୍କ ବିରୁଦ୍ଧରେ ନର୍ଲା ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନଏସ)ର ଧାରା ୨୯୬, ୨୨୧, ୨୨୪, ୩୫୧(୨) ଏବଂ ୩୫୧(୩) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ମୁନ୍ନା ହେଉଛନ୍ତି ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ଓ ନର୍ଲା ବ୍ଲକ(ପଂଚାୟତ ସମିତି) ଅଧ୍ୟକ୍ଷ ମଧ୍ୟ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ହତ୍ୟା ଧମକ ଦିଆଯାଇଥିବା ଓ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ନର୍ଲା ତହସିଲଦାର ଶ୍ରୀ ସିଂ ପ୍ରଥମେ ମାର୍ଚ୍ଚ ୧୧ତାରିଖରେ କଳାହାଣ୍ଡି ପୁଲିସ ଏସପି ଶ୍ରୀ ◆◆ପୃଷ୍ଠା ୭

## ପାକିସ୍ତାନରେ ଦୁଇ ଦିନିଆ ଲକଡାଉନ୍: ଦୋକାନଠାରୁ ହାଇୱେ ସବୁ ବନ୍ଦ, ବିବାହରେ ରୋକ୍



ନୂଆଦିଲ୍ଲୀ,୨୯/୩ : ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା କାରଣରୁ ସାରା ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଛି । ଏହାର ସବୁଠାରୁ ଭୟଙ୍କର ପ୍ରଭାବ ପଡ଼ୋଶୀ ଦେଶ ପାକିସ୍ତାନ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ପୂର୍ବରୁ କାଙ୍ଗାଳ ଅବସ୍ଥାରେ ଥିବା ପାକିସ୍ତାନରେ ଏବେ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍ ଦର ଆକାଶଛୁଆଁ ହୋଇଛି। ଏହି ଶକ୍ତି ସଙ୍କଟରୁ ମୁକ୍ତି ପାଇବା ପାଇଁ ଶେହବାଜ ସରିଫ୍ ସରକାର ଦେଶରେ 'ଲକଡାଉନ୍' ଲାଗୁ କରିବାକୁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ନିୟମ ଅନୁଯାୟୀ, ଏପ୍ରିଲ ୪-୫ ତାରିଖରୁ ସାରା ଦେଶରେ କଟକଣା ଆରମ୍ଭ ହେବ । ଲକଡାଉନ୍ ଅଧୀନରେ ଶନିବାର ମଧ୍ୟରାତ୍ରି ୧୨ଟାରୁ ରବିବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିବ । କେବଳ ସେତିକି ନୁହେଁ, ମୋଟରୱେ ଏବଂ ହାଇୱେରେ ଗାଡ଼ି ଚଳାଚଳ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ସମୟ ମଧ୍ୟରେ ଯେଉଁମାନଙ୍କର ବିବାହ ସ୍ଥିର ହୋଇଥିଲା, ସେହି କାର୍ଯ୍ୟକ୍ରମ ମଧ୍ୟ ହୋଇପାରିବ ନାହିଁ। ପାକିସ୍ତାନରେ ଏଲପିଜି ସିଲିଣ୍ଡରର ମୂଲ୍ୟ ଏବେ ୩୧୦୦ ରୁ ବୃଦ୍ଧି ପାଇ ୫୧୩୫ ଟଙ୍କାରେ ପହଞ୍ଚିଛି। ଏହି କାରଣରୁ ପରିବହନ ସେବା ମହଙ୍ଗା ହୋଇଥିବାବେଳେ ସାଧାରଣ ଜନତା ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ଏଭଳି ଅଜବ ନିଷ୍ପତ୍ତି ଯୋଗୁଁ ଶେହବାଜ ସରିଫ୍ ପୁଣିଥରେ ବିଶ୍ୱ ଦରବାରରେ ପରିହାସର ପାତ୍ର ସାଜିଛନ୍ତି ।

## 'ଫ୍ୟୁଚର ବାଲେଶ୍ୱର' ତରଫରୁ ବିଶ୍ୱ ମୁଢ଼ି ଦିବସ ପାଳିତ




ବାଲେଶ୍ୱର, ୨୯/୩ (ନି.ପ୍ର): ବାଲେଶ୍ୱର ଷ୍ଟେସନ କ୍ଲବରେ ଫ୍ୟୁଚର ବାଲେଶ୍ୱର ତରଫରୁ ବିଜୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପୂର୍ବାହ୍ନ ୯ ଘଟିକା ସମୟରେ ବିଶ୍ୱ ମୁଢ଼ି ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଡଃ ରାଧାରାଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ 'ସାଗରିକା' ଓ 'ଧ୍ୱନି ପ୍ରତିଧ୍ୱନି' ସମ୍ବାଦପତ୍ରର ସଂପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ, 'ରୂପାୟନ' ଟ୍ରଷ୍ଟର ସଂପାଦିକା, ସମାଜସେବୀ ଶ୍ରୀମତୀ ଶ୍ରଦ୍ଧାଞ୍ଜଳୀ ରାୟ, ଡଃ ନିବେଦିତା ଦାସ, ଆଇନଜୀବୀ ତଥା ସମାଜସେବୀ ଯାଦବେଶ୍ ମିଶ୍ର ପ୍ରମୁଖ ବିଶ୍ୱ ମୁଢ଼ି ଦିବସ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ସଭାପତି ବିଜୟ କୁମାର ପାଣିଗ୍ରାହୀ ତାଙ୍କର ଅଭିଭାଷଣରେ ବାଲେଶ୍ୱରରେ ମୁଢ଼ିକୁ ଭୁଜା ବୋଲି ଅଭିହିତ କରାଯାଏ । ବାଲେଶ୍ୱରରେ ଭୁଜାଖିଆ ପୀର ହେଉଛନ୍ତି କେବଳ ମୁସଲମାନଙ୍କର ନୁହଁ ହିନ୍ଦୁମାନେ ମଧ୍ୟ ତାଙ୍କୁ ସମ୍ମାନ କରିଥାନ୍ତି । ବିଭିନ୍ନ ଦେବାଦେବୀଙ୍କ ନିକଟରେ ମୁଢ଼ି ଭୋଗ ରୂପେ ଅର୍ପଣ କରାଯାଇଥାଏ । ସମସ୍ତ ବକ୍ତା ମାନେ ମୁଢ଼ି ବା ଭୁଜାକୁ ଓଡ଼ିଶାର ମୁଖ୍ୟ ଖାଦ୍ୟ ଭାବେ ପ୍ରାଚୀନ କାଳରୁ ଗ୍ରହଣ କରାଯାଇଥିବାରୁ ତାହାକୁ ଜାତୀୟ ସ୍ତରରେ ମାନ୍ୟତା ପ୍ରଦାନ କରାଯାଇ ଜି.ଆଇ ଟ୍ୟାଗ ଲଗାଇବାକୁ ଦାବି କରିଥିଲେ। ◆◆ପୃଷ୍ଠା ୭

## ବିଜୁ ପଟ୍ଟନାୟକଙ୍କ ଅସମ୍ମାନକୁ ବିରୋଧ: ଇସ୍ତଫା ଦେଲେ ସାଂସଦ ସସ୍ମିତ ପାତ୍ର



ଭୁବନେଶ୍ୱର, ୨୯/୩ (ନି.ପ୍ର): ରାଜ୍ୟସଭା ସାଂସଦ ତଥା ବିଜେଡିର ବରିଷ୍ଠ ନେତା ଡ. ସସ୍ମିତ ପାତ୍ର ଯୋଗାଯୋଗ ଏବଂ ଆଇଟି କମିଟିରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉପରେ ବିଜେପି ନେତା ନିଶିକାନ୍ତ ଦୁବେଙ୍କ ଦ୍ୱାରା ଦିଆଯାଇଥିବା ମନ୍ତବ୍ୟ ଯୋଗୁଁ ଶ୍ରୀ ପାତ୍ର ଯୋଗାଯୋଗ ଏବଂ ଆଇଟି କମିଟିରୁ ଇସ୍ତଫା ଦେଇଛନ୍ତି। ବିଜେଡି ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଗତକାଲି ଭାରତୀୟ ଜନତା ପାର୍ଟି (ବିଜେପି)ର ସାଂସଦ ନିଶିକାନ୍ତ ଦୁବେ ଏକ ସାର୍ବଜନୀନ ବିବୃତ୍ତିରେ ବିଜୁ ପଟ୍ଟନାୟକଙ୍କ ଉପରେ କିଛି ଅପମାନଜନକ, ମିଥ୍ୟା ଏବଂ ଭିତ୍ତିହୀନ ବୟାନ ଦେଇଥିଲେ। ବିଜୁବାବୁ ଜଣେ ଆନ୍ତର୍ଜାତୀୟ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ। ସେ ଜଣେ କିମ୍ବଦନ୍ତୀ ପୁରୁଷ ଏବଂ ଜଣେ ରାଜନେତା ଥିଲେ। ସେ ଭାରତ ପାଇଁ ବିଶ୍ୱ କୂଟନୀତି ସୁନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ବ୍ୟାପକ ଭାବରେ ଜଣାଶୁଣା ଥିଲେ। ଇଣ୍ଡୋନେସିଆର ପ୍ରତିରୋଧ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉଦ୍ଧାର କରିବାରେ ତାଙ୍କର ଭୂମିକା ପାଇଁ ସେ ବ୍ୟାପକ ଭାବରେ ସମ୍ମାନିତ ହୋଇଥିଲେ। ◆◆ପୃଷ୍ଠା ୭

# ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ୍ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୨୯/୩ (ନି.ପ୍ର): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଅଗ୍ନିଶମ ବିଭାଗ, ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ଆଜି ପୂର୍ବାହ୍ନ ୭ଟା ସମୟରେ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପୌର ପରିଷଦ, କାର୍ଯ୍ୟାଳୟ ଠାରେ ଅଗ୍ନି ନିରାପତା ସଚେତନତା ଓ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତି ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଶ୍ରୀମତି ତାମସୀ ତାମସ୍ମିତା ନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଦୂର୍ଗାଦତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସୋନପୁର ପୌର ପରିଷଦର ସମସ୍ତ କାଉନସିଲର ବୃନ୍ଦ, ସଭାପତି, ଜିଲ୍ଲା ବଣିକ ସଂଘ, ସଭାପତି, ଚେମ୍ବରସ ଅଫ କମର୍ସ, ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ର ଅଧିକାରୀ,କର୍ମଚାରୀ, ପୋର ପରିଷଦ ର କର୍ମଚାରୀ ବୃନ୍ଦ, ପୋଲିସ ବିଭାଗର ଅଧିକାରୀ, କର୍ମଚାରୀ, ଜିଲ୍ଲା କାର୍ଯ୍ୟାଳୟ ଜରୁରୀ ଶାଖାର ଅଧିକାରୀ,କର୍ମଚାରୀ, ସୋନପୁର ସହରର ଅନେକ ଦୋକାନୀ, ବୁଦ୍ଧିଜିବି, ଜନସାଧାରଣ, ମହିଳାଙ୍କ ସମେତ ବିଭିନ୍ନ ସମ୍ବାଦପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଏହି ତାଲିମ ଓ ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଅଗ୍ନିଶମ ଅଧିକାରୀ ଧୀରେନ୍ଦ୍ର ନାଥ ଦେ ଉପସ୍ଥିତ ସମସ୍ତଙ୍କୁ ଅଗ୍ନିକାଣ୍ଡର କାରଣ, ଅଗ୍ନିକାଣ୍ଡ ରକ୍ଷା ପାଇବା ପାଇଁ ପୂର୍ବ ସତର୍କତା, ପ୍ରତିକାର ଓ ପ୍ରତିଷେଧକ ମୂଳକ କାର୍ଯ୍ୟ ହାତକୁ ନେବା, ଅଗ୍ନିକାଣ୍ଡ ଘଟିଲେ ଅଗ୍ନି ନିର୍ବାପନ ପାଇଁ ଆଶୁ ପଦକ୍ଷେପ, ୧୧୨ ଟୋଲ ଫ୍ରି ହେଲ୍ପଲାଇନ ନମ୍ବରରେ ଅଗ୍ନିଶମ ବିଭାଗ, ଡାକ୍ତରଖାନା ଓ ପୋଲିସ ଷ୍ଟେସନକୁ ତୁରନ୍ତ ଜଣାଇବା, ଅଗ୍ନିକାଣ୍ଡ ସମୟରେ ଓ ଅଗ୍ନିକାଣ୍ଡ ପରେ ଉଦ୍ଧାର କାର୍ଯ୍ୟ, ଅଗ୍ନିକାଣ୍ଡରେ ପୀଡ଼ିତ ଲୋକଙ୍କ ଚିକିତ୍ସା ଓ ଥଇଥାନ ଉପରେ ବିଶଦ ଭାବରେ ସଚେତନ କରାଇବା ସହିତ ତାଙ୍କ ବିଭାଗର ବିଭିନ୍ନ ଅଗ୍ନିଶମ ଯନ୍ତ୍ରପାତି ଯଥା ଅଗ୍ନି ନିର୍ବାପକ ଯନ୍ତ୍ର ଗୁଡିକର ପ୍ରକାର ଭେଦ, ସେଗୁଡ଼ିକର ବ୍ୟବହାର ପଦ୍ଧତି, ହାଇଡ୍ରୋଲିକ କଟର, ଧୂଆଁ ନିଷ୍କାସନ ଯନ୍ତ୍ର, ଅନେକ ଅଗ୍ନିଶମ ଯନ୍ତ୍ରପାତି ଗୁଡ଼ିକର ବ୍ୟବହାରିକ ପ୍ରଦର୍ଶନ ସହଜ କୌଶଳ ତାଲିମ୍ ମାଧ୍ୟମରେ ଶିଖାଇବା ସହିତ ଦମକଳ ଗାଡିର ବ୍ୟବହାର ଉପରେ ମଧ୍ୟ ସଚେତନ କରାଇଥିଲେ। ଏହି ଅବସରରେ ଅତିରିକ୍ତ ଅଗ୍ନିଶମ ଅଧିକାରୀ, ଘର, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ମହଜୁଦ ଥିବା ଦହନୀୟ ସାମଗ୍ରୀ ଓ ପଦାର୍ଥ ଗୁଡିକୁ ତିନୋଟି ଶ୍ରେଣୀଭୁକ୍ତ କରିଥିଲେ ଯଥା, କଠିନ ଦହନୀୟ, ତରଳ ଦହନୀୟ ଓ ଗ୍ୟାସ ଜାତୀୟ ଦହନୀୟ ସାମଗ୍ରୀ ବା ପଦାର୍ଥ । ଏହି ତିନି ଗୋଟି ପ୍ରକାରରେ ଲାଗିଥିବା ନିଆଁକୁ କିପରି ନିୟନ୍ତ୍ରଣ ଓ ନିର୍ବାପନ କରାଯିବ, ସେ ବିଷୟରେ ଉଦାହରଣ ସହିତ ପ୍ରଦର୍ଶନ ମାଧ୍ୟମରେ କୌଶଳ ଶିଖାଇବା ସହିତ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ସମୟରେ ତାଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ। ଏହି ତାଲିମ ଓ ସଚେତନତା ସମୟରେ ସମସ୍ତ ଜନସାଧାରଣ ଓ ମହିଳା ମାନଙ୍କ ପ୍ରଥମେ ଅଗ୍ନିକାଣ୍ଡରୁ ରକ୍ଷା ପାଇବା ପାଇଁ ସତର୍କତା, ପ୍ରତିକାର ଓ ପ୍ରତିଷେଧକ ମୂଳକ ପଦକ୍ଷେପ, ନିଆଁ ବା ଅଗ୍ନି ନିର୍ବାପନ୍ ସଂକ୍ରାନ୍ତୀୟ ଆବଶ୍ୟକୀୟ ଘରୋଇ ସାମଗ୍ରୀ ଯଥା - ପାଣି, ବାଲି, ଅଖାବସ୍ତା ରଖିବା ସହିତ ପ୍ରତ୍ୟେକ ଘରରେ ପ୍ରବେଶ ଓ ପ୍ରସ୍ଥାନ ବା ନିଷ୍କାସନ ପାଇଁ ବାଟ ବା ଦ୍ୱାର ରହିବା ପାଇଁ ତାଙ୍କ ତାଲିମ ଓ ସଚେତନତା କାର୍ଯ୍ୟକ୍ରମରେ ଗୁରୁତ୍ୱ ଆରୋପ କରିଥିଲେ।

# ୱାର୍ଡେନ ହତ୍ୟା ମାମଲା: କ୍ରାଇମ୍ ସିନ୍ ରିକ୍ରିଏସନ ପରେ ୨ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବେତନଟୀ , ୨୯/୩ (ନି.ପ୍ର): ଗତ ୨୦ତାରିଖ ରାତି ପ୍ରାୟ ୧୦ଟା ସମୟରେ ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ଗଡ଼ଦେଉଳିଆ ଛକ ନିକଟସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଘରୋଇ ବିଦ୍ୟାଳୟର ଅଧକ୍ଷା ଓ ହଷ୍ଟେଲ ୱାର୍ଡେନଙ୍କୁ ପ୍ରାଣାନ୍ତକ ଆକ୍ରମଣ ମାମଲାରେ ମୟୂରଭଂଜ ପୁଲିସ ଆଜି ମୁଖ୍ୟ ଅଭିଯୁକ୍ତ ୨ଭାଇଙ୍କୁ କ୍ରାଇମ୍ ସିନ୍ ରିକ୍ରିଏସନ ପରେ କୋର୍ଟ ଚାଲାଣ କରିଛି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଅଜୟ କୁମାର ବାରିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ୨ଭାଇଙ୍କର ଆକ୍ରମଣରେ ମାନଗୋବିନ୍ଦପୁର ଉପକଣ୍ଠ ଧନାପାଳ ଗ୍ରାମର ୱାର୍ଡେନ ସନ୍ୟାସୀ ଦାସଙ୍କର ଶୋଚନୀୟ ମୃତ୍ୟୁ ହୋଇଯାଇଥିବା ବେଳେ ଅଧକ୍ଷା କାଦମ୍ବିନୀ ରାଉତ ଗୁରୁତର ଆହତ ହୋଇ ହୋଇଥିଲେକ୍ଷ ଘଟଣାର ଏକାଧିକ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଦୀର୍ଘ ୭ଦିନ ପର୍ଯ୍ୟନ୍ତ ପୁଲିସ ଅପରାଧୀଙ୍କ ଟେର ପାଇନଥିଲା, ଯାହା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା।ଏହି ମାମଲାରେ ଅପରାଧୀମାନେ କୌଣସି ପ୍ରମାଣ ଛାଡି ନଥିବାରୁ ପ୍ରାଥମିକ ତଦନ୍ତରୁ ପୁଲିସ କିଛି ସୁରାକ ପାଇନଥିଲା, ଯେଉଁଥିପାଇଁ ଏସପି ବରୁଣ ଗୁଣ୍ଟୁପାଲିଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ଅତିରିକ୍ତ ଏସପି ଅଜୟ ବାରିକ, ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ଏସଆଇ ସରୋଜ ବାରିକ, ଚିରଞ୍ଜୀବ ବିଶ୍ୱାଳ ଓ ରଣେନ୍ଦ୍ର ପ୍ରତାପ ସାମଲଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲାକ୍ଷ ସେହି ଟିମ ଦିନରାତି ଏକ କରି ତଦନ୍ତକୁ ବ୍ୟାପକ କରିଦେଇଥିଲା। ତେବେ ବିଶେଷ ସୂତ୍ରରୁ ଅପରାଧୀଙ୍କ ସମ୍ବନ୍ଧରେ କିଛି ସୁରାକ ପାଇ ଶୁକ୍ରବାର ବିଳମ୍ବିତ ରାତିରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ଏସଆଇ ସରୋଜ ଜେନାଙ୍କ ନେତୃତ୍ୱରେ ଏକ ଟିମ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଅଞ୍ଚଳରେ ଚଢ଼ାଉ କରି ଆତ୍ମଗୋପନ କରିଥିବା ଘଟଣାର ମୁଖ୍ୟ ଅଭିଯୁକ୍ତ ୨ଭାଇଙ୍କୁ ଉଠାଇ ଆଣିଥିଲାକ୍ଷ ୨ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା କଳମା ଅଞ୍ଚଳର ତଥା ସେହି ବିଦ୍ୟାଳୟ ସମ୍ମୁଖ ଘରର ରତିକାନ୍ତ ଜେନାଙ୍କ ପୁଅ ଶୁକଦେବ ଜେନା ଔରଫ ବାପୁନ(୨୧) ଓ ସନ୍ୟାସୀ ଜେନା ଔରଫ ଶନି (୧୯)। ଏହି ୨ଭାଇ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀଙ୍କ ସହିତ ସମ୍ପର୍କରେ ରହି ପ୍ରାୟ ସମୟରେ ହଷ୍ଟେଲ ପରିସରରେ ପଶି ବିଶୃଙ୍ଖଳା ସୃଷ୍ଟି କରୁଥିଲେକ୍ଷ ଅଧକ୍ଷା କାଦମ୍ବିନୀ ତାଙ୍କୁ ବାରମ୍ବାର ତାଗିଦ କରିବା ସହିତ ବିଦ୍ୟାଳୟରେ ଅପମାନ ଦେଇଥିଲେକ୍ଷ ଏଥିରେ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ ଏବଂ ଅଧକ୍ଷାଙ୍କୁ ପାନେ ଦେବେ ବୋଲି ସ୍ଥିର କରିଥିଲେକ୍ଷ ପରେ ସ୍କୁଲ ଅନ୍ୟ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର ପରେ ସେମାନେ ହଷ୍ଟେଲରେ ରହୁଥିବା ଜଣେ ୯ମ ଶ୍ରେଣୀ ଛାତ୍ର ସହାୟତାରେ ଅଧକ୍ଷାଙ୍କୁ ପିଛା କରି ୨୦ତାରିଖ ରାତିରେ ଆକ୍ରମଣ କରିଥିଲେକ୍ଷ ହେଲେ ଅଧକ୍ଷାଙ୍କୁ ଆକ୍ରମଣ ସମୟରେ ସ୍କୁଲ ୱାର୍ଡେନ ତାଙ୍କୁ ଚିହ୍ନି ଦେବା ଯୋଗୁଁ ସେମାନେ ଭୟଭୀତ ହୋଇଯାଇଥିଲେ କି କାଳେ ସେମାନେ ପୁଲିସ ହାତରେ ଧରା ପଡ଼ିଯିବେ, ଯେଉଁଥିପାଇଁ ସେମାନେ ତାଙ୍କୁ ଜୀବନରୁ ମାରିଦେଇଥିଲେ।

## ରନ୍ଧନ ଗ୍ୟାସ ଜନିତ ସମସ୍ୟା ଯୋଗୁଁ ଜଳଖିଆ ସାମଗ୍ରୀର ଦରବୃଦ୍ଧି

ଗଞ୍ଜାମ, ୨୯/୩ (ନି.ପ୍ର): ରନ୍ଧନ ଗ୍ୟାସ ଜନିତ ସମସ୍ୟାକୁ ନେଇ ୧୫ ଦିନହେଲା ଗଞ୍ଜାମ ଜିଲ୍ଲା ତଥା ବ୍ରହ୍ମପୁର ସହରରେ ଜଳଖିଆ ତଥା ଖାଦ୍ୟ ଦୋକାନ ଉପରେ ପ୍ରଭାବ ପଡ଼ିଛି। ପ୍ରଶାସନର ତାଗିଦ ସତ୍ୱେ ଦୋକାନୀ ମାନେ ଖାଦ୍ୟ ଦ୍ରବ୍ୟର ଦର ବୃଦ୍ଧି କରିଛନ୍ତି। ପୁରୀ, ବରା, ସିଙ୍ଗଡା, ଆଳୁଚପ୍ ଇତ୍ୟାଦି ଖାଦ୍ୟ ଦ୍ରବ୍ୟ ଦର ଗୋଟିଏ ପିଛା ପାଂଚରୁ ସାତ ଓ ଦଶଟଙ୍କା ଦରବୃଦ୍ଧି କରିଛନ୍ତି ଓ ଖାଦ୍ୟର ମାନ କମୁଥିା ଦେଖାଦେଇଛି। ଫଳରେ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ଅନୁଧ୍ୟାନ କରି ଏ ଧରଣର ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ବ୍ରହ୍ମବରଦା ଥାନା ହାଜତରୁ ଚମ୍ପଟ୍ ମାରିଲା ଅଭିଯୁକ୍ତ : କର୍ତ୍ତବ୍ୟରେ ଅବହେଳା ପାଇଁ ଜଣେ ଏଏସ୍ଆଇଙ୍କ ସମେତ ୨ କନେଷ୍ଟବଳ ନିଲମ୍ବିତ

ଧର୍ମଶାଳା, ୨୯/୩ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ହାଜତ ପରିସରରୁ ଆଜି ଭୋର ସମୟରେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛି । ଯାହାକି ଜିଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏକ ଚୋରି ମାମଲାରେ ଧର୍ମଶାଳା ଥାନା ଅନ୍ତର୍ଗତ ଉତରପ୍ରତାପ ପଂଚାୟତ ଚାନ୍ଦମୋହିନୀ ଗ୍ରାମର ଅଶୋକ ବେହେରାଙ୍କ ପୁଅ ଆଶିଷ(୨୩)ଙ୍କୁ ବ୍ରହ୍ମବରଦା ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରି ଥାନା ହାଜତରେ ରଖିଥିଲା । ତେବେ ଆଜି ଭୋର ସମୟରେ ପୁଲିସ କର୍ମଚାରୀ ଶୋଇ ପଡିବା ପରେ ଆଶିଷ କୌଶଳ କ୍ରମେ ହାଜତ ଲକର ଓ ଗେଟର ତାଲା ଖୋଲି ଫେରାର ହୋଇଯାଇଥିଲା । ଆଶିଷ ପରେ ବ୍ରହ୍ମବରଦା ଗ୍ରାମ ଭିତରକୁ ଚାଲି ଯାଇ ରାଜୀବ ରାଉତଙ୍କ ଏକ ହିରୋ ବାଇକ ନମ୍ବର(ଓଡି୦୪ଏସ୍୦୭୭୯)ର ତାଲା ଭାଙ୍ଗି ଗାଡିକୁ ଷ୍ଟାର୍ଟ କରି ନେଇ ପଳାଇ ଯାଇଥିଲେ । ତେବେ ଆଶିଷ ସାମନ୍ତରାପୁର ବ୍ରାହ୍ମଣୀ ନଦୀ ବନ୍ଧ ଉପରେ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ସେଠାରେ ୧୦୮ ଆମ୍ବୁଲାନ୍ସରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତର ଅବସ୍ଥାରେ ଭର୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କ ପିତା ଅଶୋକ କଟକ ମେଡିକାଲକୁ ପୁଅକୁ ନେବାକୁ କହି ଅଟୋରେ ବସାଇ ନେଇ ପଳାଇ ଥିଲେ । ଖବର ପାଇ ବ୍ରହ୍ମବରଦା ପୁଲିସ ପ୍ରଥମେ ଦୁର୍ଘଟଣାସ୍ଥଳ ଓ ପରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଂହଚିବା ପୂର୍ବରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲା । ପୁଲିସ ଚୋରି ବାଇକକୁ ଜବତ କରିଥିଲା । ସେପଟେ ବ୍ରହ୍ମବରଦା ଗ୍ରାମର ରାଜୀବ ରାଉତ ତାଙ୍କ ବାଇକ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଖବର ପାଇ ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ବ୍ରହ୍ମବରଦା ଥାନାରେ ପଂହଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସିସି କ୍ୟାମେରା ଫୁଟେଜ୍ ଆଧାରରେ ତଦନ୍ତ କରାଯାଇ ଯାଜପୁର ଆରକ୍ଷୀ ଅଧିକ୍ଷକ ଯସ୍ ପ୍ରତାପ ଶ୍ରୀମଲଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ତେବେ ଶ୍ରୀ ପାତ୍ରଙ୍କ ତଦନ୍ତ ରିପୋର୍ଟକୁ ଆଧାର କରି ଆରକ୍ଷୀ ଅଧିକ୍ଷକ ଯସ୍ ପ୍ରତାପ ଶ୍ରୀମଲ ଏହି ଘଟଣାରେ କର୍ତବ୍ୟରେ ଅବହେଳା ପାଇଁ ଏଏସ୍ଆଇ ଅଚ୍ୟୁତାନନ୍ଦ ଦାସ, କନେଷ୍ଟବଳ ବିଦ୍ୟାପତି ପଲେଇ ଓ ସନ୍ତୋଷ କୁମାର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ।ସୂଚନା ଥାଉକି, ଗତ ସେପଟ୍ମ୍ବେର ମାସ ୨୭।୯।୨୦୨୫ ମସିହାରେ ରାଉତରାପୁର ପଂଚାୟତ ଅନ୍ତର୍ଗତ କୁଣ୍ଡପାଟଣାସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ବିଭିନ୍ନବୈଦ୍ୟୁତିକ ଓ ମେଡିକାଲର ଅତ୍ୟାବଶ୍ୟକୀୟ ସାରଞ୍ଜାମ ଚୋରି ହୋଇଥିଲା । ଯାହାକୁ ନେଇ ସ୍ୱାସ୍ଥ୍ୟ କର୍ମଚାରୀ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାରେ ପୁଲିସ ମାମଲରେ କେସ୍ ନମ୍ବର ୨୩୨।୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା । କିଛି ଦିନ ପୂର୍ବରୁ ଏହି ଘଟଣାରେ ଜଡିତ ଥିବା ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହିତ କିଛି ଚୋରି ସାମଗ୍ରୀ ଜବତ କରିଥିଲା । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଆଶିଷ ସେହି ଦିନଠାରୁ ଫେରାର ଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ପୁଲିସ କୌଣସି ସୂତ୍ରରୁ ଖବର ପାଇ କୁଣ୍ଡପାଟଣା ଅଂଚଳରୁ ଆଶିଷକୁ ଧରିବା ସହିତ ଥାନା ହାଜତରେ ଅଟକ ରଖିଥିଲା । ତେବେ ଭୋର ସମୟରେ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ଶୋଇ ପଡିବାରୁ ଏହାର ସୁଯୋଗ ନେଇ ଆଶିଷ କୌଶଳ କ୍ରମେ ଥାନାରେ ଜବତ ହୋଇଥିବା ନିଜର ମୋବାଇଲକୁ ନେଇ ଚମ୍ପଟ ମାରିଥିଲା ।

# ଗାଁ ଦାଣ୍ଡରେ ଯୁବକକୁ ନିର୍ମମ ହତ୍ୟା

ଭୁବନ, ୨୯/୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ କୃଷ୍ଣପୁର ଗ୍ରାମରେ ପବିତ୍ର ରାମ ନବମୀ ସନ୍ଧ୍ୟାରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ହତ୍ୟା କରିସାରିବା ପରେ ମୃତ ଶରୀରକୁ ପାଳନଡ଼ା ସାହାଯ୍ୟରେ ନିଆଁ ଲଗାଇ ଦେଇଥିବା ବେଳେ ଗ୍ରାମବାସୀ ଶବ ଜବତ କରି ଅଭିଯୁକ୍ତ ଆସାମୀକୁ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଥିଲେ । ପ୍ରାପ୍ତ ସୂଚନାନୁଯାୟୀ ଭୁବନ ଥାନା ଅନ୍ତର୍ଗତ ବାରୁଆଁ ପଂଚାୟତ କୃଷ୍ଣପୁର ଗ୍ରାମର ତ୍ରିଲୋଚନ ମହାନ୍ତ (୪୨) ଓ ମିହିର ଓରଫ ମଂଟୁ ମହାନ୍ତ (୩୧) ପେସାରେ ଉଭୟେ ଡ୍ରାଇଭର । ମଂଟୁ ମହାନ୍ତ ଅବିବାହିତ ଓ ତ୍ରିଲୋଚନ ମହାନ୍ତ ବିବାହିତ । ଗତକାଲି ଶୁକ୍ରବାର ପବିତ୍ର ରାମ ନବମୀ ଅପରାହ୍ନ ସମୟରେ ତ୍ରିଲୋଚନ ଫୋନ୍ କରି ମଂଟୁକୁ ତାଙ୍କ ଘରକୁ ଡକାଇଥିଲା । ମଂଟୁ ପହଂଚିବାର ପ୍ରାୟ ୨ ଘଂଟା ପରେ ସନ୍ଧ୍ୟା ସମୟରେ ମଂଟୁର ମୃତ ଦେହକୁ ତ୍ରିଲୋଚନ ଘୋସାରି ଘୋସାରି ନେଇ ଘରଠାରୁ ପ୍ରାୟ ଶହେ ମିଟର ଦୁରରେ ପକାଇ ଦେବା ସହ ମଂଟୁର ମୃତଦେହ ଉପରେ ପାଳ ନଡ଼ା ପକାଇ ନିଆଁ ଲଗାଇ ପୋଡ଼ି ଦେବାକୁ ଉଦ୍ୟମ କରୁଥିବା ସମୟରେ ଗ୍ରାମବାସୀ ନିଆଁ ଲିଭାଇ ତ୍ରିଲୋଚନକୁ ନିସ୍ତୁକ ମାଡ ମାରି ଗଛରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଭୁବନ ଥାନା ଆଇ ଆଇ ସି ରେଣୁବାଳା ସାହୁ ସଦଳବଳେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଚିକିତ୍ସା ପାଇଁ ତ୍ରିଲୋଚନକୁ ଡାକ୍ତରଖାନାରେ ଭର୍ତି କରିଥିଲେ । ଆଜି ଶନିବାର ସାଇଂଟିଫିକ ଟିମ ଘଟଣାସ୍ଥଳରେ ପହଂଚି ବିଭିନ୍ନ ନମୁନା ସଂଗ୍ରହ କରିବା ସହ ହତ୍ୟାର ପ୍ରକୃତ କାରଣ କୁ ନେଇ ତଦନ୍ତ ଚଳାଇଛି । ଅଭିଯୁକ୍ତ ତ୍ରିଲୋଚନକୁ ପୋଲିସ ହେପାଜତରେ ରଖି ଚିକିତ୍ସା କରାଯାଉଥିବା ବେଳେ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ତାକୁ ପଚରା ଉଚରା କରି ଫେରିଯାଇଛନ୍ତି । କିଛି ଦିନ ପୂର୍ବରୁ କେନ୍ଦୁଝର ଅଂଚଳରୁ କେତେକ ଗୁଣିଆ ଆସି ତ୍ରିଲୋଚନ ଘରେ ପୂଜାପାଠ କରି ତାଙ୍କ ପୁଅକୁ ମାରିବାକୁ ପ୍ଲାନ୍ କରିଥିଲେ ବୋଲି ମୃତ ମଂଟୁର ବାପା ତରୁଣ ମହାନ୍ତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ - ୧୬୨/୨୦୨୬ ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ପୂର୍ବ ଶତ୍ରୁତା କି ଅନୈତିକ ସମ୍ପର୍କ ଅଥବା ଗୁଣି ଗାରେଡ଼ି ରୁ ଏହି ହତ୍ୟାକାଣ୍ଡ ଘଟିଲା, ତଦନ୍ତ ପରେ ତାହା ସ୍ପଷ୍ଟ ହେବ ବୋଲି ଆଇ ଆଇ ସି କହିଛନ୍ତି ।

# ଜୟପୁର ସାହିତ୍ୟ ପରିଷଦର ପୂର୍ବତନ ସଭାପତି, ଫୁଟବଲ ଖେଳାଳି, ବରିଷ୍ଠ ସାହିତ୍ୟ ସାଧକ ଇ. ଦଶରଥୀ ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର, ୨୮ ମାର୍ଚ୍ଚ (ହି.ସ.) - ୮୪ ବର୍ଷ ବୟସରେ ଅତି ପ୍ରିୟ ଉପଦେଷ୍ଟା, ଜୟପୁର ସାହିତ୍ୟ ପରିଷଦର ପୂର୍ବତନ ସଭାପତି, ଫୁଟବଲ ଖେଳାଳି, ବରିଷ୍ଠ ସାହିତ୍ୟ ସାଧକ ଇ. ଦଶରଥୀ ନନ୍ଦ ତା ୨୫. ୩. ୨୦୨୬ ରିଖରେ ଆମକୁ ଛାଡି ଚାଲି ଯାଇଛନ୍ତି। ଏଣୁ ୨୮. ୩. ୨୦୨୬ ତାରିଖ ଦିନ ସନ୍ଧ୍ୟା ୫. ୦୦ ଘଟିକା ସମୟରେ ମାଆ ଲୋକେଶ୍ୱରୀ ଉଦ୍ୟାନରେ ଇ. ଦାସରଥୀ ନନ୍ଦ ଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ ସଭା ତଥା ଅମର ଆତ୍ମାଙ୍କ ସଦ୍ଗତି ପାଇଁ ତାଙ୍କୁ ଭଲ ପାଉଥିବା ବ୍ୟକ୍ତି ମାନେ ଉପସ୍ଥିତ ରହି ଥିଲେ କ୍ଷ ଉପସ୍ଥିତ ଅତିଥି ମାନେ ଇ. ନନ୍ଦଙ୍କୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଦକ୍ଷ ଉପନ୍ୟାସିକ ତଥା ଜଗନ୍ନାଥ ସାଗର ଉନ୍ନତି ପାଇଁ ସ୍ୱର ଉତୋଳନ କରିଥିବା ବ୍ୟକ୍ତି,ସହିଦ ଲଖଣ ନାୟକଙ୍କ ବୀରତ୍ୱକୁ ଲୋକ ଲୋଚନ ରେ ଆଣିବା ପାଇଁ ବିଶେଷ କରି ଯୁବ ପିଢ଼ିଙ୍କ ପାଖରେ କିପରି ପହଂଚିବା ସେଥି ପାଇଁ ପୁସ୍ତକ ଟିଏ କରିବା
ନିଷ୍ପତି ଏବଂ ପରେ ପରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଠାରେ ସେ ବହି ପାଠ୍ୟ ପୁସ୍ତକ ଭାବେ ପଠନ, ଇନ୍ଦ୍ରାବତୀର କାହାଣୀ ଏମିତି ଅନେକ ପୁସ୍ତକ କୋରାପୁଟ ମାଟିକୁ ଭଲ ପାଇବାର ଦର୍ଶାଏ। ପିଲାଙ୍କ ପାଇଁ ବିଦ୍ୟାଳୟ ଟିଏ ଗଢିବା, ସାହିତ୍ୟିକଙ୍କ ମେଳିରେ ଗଦ୍ୟ ସାହିତ୍ୟକୁ ଗୁରୁତ୍ୱ ଦେବା, ସାହିତ୍ୟ ସଭା କରିବା ଏବଂ ଯନ୍ତ୍ରୀ ଭାବେ ନିଜ କାର୍ଯ୍ୟ ଦକ୍ଷତା ର ଅନେକ ଉଦାହରଣ ଛାଡି ଯାଇଛନ୍ତି ଆଗାମି ପିଢ଼ି ପାଇଁ। ଏଭଳି ଜଣେ ଜ୍ଞାନୀ ଗୁଣି ଦକ୍ଷ ଯନ୍ତ୍ରୀଙ୍କ ଆମକୁ ଛାଡି ଚାଲିଯିବ ବହୁତ କଷ୍ଟ ପ୍ରଦାନ କରିଛି ବୋଲି ଉପସ୍ଥିତ ବ୍ୟକ୍ତିଙ୍କ ଠାରୁ ଶୁଣିବାକୁ ମିଳି ଥିଲା। ଇ. ନନ୍ଦଙ୍କ ଆତ୍ମାର ସଦ୍ଗତି ପାଇଁ ସମସ୍ତେ ପାର୍ଥନା କରିଥିଲେ, ଏହି ସଭାରେ ସଭାପତି ହରିହର କରସୁଧା ପଟନାୟକ, ମଧୁସୂଧନ ମିଶ୍ର, ଶ୍ରୀନାଥ ମିଶ୍ର, ନଳିନୀରଞ୍ଜନ ମିଶ୍ର, ଭାସ୍କର ଚନ୍ଦ୍ର ସାମନ୍ତରାୟ,ଏଦାରନାଥ ବେହେରା, ମଦନ ମୋହନ, ସୁରେଶ କୁମାର ନନ୍ଦ,ବାୟକ,ଲକ୍ଷ୍ମୀ କାନ୍ତ ପାଢ଼ୀ,ଡ଼.ପ୍ରଦୀପ କୁମାର ମିଶ୍ର,ପ୍ରମୋଦ ରାଉଳ,ତପନ ତ୍ରିପାଠୀ, ଭାବଗ୍ରାହୀ ସାହୁ ଡ଼. ସୁଧାଂଶୁ ପଟନାୟକ, ଅଶୋକ ମହାରଣା,ବୈରାଗୀ ସାହୁ, ରାଧାମୋହନ ପଣ୍ଡା, ସ୍ୱଭାଗିନୀ ନନ୍ଦ,ପ୍ରମଦ ରାଉଳ.. ଅନେକ ସାହିତ୍ୟିକ ଏବଂ ବାଲ୍ୟ ବନ୍ଧୁ ଉପସ୍ଥିତ ଥିଲେ ଆବାହକ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ସଭାଟିର ପରିଚାଳନା କରିଥିଲେ।

# ସୌର ପ୍ରକଳ୍ପ ଯୋଜନା ବାଟବଣା: ୧୮ରୁ ୬ ପ୍ରକଳ୍ପ ଅଚଳ

ଭଦ୍ରକ/ଧାମନଗର , ୨୯/୩ (ନି.ପ୍ର): ରାଜ୍ୟ ସରକାରଙ୍କ ଶକ୍ତି ପ୍ରୋତ୍ସାହନ ଓ ସୌର ଜଳ ଯୋଗାଣ ପ୍ରକଳ୍ପ ଯୋଜନା ଭଦ୍ରକ ଜିଲ୍ଲାରେ ଧାମନଗର ବ୍ଲକରେ କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ଅନେକ ଦିନ ଧରି କିଛି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଗ୍ରାମାଞ୍ଚଳର ଲୋକମାନଙ୍କୁ ଯୋଗାଇ ଦିଆଯାଇଥିଲା। ଏହି ଯୋଜନା ସଫଳ ହେବା ପରେ ଧାମନଗର ବ୍ଲକ୍ ?ରେ ଅନେକ ପଞ୍ଚାୟତରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ଏବେ ଅଧିକାଂଶ ସ୍ଥାନରେ ଏହି ସବୁ ସୌର ପ୍ରକଳ୍ପ ଅଚଳ ହୋଇପଡିଛି। ଯେଉଁଥି ପାଇଁ ଏବେ ଖରା ଦିନରେ ଆରମ୍ଭ ହୋଇଛି ଜଳକଷ୍ଟ। ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳରେ ପାନୀୟ କଷ୍ଟ ଦୂର କରିବା ଲକ୍ଷ୍ୟ ନେଇ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ସୌର ପ୍ରକଳ୍ପଗୁଡ଼ିକ ଏତେ ଅଚଳ ହେବାରେ ଲାଗିଛି। ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ମୋଟ ୧୮ଟି ପ୍ରକଳ୍ପ ମଧ୍ୟରୁ ୬ଟି ସୌର ଚାଳିତ ପ୍ରକଳ ଅଚଳ ହୋଇ ପଡ଼ିଛି। ଏପଟେ ଲୋକେ ଟୋପାଏ ପାଣି ପାଇଁ ତହଲବିକଳ ହେଉଛନ୍ତି। ଯେଉଁ ପ୍ରକଳ୍ପ ଗୁଡ଼ିକ ଅଚଳ ହୋଇପଡିଛି। ସେଗୁଡିକୁ ଆଉ ମରାମତି କରାଯାଉ ନାହିଁ। ଏହି ସବୁ ଅଞ୍ଚଳରେ ଏବେ ପାନୀୟ ଜଳ ପାଇଁ ଲୋକେ ଜୀନସ୍ତା ହେଉଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀକାରୀ ଯସ୍ମିନ୍ ଦାସଙ୍କ ସୂଚନା ଅନୁଯାୟୀ, ଧାମନଗର ବ୍ଲକରେ ମାତ୍ର ୧୮ଟି ପ୍ରକଳ୍ପ ରହିଛି। ମାତ୍ର ଅନ୍ୟ ପ୍ରକଳ୍ପ ସମ୍ପର୍କିତ ତ ?ଥ୍ୟ ବିଭାଗ ପାଖରେ ନାହିଁ। ପୂର୍ବରୁ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଏସବୁ ପ୍ରକଳ୍ପ ଦାୟିତ୍ୱରେ ଥିଲେ। ସେ ଦାୟିତ୍ୱ ହସ୍ତାନ୍ତର କରି ନଥିବାରୁ ଏସବୁ ପ୍ରକଳ୍ପ ସମ୍ପର୍କରେ କିଛି ତଥ୍ୟ ନଥିବା ଯନ୍ତ୍ରୀ କହିଛନ୍ତି। ଓରେଜା କିମ୍ବା ପଞ୍ଚାୟତିରାଜ ବିଭାଗ ମଧ୍ୟରୁ କିଏ ଏହି ପ୍ରକଳ୍ପ ସ୍ଥାପନ କରିଛି, ତାହାର ସବିଶେଷ ତଥ୍ୟ କାହା ପାଖରେ ନାହିଁଓ ନିୟମ ଅନୁସାରେ ନିର୍ମାଣକାରୀ ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ସୌର ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ କରିବା କଥା। ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ପରିଚାଳନା ଦାୟିତ୍ୱ ଧାମନଗରରେ କେବଳ କାଗଜପତ୍ରରେ ସୀମିତ ରହିଛି। ଆନନ୍ଦପୁର ପଞ୍ଚାୟତ ନଡ଼ିଆବାର ଯେନାସାହି ପ୍ରକଳ୍ପଟି ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହି ପ୍ରକଳ୍ପ ସ୍ଥାପନର ମାତ୍ର ୫ ଦିନ ପରେ ଏହାର କଣ୍ଟ୍ରୋଲର ଖରାପ ହୋଇ ଯିବାରୁ ଏହା ଏକ ବର୍ଷେ ହେବ ଅଚଳ ହୋଇ ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ମରାମତି ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ସେହିପରି ପାହାଡ଼ପୁର ସାହୁସାହି ପ୍ରକଳ୍ପର ସୋଲାର ପାନେଲ ଖରାପ ହୋଇ ପଡ଼ିଥିବାରୁ ମୋଟରକୁ ବିଦ୍ୟୁତ ସଂଯୋଗ ହୋଇପାରୁନି। ଅନ୍ୟ ୪ଟି ପ୍ରକଳ୍ପରେ ମୋଟର ଏବଂ କେପାସିଟର ଜଳିଯାଇଥିବାରୁ ଟାଙ୍କିକୁ ପାଣି ଆସୁନି। ଏହିଭଳି ଆହୁରି କିଛି ପ୍ରକଳ୍ପ ଅଚଳ ହୋଇ ରହିଛି। ଯେଉଁ ପ୍ରକଳ୍ପ ଗୁଡିକରେ ପାଣି ଠିକ ଭାବରେ ବାହାରୁ କରୁ ନାହିଁ। ଏନ୍ୟ ପକ୍ଷରେ ପଞ୍ଚାୟତ ପକ୍ଷରୁ ଏହିସବୁ ପ୍ରକଳ୍ପ ପାଇଁ ଅପରେଟର ନିଯୁକ୍ତି କରିବା କଥା। ହେଲେ ସରପଞ୍ଚମାନେ ସହଯୋଗ କରୁ ନଥିବା ସ୍ଥାନୀୟ ଲୋକେ କହିଛନ୍ତି, ଯେଉଁଥି ପାଇଁ ପ୍ରକଳ୍ପ ପରିଚାଳନା ପାଇଁ ଅପରେଟର ନାହାନ୍ତି। ଗୋଟିଏ ସୌର ପ୍ରକଳ୍ପ ପାଇଁ ପ୍ରାୟ ସାଢ଼େ ୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ପୂର୍ବରୁ ଥିବା ନଳକୂପ ଉପରେ ୫୦୦ ଲିଟର ବିଶିଷ୍ଟ ଟାଙ୍କି ସହ ସୋଲାର ମୋଟରେ ଲଗାଇ ୨ ସହ ଲୋକଙ୍କୁ ପାଣି ଯୋଗାଇବା ଯୋଜନା ଥିଲା। ବିଦ୍ୟୁତ ବିଲ୍ ନଥିବା ଏବଂ ପରି ପରିବେଶ ଅନୁକୂଳ ଥିବାରୁ ଏହା ଏକ ଭଲ ଯୋଜନା ହୋଇଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ଯୋଜନା ବିଫଳ ହୋଇଛି। ଏପଟେ ଅଧୀକାରୀମାନେ ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ତୁରନ୍ତ ମରାମତି କରା ନଗଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ। ସୌର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ଦିନରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାନଗଲେ ଲୋକେ ପାଣି ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।



# ଚଳନ୍ତା ପ୍ଲାଷ୍ଟିକ ପାଇପ ବୋଝେଇ କଣ୍ଟେନରରେ ଅଗ୍ନିକାଣ୍ଡ

ବେତନଟୀ,୨୯/୩(ନି.ପ୍ର) : ବେତନଟୀ ଉପକଣ୍ଠ ତୁଳସୀଚଉରା ଠାରେ ୧୮ନଂ ଜାତୀୟରାଜପଥ ଉପରେ ରବିବାର ଅପରାହ୍ନରେ ଏକ ପ୍ଲାଷ୍ଟିକ ପାଇପ ବୋଝେଇ କଣ୍ଟେନର ଜଳିଯାଇଥିବା ବେଳେ ଚଳନ୍ତା ଗାଡିରୁ ଡେଇଁପଡି ଜୀବନ ବଞ୍ଚାଇଲେ ଚାଳକ ଓ ଖଲାସୀ । ସୂଚନା ମୁତାବକ ଡବ୍ଲୁବି - ୦୫ଏ -୧୮୧୨ ନମ୍ବର ବିଶିଷ୍ଟ କଣ୍ଟେନରଟି ବାଙ୍ଗାଲୋରରୁ ପ୍ଲାଷ୍ଟିକ ପାଇପ ବୋଝେଇକରି ରାଞ୍ଚି ଅଭିମୁଖେ ଯାଉଥିଲା । ରବିବାର ଅପରାହ୍ନ ଅଢେଇଟା ପାଖପାଖି ସମୟରେ ପ୍ରବଳ ଗରମରେ କଣ୍ଟେନରଟି ନିଜର ଗନ୍ତବ୍ୟସ୍ଥଳ ରାଞ୍ଚି ଅଭିମୁଖେ ଯାଉଥିବା ସମୟରେ ବେତନଟୀ ଉପକଣ୍ଠ ତୁଳସୀଚଉରା ଠାରେ ୧୮ନଂ ଜାତୀୟରାଜପଥ ଉପରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡରେ କଣ୍ଟନରର ସମ୍ମୁଖଭାଗ କ୍ୟାବିନଟି ଜଳିବାକୁ ଲାଗିଥିବା ବେଳେ ଜୀବନ ବଞ୍ଚାଇବାକୁ ଚଳନ୍ତା କେଣ୍ଟେନର ଉପରୁ ଡେଇଁପଡି ଚାଳକ ଓ ଖଲାସୀ ନିଜର ଜୀବନ ବଞ୍ଚାଇଥିଲେ । ସ୍ଥାନୀୟଲୋକଙ୍କ ଠାରୁ ଖବରପାଇ ବେତନଟୀ ପୁଲିସ ଏବଂ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସେଙ୍ଗସେଙ୍ଗ ଆୟତ୍ତ କରିଥିଲେ ସୁଦ୍ଧା କଣ୍ଟନରଟିର କ୍ୟାବିନ ସମେତ ସମ୍ମୁଖପାର୍ଶ୍ୱ ଟାୟାର ଜଳିପୋଡି ନଷ୍ଟ ହୋଇଯାଇଥିଲା । ତେବେ ରବିବାର ଅପରାହ୍ନରେ ପ୍ରବଳ ଗରମ ଏବଂ ତାପମାତ୍ରା ପାଇଁ ସର୍ଟସର୍କିଟ ନଚେତ ଅନ୍ୟ କୌଣସି ଯାନ୍ତ୍ରିକ ତ୍ରୁଟି ପାଇଁ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିବାର ଅନୁମାନ କରାଯାଉଛି । ରାସ୍ତା ଉପରେ କଣ୍ଟେନରଟି ହୁତୁହୁତୁ ହୋଇ ଜଳୁଥିବାରୁ ସୁରକ୍ଷା ଦୃଷ୍ଟିରୁ ୧୮ନଂ ଜାତୀୟରାଜପଥର ଗୋଟିଏ ପାର୍ଶ୍ୱରେ ଯାତାୟାତକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଥିଲା । ଅଗ୍ନିଶମବାହିନୀ ଦ୍ୱାରା ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ ପରେ ୧୮ନଂ ଜାତୀୟରାଜପଥରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଅପ୍ରେଲ ୧୦ରେ ଶ୍ରୀମନ୍ଦିର ନିକଟରେ ନିଃଶୁଳ୍କ ସମୂହ ବ୍ରତୋପନୟନ

ପୁରୀ, ୨୯/୩ (ନି.ପ୍ର): ମା ଉଗ୍ରତାରା ଯୁବକ ସଂଘ, ପଶ୍ଚିମଦ୍ୱାର ପକ୍ଷରୁ ନିଃଶୁଳ୍କ ସମୂହ ବ୍ରତୋପନୟନ ଅପ୍ରେଲ୧୦ ତାରିଖରେ ଶ୍ରୀମନ୍ଦିର ନିକଟରେ ଅନୁଷ୍ଠିତ ହେବ । ଗରିବ ବ୍ରାହ୍ମଣ ବାଳକ ମାନେ ଏହି ବ୍ରତୋପନୟନ ଉପଲକ୍ଷେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ଶନିବାର ସଂଧ୍ୟାରେ ହଲିଡେ ରିସୋର୍ଟ ହୋଟେଲ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସୌମେନ୍ଦ୍ର ମୁଦଲିଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ କହିଲେ ଗରିବ ବ୍ରାହ୍ମଣ ପିଲାମାନଙ୍କୁ ବିନା ଖର୍ଚ୍ଚରେ ବ୍ରତ କରାଯିବ । ବ୍ରାହ୍ମଣ ବାଳକ ତାଙ୍କର ପିତାମାତା ଓ ମାମୁଁ ମାଇଁଙ୍କ ପାଇଁ ରହିବା ଖାଇବା ଓ ବ୍ରତ ସାରଞ୍ଜାମ ଯୋଗାଇ ଦିଆଯିବ । ଶ୍ରୀମନ୍ଦିର ଚାରିପଟ ବର୍ଣ୍ଣାଢ୍ୟ ରୋଷଣୀ ଶୋଭାଯାତ୍ରାରେ ବ୍ରତଧାରୀ ବାଳକ ମାନେ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ । ବ୍ରତଧାରୀ ମାନେ ଖୁସିରେ ଘରକୁ ଫେରିବେ ସେଥିପାଇଁ ଅନୁଷ୍ଠାନ ଅଧିକ ଯତ୍ନବାନ ହେବ । ବ୍ରାହ୍ମଣ ଓ ବାରିକ ଉପସ୍ଥିତ ରହିବେ । ଚଳିତବର୍ଷ ୧୦୦ ଜଣ ବ୍ରାହ୍ମଣ ବାଳକଙ୍କୁ ବ୍ରତ କରିବା ପାଇଁ ବ୍ୟବସ୍ଥା କରାଯାଉଛି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଉଛି । ଏହି ମହତ କାର୍ଯ୍ୟରେ ଯୋଗଦେବା ପାଇଁ ଅନୁଷ୍ଠାନ ଅନୁରୋଧ କରୁଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ମହାନ୍ତି, ନାରାୟଣ ପ୍ରତିହାରୀ, ରାଜକିଶୋର ମହାନ୍ତି, ଅଭିଜିତ ପଣ୍ଡା ,ବୃନ୍ଦାବନ ମହାନ୍ତି ଓ ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ମଂଚାସୀନ ଥିଲେ ।

## ଚର୍ମ କର୍କଟର ବିପଦ, ପରୀକ୍ଷା ଓ ପ୍ରତିଷେଧକ



'ଚିକିତ୍ସା ଅପେକ୍ଷା ପ୍ରତିଷେଧକ ଶ୍ରେୟସ୍କର' ପ୍ରବାଦଟି ଚର୍ମ କର୍କଟ ବିଷୟରେ ବିଚାର କରିବା ବେଳେ ଖୁବ୍ ପ୍ରାସଙ୍ଗିକ। ଚର୍ମ କର୍କଟ ସାଧାରଣତଃ ଚର୍ମର ତନ୍ତୁ ମଧ୍ୟରେ ମାଲିଗ୍ନାଣ୍ଟ୍ କୋଷଗୁଡ଼ିକର ଅସ୍ୱାଭାବିକ ବୃଦ୍ଧି ଦ୍ୱାରା ହୋଇଥାଏ। ଯଦିଓ ଏହା ପ୍ରାୟତଃ ସୂର୍ଯ୍ୟକିରଣ ସହିତ ଜଡ଼ିତ, ଏହା ବେଳେ ବେଳେ ସୂର୍ଯ୍ୟକିରଣରୁ ସୁରକ୍ଷାପ୍ରାପ୍ତ ଚର୍ମରେ ମଧ୍ୟ ବିକଶିତ ହୋଇପାରେ। ପାଶ୍ଚାତ୍ୟ ବିଶ୍ୱ ତୁଳନାରେ ଭାରତରେ ଏହାର ପ୍ରାଦୁର୍ଭାବ କମ୍ ଥିଲେ ମଧ୍ୟ, ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚର୍ମ କର୍କଟ ଏକ ଚିନ୍ତାର ବିଷୟ ହୋଇ ରହିଛି।

ଚର୍ମ କର୍କଟ ସାଧାରଣତଃ ତିନି ପ୍ରକାରର; ଯଥା ବାସାଲ୍ ସେଲ୍ କାର୍ସିନୋମା, ସ୍କ୍ୱାମସ୍ ସେଲ୍ କାର୍ସିନୋମା ଏବଂ ମେଲାନୋମା। ଭାରତୀୟ ଭେଷଜ ଗବେଷଣା ପରିଷଦ(ଆଇସିଏମ୍ଆର) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ସମଗ୍ର ଭାରତରେ ଚର୍ମ କର୍କଟ ରୋଗର ଆଞ୍ଚଳିକ ପରିବର୍ତ୍ତନକୁ ଦର୍ଶାଇଛି। ଉତ୍ତର ଭାରତରେ ମେଲାନୋମାର ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ବେଳେ ଉତ୍ତର-ପୂର୍ବ ଅଞ୍ଚଳରେ, ବିଶେଷକରି ନାଗାଲାଣ୍ଡରେ ଅଣମେଲାନୋମା ଅଧିକ ଦେଖା ଯାଇଛି।

ଚର୍ମ କର୍କଟ ବିପଦକୁ ହ୍ରାସ କରିବା ପାଇଁ ଅତି ବାଇଗଣୀ ରଶ୍ମି ସଂସ୍ପର୍ଶକୁ କମ୍ କରିବା ଭଳି ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ ହେଉଛି ଏ ଦିଗରେ ପ୍ରଥମ ଫଳପ୍ରସୂ ପ୍ରତିରକ୍ଷା

ଚର୍ମ କର୍କଟ ବିପଦକୁ ହ୍ରାସ କରିବା ପାଇଁ ଅତି ବାଇଗଣୀ ରଶ୍ମି ସଂସ୍ପର୍ଶ ବିରୋଧରେ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବା ହେଉଛି ପ୍ରଥମ ପ୍ରତିରକ୍ଷା। ସୂର୍ଯ୍ୟ ସଂସ୍ପର୍ଶକୁ ସୀମିତ କରିବା, ବିଶେଷକରି ଭୀଷଣ ଖରା ସମୟରେ ଛାଇରେ ରହିବା ଆଦି ପ୍ରଭାବଶାଳୀ ପ୍ରତିଷେଧକ ହୋଇପାରିବ। ଏଥି ସହିତ ପ୍ରତ୍ୟହ ବ୍ରଡ୍-ସ୍ପେକ୍ଟ୍ରମ୍ ସନ୍‌ସ୍କ୍ରିନ୍ ପ୍ରୟୋଗ ଅତିରିକ୍ତ ସୁରକ୍ଷା ଯୋଗାଇପାରିବ। ସେହିପରି ଇ-ସିଗାରେଟ୍ ସମେତ ଧୂମପାନରୁ ଦୂରେଇ ରହିବା ଆଦି ପଦକ୍ଷେପ ସ୍କ୍ୱାମସ୍ ସେଲ୍ କାର୍ସିନୋମା ଓ ମେଲାନୋମା ହେବାର ବିପଦକୁ କମାଇଦିଏ। ବୟସ ବଢ଼ିବା ସହିତ ଚର୍ମ କର୍କଟ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଚର୍ମରେ ଦେଖାଦେଉଥିବା ପରିବର୍ତ୍ତନ ଉପରେ ନଜର ରଖିବା ଉଚିତ। ଆବଶ୍ୟକ ସ୍ଥଳେ ଚର୍ମରୋଗ ବିଶେଷଜ୍ଞଙ୍କ ସହିତ ଆଲୋଚନା ମାଧ୍ୟମରେ ଚର୍ମ କର୍କଟ ବିପଦ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ। ଚର୍ମ କର୍କଟ ପରୀକ୍ଷଣ ବା ନିରୂପଣ ପାଇଁ କର୍କଟ କିମ୍ବା ପ୍ରାକ୍ କର୍କଟ ଅବସ୍ଥାର ସୂଚକ ସ୍ୱରୂପ ଚର୍ମ ଉପରେ କୌଣସି ନୂତନ ବୃଦ୍ଧି, ଦାଗ କିମ୍ବା ଅସ୍ୱାଭାବିକତାକୁ ବିଶ୍ଳେଷଣ କରାଯାଇଥାଏ। ଯଦି କୌଣସି ଚିନ୍ତାର କ୍ଷେତ୍ର ଚିହ୍ନଟ ହୁଏ, ତେବେ କର୍କଟ କୋଷର ଉପସ୍ଥିତି ନିଶ୍ଚିତ କରିବା ପାଇଁ ଚର୍ମ ବାୟୋପ୍ସି ପରି ଅଧିକ ପରୀକ୍ଷା ସୁପାରିସ କରାଯାଇପାରେ। ମେଲାନୋମାର ଅଧିକ ବିପଦ ଥିବା ବ୍ୟକ୍ତି କୋଷୀୟ ସ୍ତରରେ ଚର୍ମ କର୍କଟ ଚିହ୍ନଟ କରିବା ପାଇଁ ସମ୍ପୂର୍ଣ୍ଣ ଶରୀରର ୩ଡି ଇମେଜିଂ କିମ୍ବା କନ୍‌ଫୋକାଲ୍ ମାଇକ୍ରୋସ୍କୋପି ଭଳି ଉନ୍ନତ ଇମେଜିଂ ପଦ୍ଧତିରେ ସ୍କ୍ରିନିଂ କରାଯାଇଥାଏ। ଏହି ଅତ୍ୟାଧୁନିକ ପରୀକ୍ଷଣ କୌଶଳଗୁଡ଼ିକ ମେଲାନୋମାକୁ ପ୍ରାରମ୍ଭିକ ସ୍ତରରୁ ଚିହ୍ନଟରେ ସାହାଯ୍ୟ କରିଥାଏ, ବିଶେଷକରି ଶରୀରରେ ଅନେକ କଳାଜାଇ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଲାଭଦାୟକ। ସମ୍ପୂର୍ଣ୍ଣ ଶରୀରର ୩ଡି ଇମେଜିଂ ସହିତ, ଡାକ୍ତରମାନେ ଶରୀରର ଏକ ଡିଜିଟାଲ୍ ମଡେଲ୍ ତିଆରି କରି ପ୍ରତିଟି ଚର୍ମକ୍ଷତର ବିସ୍ତୃତ ତର୍ଜମା କରିପାରିବେ। ଚର୍ମ କର୍କଟ ସ୍କ୍ରିନିଂ ସାମଗ୍ରିକ ପ୍ରତିରୋଧକ ସ୍ୱାସ୍ଥ୍ୟର ଏକ ଅଂଶ ହୋଇପାରେ।




କାକୁଡି ଏକ ଲାଭଦାୟକ ଫଳ, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିଥାଏ, କିନ୍ତୁ କିଛି ଖାଦ୍ୟ ସହିତ ଏହାକୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଜାଣନ୍ତୁ, ଏହି ଖାଦ୍ୟ ସହିତ କାକୁଡ଼ି ଖାଇବାଠାରୁ ଦୂରେଇ ରହିବା ଉଚିତ। କାକୁଡ଼ି ସହିତ ଭୁଲ ଖାଦ୍ୟ ମିଶ୍ରଣ ପାଚନ ସମସ୍ୟା, ଗ୍ୟାସ ଏବଂ ପୁଷ୍ଟିହାର ହ୍ରାସ କରିପାରେ। ଆସନ୍ତୁ ଜାଣିବା କାକୁଡି ସହିତ କଣ ଖାଇବା ଉଚିତ ନୁହେଁ? କାକୁଡିରେ ପ୍ରଚୁର ପରିମାଣରେ ଭିଟାମିନ ସି ଏବଂ ପାଣି ଥାଏ, ଯେତେବେଳେ କ୍ଷୀର ଏକ ପ୍ରୋଟିନ, ଚର୍ବିଯୁକ୍ତ ଖାଦ୍ୟ। ଉଭୟକୁ ଏକାଠି ସେବନ କରିବା ଦ୍ୱାରା ପାଚନ ସମସ୍ୟା, ଗ୍ୟାସ ଏବଂ ଏସିଡିଟି ହୋଇପାରେ। କାକୁଡିରେ ଏପରି କିଛି ଉପାଦାନ ଥାଏ ଯାହା ଖଟା ଫଳ ସହିତ ମିଶିଲେ ଏସିଡିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ଏହା ପେଟ ପୋଡ଼ା, ଗ୍ୟାସ ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରିପାରେ। ତେଣୁ କାକୁଡି ସହିତ ଖଟା ଫଳ ଖାଇବାରୁ ଦୂରେଇ ରୁହନ୍ତୁ। ଭୋଜିରେ ପ୍ରାୟତଃ କାକୁଡି ଏବଂ ଟମାଟୋ ଏକାଠି ପରିବେଷଣ କରାଯାଏ, କିନ୍ତୁ ଏହି ଦୁଇଟି ଖାଦ୍ୟର ପାଚନ ସମୟ ଭିନ୍ନ ହୋଇଥାଏ। ଟମାଟୋ ଏସିଡିକ ଏବଂ କ୍ଷାରୀୟ ହୋଇଥାଏ, ତେଣୁ ଏହାର ମିଶ୍ରଣ କିଛି ଲୋକଙ୍କ ପାଇଁ ଗ୍ୟାସ, ଏସିଡିଟି ଏବଂ ଓକାର ଭଳି ସମସ୍ୟା ସୃଷ୍ଟି କରିପାରେ। କାକୁଡି ଏବଂ ତରଭୁଜର ମିଶ୍ରଣ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। କିନ୍ତୁ ଏଗୁଡ଼ିକୁ ଏକାଠି ଖାଇବା ଦ୍ୱାରା ପାଚନ ତନ୍ତ୍ର ଉପରେ ଅତ୍ୟଧିକ ଚାପ ପଡ଼ିଥାଏ। ଏହା ଡାଇରିଆ, ଗ୍ୟାସ ଏବଂ କ୍ରାମ୍ପ ସୃଷ୍ଟି କରିପାରେ, ବିଶେଷକରି ଦୁର୍ବଳ ପାଚନ ଶକ୍ତି ଥିବା ଲୋକଙ୍କ ପାଇଁ ଏହି ସମସ୍ୟା ବଢ଼ିପାରେ। ତେଣୁ କାକୁଡ଼ି ଏବଂ ତରଭୁଜ ଏକାଠି ଖାଇବାରୁ ଦୂରେଇ ରୁହନ୍ତୁ। କାକୁଡି ଶରୀରକୁ ଥଣ୍ଡା କରିଥାଏ, ଯେତେବେଳେ ମସଲାଯୁକ୍ତ ଖାଦ୍ୟ ଗରମ ପ୍ରଭାବ ପକାଇଥାଏ। ଉଭୟକୁ ଏକାଠି ସେବନ କରିବା ଦ୍ୱାରା ଶରୀରର ତାପମାତ୍ରାରେ ଅସନ୍ତୁଳନ ହୋଇପାରେ, ଯାହା ପାଚନ ସମସ୍ୟା ସୃଷ୍ଟି କରିପାରେ।

## ବ୍ୟାୟାମ କରିବା ପୂର୍ବରୁ ଏସବୁ ଦିଗ ପ୍ରତି ରଖନ୍ତୁ ଧ୍ୟାନ



ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏହି ସମୟରେ ଶୋଷ ଲାଗିଲେ ଅଳ୍ପ ପାଣି ପିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



## କେମିତି ବଢାଇବେ ପିଲାଙ୍କ ସୋସିଆଲ ସ୍କିଲ୍: ଆପଣାନ୍ତୁ ଏହି ଟିପ୍ସ

ପିଲାଙ୍କ ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ସୋସିଆଲ ସ୍କିଲ୍ ମଧ୍ୟ ବଢ଼ାଇବାକୁ ହୋଇଥାଏ। ପିଲାମାନେ ଯଦି ଏହି କ୍ଷେତ୍ରରେ ଦୁର୍ବଳ ରହିଥାନ୍ତି ତେବେ ମାତାପିତା ଏଥିପ୍ରତି ଦୃଷ୍ଟିଦେବା ଜରୁରୀ।

ପିଲାଙ୍କୁ ଶେୟାରିଂ ଗୁଣ ଶିଖାନ୍ତୁ। ଫଳରେ ପିଲାମାନେ ସମସ୍ତଙ୍କ ସହ ମିଳିମିଶି ଚଳିପାରିବେ। ପିଲାବେଳରୁ ଏହି ଗୁଣ ଶିଖିଥିଲେ ବଡ଼ ହେବା ପରେ ତା'ର ପ୍ରଭାବ ପଡ଼ିଥାଏ। ପ୍ରତି କ୍ଷେତ୍ରରେ ସେମାନେ ସମସ୍ତଙ୍କ ସହ ମିଶି ସବୁକାମ କରିବାକୁ ପସନ୍ଦ କରିବେ। ଫଳରେ ସେମାନଙ୍କ ସୋସିଆଲ୍ ସ୍କିଲ ବହୁତ ଭଲ ହୋଇପାରିବ। କେତେଜଣ ପିଲା ନିଜ ଖେଳନା କାହାକୁ ଦେଇ ନ ଥାନ୍ତି। ବରଂ ଅନ୍ୟମାନଙ୍କ ଖେଳନାରେ ଖେଳିବାକୁ ପସନ୍ଦ କରନ୍ତି। ପିଲାଙ୍କର ଏହି ଗୁଣକୁ ବଦଳାଇବାକୁ କୁହନ୍ତୁ। ସମସ୍ତଙ୍କ ଖେଳନାରେ ସମସ୍ତେ ଖେଳିବା ଦରକାର ବୋଲି ବୁଝାନ୍ତୁ। ଏହା ଫଳରେ ସେମାନେ ଉଦାର ହୃଦୟର ହୋଇପାରିବେ ଓ ଏକାଠି ରହିବା ଶିଖିପାରିବେ।

ନୈତିକତା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗପ ଶୁଣାନ୍ତୁ। ଏହି ମାଧ୍ୟମରେ ଉତ୍ତମ ଚରିତ୍ରର ବ୍ୟକ୍ତି ସମାଜରେ କିଭଳି ପ୍ରଶଂସିତ ହୋଇପାରନ୍ତି ପିଲାଙ୍କୁ ବୁଝାନ୍ତୁ। ଫଳରେ ଏହାର ପ୍ରଭାବରେ ସେମାନେ ନିଜକୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିପାରିବେ ଓ ଅନ୍ୟର ଉପକାର ଚିନ୍ତା କରିପାରିବେ। ନମ୍ରତା ଏକ ଭଲ ଗୁଣ। ଏଭଳି ଗୁଣ ସମ୍ପର୍କରେ ପିଲାଙ୍କୁ ଶିଖାନ୍ତୁ। ଏହା ସେମାନଙ୍କ ବ୍ୟକ୍ତିତ୍ୱ ବୃଦ୍ଧି କରିପାରିବ। ଫଳରେ ସମାଜର ବିଭିନ୍ନ କ୍ଷେତ୍ରରେ ସେମାନେ ଭଲ କାମ କରିବାର ପ୍ରୟାସ କରିବେ। ଏସବୁ ଦ୍ୱାରା ସେମାନଙ୍କ ସୋସିଆଲ ସ୍କିଲ୍ ବହୁତ ଭଲ ହୋଇପାରିବ।

## ଏସବୁ ଖାଦ୍ୟ ଗରମ କରି ଖାଉଛନ୍ତି କି? ହୋଇଯାନ୍ତୁ ସାବଧାନ, ନଚେତ୍...



କିଛି ଖାଦ୍ୟ ଏପରି ଅଛି ଯାହାକୁ ଅଧିକ ଗରମ କରି ଖାଇଲେ ତାହା ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏନେଇ ଜାଣିବା ପରେ ବଦଳାଇ ଦିଅନ୍ତୁ ଅଭ୍ୟାସ



ବ୍ରେଡ୍: ହ୍ୱାଇଟ୍ ବ୍ରେଡ୍‌ରେ କାର୍ବୋହାଇଡ୍ରେଟ୍ସ ଓ ସୁଗାର ବହୁ ଅଧିକ ରହିଥାଏ। ଏହାକୁ ଅଧିକ ଗରମ କଲେ ଏଥିରେ ଏଭଳି ଏକ ତତ୍ତ୍ୱ ସୃଷ୍ଟି ହୁଏ ଯାହା କ୍ୟାନ୍‌ସରର ଆଶଙ୍କା ବଢ଼ାଇ ଦେଇଥାଏ। ତେଣୁ ବ୍ରେଡ୍‌କୁ ଅଧିକ ଗରମ କରନ୍ତୁ ନାହିଁ ଓ ପୋଡ଼ିଯାଇଥିବା ଅଂଶକୁ ଆଦୌ ଖାଆନ୍ତୁ ନାହିଁ।

ଆଳୁ:ଛୋଟରୁ ବଡ଼ ସମସ୍ତଙ୍କର ପ୍ରିୟ ଆଳୁ। ହେଲେ ଏହାକୁ ଅଧିକ ଭାଜି ଖାଇଲେ ତାହା ମଧ୍ୟ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିପାରେ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଆଳୁକୁ ଅଧିକ ଆଞ୍ଚରେ ଭାଜିଲେ ବା ଗରମ କଲେ ସେଥିରୁ ଏକ ହାନିକାରକ ତତ୍ତ୍ୱ ବାହାରିଥାଏ ଯାହା ମଧ୍ୟ କ୍ୟାନ୍‌ସର ସୃଷ୍ଟି କରିବାର ଏକ କାରଣ ହୋଇପାରେ।



ତେଲ: ତେଲରେ କୌଣସି ଜିନିଷକୁ ଛାଣି ଖାଇବା ପରେ ବଳକା ତେଲକୁ ବାରମ୍ବାର ଗରମ କରି ଖାଇଲେ ତାହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। କାରଣ ତେଲକୁ ବାରମ୍ବାର ଗରମ କଲେ ସେଥିରେ ହାନିକାରକ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି ଯାହା କ୍ୟାନ୍‌ସର ସୃଷ୍ଟିର ମଧ୍ୟ ଅନ୍ୟତମ କାରଣ ହୋଇପାରେ।

ଫ୍ରୋଜନ ଫୁଡ୍: ମାର୍କେଟରେ ମିଳୁଥିବା ବିଭିନ୍ନ ପ୍ରକାର ଫ୍ରୋଜନ ଫୁଡ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହି ପ୍ରକାରରେ ରଖାଯାଇଥିବା ମାଂସରେ ନାଇଟ୍ରେଟ୍ ଓ ନାଇଟ୍ରାଇଟ୍ ଭଳି ପଦାର୍ଥ ରହିଥାଏ ଯାହାକୁ ରାନ୍ଧିବା ମାତ୍ରେ ଏକ ପ୍ରକାର ହାନିକାରକ ତତ୍ତ୍ୱ ବାହାରିଥାଏ, ଯାହା କ୍ୟାନ୍‌ସର ସୃଷ୍ଟି କରିପାରେ। ଯଦି ଏହି ପ୍ରକାର ମାଂସ ଆଣନ୍ତି ତେବେ ଏହାକୁ ଓଭରକୁକ୍ କରନ୍ତୁ ନାହିଁ।

ମାଛ: ମାଛରେ ପ୍ରୋଟିନ୍ ରହିଛି। କିନ୍ତୁ ଏହାକୁ ଅଧିକ ଭାଜି ଖାଇଲେ ତାହା କ୍ୟାନ୍‌ସର ସୃଷ୍ଟି କରିପାରେ।

ସେହିପରି ପ୍ଲାଷ୍ଟିକ୍ ବାସନ ନେଇ ଓଭାନ୍‌ରେ ଗରମ କରି ଖାଇଲେ, ନନ୍‌ଷ୍ଟିକ୍ ବାସନରେ ପୋଡ଼ିଯାଇଥିବା ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ।





# ଟାର୍ଗେଟ୍ କିଲିଂ: ଯୁଦ୍ଧକ୍ଷେତ୍ରରେ ଟାର୍ଗେଟ୍‌ରେ ସାମ୍ବାଦିକ

ସାମ୍ପ୍ରତିକ ସମୟରେ ଯୁଦ୍ଧକ୍ଷେତ୍ରରୁ ଖବର ସଂଗ୍ରହ କରୁଥିବା ସାମ୍ବାଦିକମାନଙ୍କ ସୁରକ୍ଷା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିକଟରେ ଦକ୍ଷିଣ ଲେବାନନରେ ଇସ୍ରାଏଲ୍‌ର ଏକ ଆକ୍ରମଣରେ ଆଲ୍-ମନାର୍ ଏବଂ ଆଲ୍-ମାୟାଦିନ୍ ନେଟୱାର୍କର ତିନି ଜଣ ସାମ୍ବାଦିକ ତଥା କ୍ୟାମେରାମ୍ୟାନ୍ ନିହତ ହେବା ଘଟଣା ସମଗ୍ର ବିଶ୍ୱରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଏହା କେବଳ ତିନି ଜଣ ବ୍ୟକ୍ତିଙ୍କର ମୃତ୍ୟୁ ନୁହେଁ, ବରଂ ସତ୍ୟର ସ୍ୱରକୁ ଚାପି ଦେବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର । ଯୁଦ୍ଧକ୍ଷେତ୍ରରେ ସାମ୍ବାଦିକମାନେ କୌଣସି ପକ୍ଷର ସୈନିକ ନୁହଁନ୍ତି, ସେମାନଙ୍କର ଅସ୍ତ୍ର ହେଉଛି କେବଳ କଲମ ଏବଂ କ୍ୟାମେରା । ନିରପେକ୍ଷ ଖବର ସଂଗ୍ରହ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଲକ୍ଷ୍ୟ କରି ଆକ୍ରମଣ କରିବା ସମ୍ପୂର୍ଣ୍ଣ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହା ଆନ୍ତର୍ଜାତିକ ମାନବବାଦୀ ଆଇନର ଖୋଲା ଉଲ୍ଲଂଘନ ଅଟେ । ଇସ୍ରାଏଲ୍ ପକ୍ଷରୁ ଏହି ସାମ୍ବାଦିକମାନଙ୍କୁ ନେଇ ଯେଉଁ ଯୁକ୍ତି ଉପସ୍ଥାପନ କରାଯାଉଛି, ତାହା ବିନା ପ୍ରମାଣରେ ନିଜର ଅମାନବୀୟ କାର୍ଯ୍ୟକୁ ଲୁଚାଇବା ପାଇଁ ଏକ ବାହାନା ମାତ୍ର ବୋଲି ସମୀକ୍ଷକମାନେ ମତ ପୋଷଣ କରୁଛନ୍ତି ।

ଏହି ପ୍ରସଙ୍ଗକୁ ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣରୁ ଦେଖିଲେ ଜଣାଯାଏ ଯେ, ଯୁଦ୍ଧ ସମୟରେ ସାମ୍ବାଦିକମାନଙ୍କୁ ଟାର୍ଗେଟ୍ କରିବା ଏକ ଭୟଙ୍କର ସାମରିକ ରଣନୀତିରେ ପରିଣତ ହୋଇଛି। ସାମ୍ବାଦିକମାନେ ଯୁଦ୍ଧକ୍ଷେତ୍ରର ପ୍ରକୃତ ଚିତ୍ର ଏବଂ ମାନବିକ ଅଧିକାରର ଉଲ୍ଲଂଘନକୁ ବିଶ୍ୱବାସୀଙ୍କ ସାମ୍ନାକୁ ଆଣିଥାନ୍ତି । ସରକାର ଏବଂ ସାମରିକ ବାହିନୀମାନେ ନିଜର ଯୁଦ୍ଧ ଅପରାଧକୁ ଲୁଚାଇବା ପାଇଁ ସାମ୍ବାଦିକମାନଙ୍କୁ ରାସ୍ତାରୁ ହଟାଇ ଦେବାକୁ ଶ୍ରେୟ ମଣୁଛନ୍ତି। ଲେବାନନରେ ଘଟିଥିବା ଏହି ଉଦ୍ଦେଶ୍ୟମୂଳକ ହତ୍ୟାକାଣ୍ଡ ପ୍ରମାଣିତ କରୁଛି ଯେ ଇସ୍ରାଏଲ୍ ସେନା ଗଣମାଧ୍ୟମକୁ ଭୟଭୀତ କରିବାକୁ ଚାହୁଁଛି । ଯେଉଁମାନେ ପ୍ରେସ୍ ଲେଖାଥିବା ଜ୍ୟାକେଟ୍ ପିନ୍ଧି ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି, ସେମାନଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସେମାନଙ୍କ ଉପରେ ବୋମା ମାଡ଼ କରିବା ଏକ ସଭ୍ୟ ସମାଜର ଲକ୍ଷଣ ନୁହେଁ । ଏହା ଦ୍ୱାରା ଯୁଦ୍ଧକ୍ଷେତ୍ରରେ ଏକ ତଥ୍ୟଶୂନ୍ୟ ଅବସ୍ଥା ସୃଷ୍ଟି ହେଉଛି, ଯେଉଁଠାରେ କେବଳ ଅପପ୍ରଚାର ବଞ୍ଚି ରହୁଛି ଏବଂ ସତ୍ୟ ଲୁଚି ଯାଉଛି । ବିଦେଶୀ ସାମ୍ବାଦିକମାନଙ୍କୁ ଯୁଦ୍ଧକ୍ଷେତ୍ରରେ ପ୍ରବେଶ ଅନୁମତି ନଦେବା ଏବଂ ସ୍ଥାନୀୟ ସାମ୍ବାଦିକମାନଙ୍କୁ ହତ୍ୟା କରିବା ଦ୍ୱାରା ଏକପାଖିଆ ଖବର ପ୍ରସାରଣ ପାଇଁ ବାଟ ଫିଟିଥାଏ ।

ଆନ୍ତର୍ଜାତିକ ଆଇନ ଏବଂ ଜେନେଭା ଚୁକ୍ତିନାମା ଅନୁଯାୟୀ ସାମ୍ବାଦିକମାନଙ୍କର ସୁରକ୍ଷା ପାଇଁ ସ୍ପଷ୍ଟ ନିୟମ ରହିଛି । ଜେନେଭା ଚୁକ୍ତିନାମାର ଅତିରିକ୍ତ ପ୍ରୋଟୋକଲ୍ ଏକ ର ଧାରା ୭୯ ଅନୁଯାୟୀ, ସଶସ୍ତ୍ର ସଂଘର୍ଷରେ ବିପଜ୍ଜନକ ବୃତ୍ତିଗତ ମିଶନରେ ଥିବା ସାମ୍ବାଦିକମାନଙ୍କୁ ସାଧାରଣ ନାଗରିକ ଭାବରେ ବିବେଚନା କରାଯିବ ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯିବ । ଜାତିସଂଘ ନିରାପତ୍ତା ପରିଷଦର ରେଜୋଲ୍ୟୁସନ୍ ୧୭୩୮ ଏବଂ ୨୨୨୨ ମଧ୍ୟ ଯୁଦ୍ଧକ୍ଷେତ୍ରରେ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସମସ୍ତ ପକ୍ଷଙ୍କୁ ବାଧ୍ୟ କରିଥାଏ । ତଥାପି, ଇସ୍ରାଏଲ୍ ପରି ରାଷ୍ଟ୍ରମାନେ ଏହି ନିୟମଗୁଡ଼ିକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି । ଆଇନଗତ ଦୃଷ୍ଟିକୋଣରୁ ବିଚାର କଲେ, ଜାଣିଶୁଣି ଜଣେ ସାମ୍ବାଦିକଙ୍କୁ ଟାର୍ଗେଟ୍ କରି ହତ୍ୟା କରିବା ଏକ ସ୍ପଷ୍ଟ ଯୁଦ୍ଧ ଅପରାଧ ଅଟେ । ଇସ୍ରାଏଲ୍ ସେନା ଯେଉଁଭଳି ଭାବରେ ସେମାନଙ୍କ ଅବସ୍ଥାନକୁ ଚିହ୍ନଟ କରି ସଠିକ୍ ଆକ୍ରମଣ କରିଛି, ତାହା ଆନ୍ତର୍ଜାତିକ ମାନବବାଦୀ ଆଇନର ମୂଳଦୁଆକୁ ଦୋହଲାଇ ଦେଇଛି ଏବଂ ଆନ୍ତର୍ଜାତିକ ନ୍ୟାୟ ବ୍ୟବସ୍ଥା ପ୍ରତି ଏକ ଖୋଲା ଆହ୍ୱାନ ସୃଷ୍ଟି କରିଛି ।

ଏହି ସମସ୍ୟାର ଗମ୍ଭୀରତାକୁ ବୁଝିବା ପାଇଁ କିଛି ପରିସଂଖ୍ୟାନ ଉପରେ ନଜର ପକାଇବା ଆବଶ୍ୟକ । କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟ୍ସ ବା ସିପିଜେ ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ବିଗତ କିଛି ମାସ ମଧ୍ୟରେ ଗାଜା ଏବଂ ଲେବାନନ୍ ସାମ୍ବାଦିକମାନଙ୍କ ପାଇଁ ସବୁଠାରୁ ବିପଜ୍ଜନକ ସ୍ଥାନ ପାଲଟିଛି । ଏହି ସଂଘର୍ଷରେ ଏକ ଶହ ତିରିଶରୁ ଅଧିକ ସାମ୍ବାଦିକ ଏବଂ ଗଣମାଧ୍ୟମ କର୍ମଚାରୀ ନିହତ ହୋଇସାରିଲେଣି, ଯେଉଁଥିରୁ ଅଧିକାଂଶ ଇସ୍ରାଏଲୀ ଆକ୍ରମଣର ଶିକାର ହୋଇଛନ୍ତି । ସିପିଜେ ୧୯୯୨ ମସିହାରୁ ତଥ୍ୟ ସଂଗ୍ରହ ଆରମ୍ଭ କରିବା ଦିନଠାରୁ କୌଣସି ଗୋଟିଏ ସଂଘର୍ଷରେ ଏତେ କମ୍ ସମୟ ମଧ୍ୟରେ ଏତେ ବଡ଼ ଧରଣର ସାମ୍ବାଦିକ ହତ୍ୟାକାଣ୍ଡ କେବେବି ଦେଖାଯାଇ ନଥିଲା । ଆଧୁନିକ ଜ୍ଞାନକୌଶଳ ଯେପରିକି ଡ୍ରୋନ୍ ମାଧ୍ୟମରେ ସାମ୍ବାଦିକମାନଙ୍କୁ ଖୋଜି ଖୋଜି ହତ୍ୟା କରାଯାଉଛି । ଉଦ୍ଦେଶ୍ୟମୂଳକ ହତ୍ୟାକାଣ୍ଡର ଏହି ପରିସଂଖ୍ୟାନ ଅତ୍ୟନ୍ତ ଭୟାବହ ଏବଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ପ୍ରତି ଥିବା ବିପଦର ସୂଚନା ଦେଉଛି । ଲେବାନନରେ ତିନି ଜଣ ସାମ୍ବାଦିକଙ୍କର ସଦ୍ୟତମ ହତ୍ୟା ଏହି ଧାରାବାହିକ ହିଂସାର ଏକ ଅଂଶବିଶେଷ ମାତ୍ର, ଯାହାକି ସମଗ୍ର ବିଶ୍ୱର ସାମ୍ବାଦିକ ସମାଜକୁ ସ୍ତବ୍ଧ କରିଦେଇଛି ।

ସାମ୍ବାଦିକମାନଙ୍କ ଉପରେ ହେଉଥିବା ଏହି କ୍ରମାଗତ ଆକ୍ରମଣ ସମଗ୍ର ବିଶ୍ୱର ଗଣମାଧ୍ୟମ ଉପରେ ଏକ ଭୟାନକ ମାନସିକ ପ୍ରଭାବ ପକାଉଛି । ଯେତେବେଳେ ରାଷ୍ଟ୍ରମାନେ ବିନା କୌଣସି ଦଣ୍ଡବିଧାନରେ ସାମ୍ବାଦିକମାନଙ୍କୁ ହତ୍ୟା କରି ଖସିଯାଆନ୍ତି, ସେତେବେଳେ ଏହା ଏକ ଦଣ୍ଡମୁକ୍ତ ସଂସ୍କୃତିକୁ ଜନ୍ମ ଦେଇଥାଏ । ଫଳସ୍ୱରୂପ, ଅନ୍ୟ ସାମ୍ବାଦିକମାନେ ଭୟଭୀତ ହୋଇ ନିଜର ରିପୋର୍ଟିଂକୁ ସୀମିତ କରିଦିଅନ୍ତି କିମ୍ବା ସ୍ୱୟଂ ସେନ୍ସରସିପ୍ ଅବଲମ୍ବନ କରନ୍ତି। ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ, ପୂର୍ବରୁ ସାମ୍ବାଦିକମାନେ ଦୁର୍ଘଟଣାବଶତଃ ବା କ୍ରସ୍ ଫାୟାରିଂରେ ପ୍ରାଣ ହରାଉଥିଲେ, ମାତ୍ର ଆଜିକାଲି ସେମାନଙ୍କୁ ଜାଣିଶୁଣି ଶତ୍ରୁ ଭାବରେ ବିବେଚନା କରାଯାଉଛି । ଡିଜିଟାଲ୍ ଯୁଗରେ ସୂଚନାର ପ୍ରବାହ ଏତେ ଦ୍ରୁତ ଯେ, କୌଣସି ରାଷ୍ଟ୍ର ନିଜର ଯୁଦ୍ଧ ଅପରାଧକୁ ବେଶୀ ସମୟ ଲୁଚାଇ ରଖିପାରିବ ନାହିଁ । ତେଣୁ ସତ୍ୟକୁ ପଦାକୁ ଆଣୁଥିବା ବ୍ୟକ୍ତିବିଶେଷଙ୍କୁ ହିଁ ପ୍ରଥମେ ଟାର୍ଗେଟ୍ କରାଯାଉଛି । ସେମାନଙ୍କର କ୍ୟାମେରା ଲେନ୍ସରେ କଏଦ ହେଉଥିବା ଦୃଶ୍ୟଗୁଡ଼ିକ ଆଗାମୀ ପିଢ଼ି ପାଇଁ ଐତିହାସିକ ପ୍ରମାଣ ଭାବରେ କାର୍ଯ୍ୟ କରିବ । ତେଣୁ ସେମାନଙ୍କ ଉପରେ ଆକ୍ରମଣ କରିବା ଅର୍ଥ ହେଉଛି ଇତିହାସକୁ ବିକୃତ କରିବାର ଏକ ଅପଚେଷ୍ଟା ।

ଏହି ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ସମ୍ପ୍ରଦାୟର ନିଷ୍କ୍ରିୟତା ଏବଂ ଦ୍ୱୈତ ନୀତି ଅତ୍ୟନ୍ତ ନିରାଶାଜନକ ଅଟେ । କେବଳ ମୌଖିକ ନିନ୍ଦା କିମ୍ବା ଉଦବେଗ ପ୍ରକାଶ କରିବା ଦ୍ୱାରା ସାମ୍ବାଦିକମାନଙ୍କ ଜୀବନ ରକ୍ଷା କରାଯାଇପାରିବ ନାହିଁ । ଆନ୍ତର୍ଜାତିକ ଅପରାଧିକ ନ୍ୟାୟାଳୟ ଦ୍ୱାରା ଏହି ହତ୍ୟାକାଣ୍ଡଗୁଡ଼ିକର ଏକ ନିରପେକ୍ଷ ଏବଂ ସ୍ୱାଧୀନ ତଦନ୍ତ ହେବା ନିହାତି ଆବଶ୍ୟକ ଏବଂ ଦୋଷୀମାନଙ୍କୁ ଯୁଦ୍ଧ ଅପରାଧୀ ଭାବରେ ବିଚାର କରାଯିବା ଉଚିତ୍ । ପରିଶେଷରେ ଏହା କୁହାଯାଇପାରେ ଯେ, ସାମ୍ବାଦିକତା କୌଣସି ଅପରାଧ ନୁହେଁ ଏବଂ ଯୁଦ୍ଧକ୍ଷେତ୍ରରୁ ଖବର ସଂଗ୍ରହ କରିବା କୌଣସି ବ୍ୟକ୍ତିର ମୃତ୍ୟୁଦଣ୍ଡର କାରଣ ହୋଇନପାରେ । ଲେବାନନରେ ତିନି ଜଣ ନିର୍ଦ୍ଦୋଷ ସାମ୍ବାଦିକଙ୍କୁ ଇସ୍ରାଏଲ୍ ଦ୍ୱାରା ଟାର୍ଗେଟ୍ କରି ହତ୍ୟା କରାଯିବା ଘଟଣା ବିଶ୍ୱର ବିବେକକୁ ଦୋହଲାଇ ଦେବା ଉଚିତ୍ । ସତ୍ୟର ସନ୍ଧାନରେ ନିଜ ଜୀବନକୁ ବାଜି ଲଗାଉଥିବା ଏହି ସାହସୀ ବ୍ୟକ୍ତିମାନଙ୍କର ବଳିଦାନ ବୃଥା ଯିବା ଉଚିତ୍ ନୁହେଁ । ଆନ୍ତର୍ଜାତିକ ମାନବବାଦୀ ଆଇନର କଠୋର ଅନୁପାଳନ ହିଁ ଏକମାତ୍ର ପଥ, ଯାହାଦ୍ୱାରା ଯୁଦ୍ଧକ୍ଷେତ୍ରରେ ସାମ୍ବାଦିକମାନଙ୍କର ସୁରକ୍ଷା ନିଶ୍ଚିତ କରାଯାଇପାରିବ ଏବଂ ସତ୍ୟର ସ୍ୱରକୁ ଚିରସ୍ଥାୟୀ ରଖାଯାଇପାରିବ ।

## ଅନୁଚିନ୍ତା

### ଡ. ଦୀପକ କୁମାର ମିଶ୍ର

ସମ୍ପୂର୍ଣ୍ଣ ହେତୁ ଓ
ହିତାହିତ ଜ୍ଞାନ ଅନୁପାତରେ
ମୃତ୍ୟୁକୁ ମହୋତ୍ସବ କରିବା,
ଅଶ୍ରୁକୁ ସମ୍ମୋହନ କରି
ସମ୍ପର୍କ ଠୁ ଶେଷ ବିଦାୟ ନେବା
ଅପାର ମର୍ଯ୍ୟାଦାପୂର୍ଣ୍ଣ ମଞ୍ଚର
ସ୍ୱତନ୍ତ୍ର ମର୍ଜିରେ
ଅପରଲୋକର ଲୁହା କବାଟରେ ଗୋଇଠା
ମାରି
ମୃତ୍ୟୁର ସର୍ବକାଳୀନ ସଂଜ୍ଞାରେ
ଆମୂଳଚୂଳ ପରିବର୍ତ୍ତନ ଆଣିବା,
ଏକ ବିଶେଷ ଐତିହାସିକ
ଦର୍ଶନ ଓ ଦୃଷ୍ଟିକୋଣର
ନିଶ୍ଚିତ ରୂପେ ମଙ୍ଗ ପରିବର୍ତ୍ତନ ।

କିଏ କହି ପାରିବ କି
ନିଜ ରକ୍ତର ଇଚ୍ଛାମୃତ୍ୟୁର
ଘଡ଼ିସନ୍ଧି ମୁହୂର୍ତ୍ତରେ
ସାକ୍ଷୀ ହୁଏ କେଉଁ ବାପା
କେଉଁ ମାଆ ମଙ୍ଗୁଳେଇ ଦେଇ କରେ
ନିଜ ଏକୋଇରବଳାର
ଶେଷ କୋକେଇ ଯାତ୍ରାରେ
ଇଚ୍ଛାକୃତ ଭବ୍ୟ ସମ୍ଭାଷଣା ।

କାରୁଣ୍ୟର କେକ୍ କାଟି,
ମମତାର ମହମବତୀ ଜାଳି
ଅନ୍ତଚିରା ଜିଅନ୍ତା ଜୁଇଟେ ଜଳେଇ
ଆତ୍ମାକୁ ଆନ୍ଦୋଳିତ
କରିବାର ଦୁଃଶାହସ
ଜନ୍ମ-ମୃତ୍ୟୁର ଚିରନ୍ତନ ସତ୍ୟଚକ୍ରରେ
ଏକ ନିଷ୍ଠୁର ବିଡ଼ମ୍ବନା ନା
କ୍ରୁର ଛାତିଥରା ଅନନ୍ୟୋପାୟର
ବିଜ୍ଞ ବିଚାରଣା ।

ମନା ନାହିଁ,
ଅଭିମାନପୂର୍ଣ୍ଣ ଜୀବନରୁ,
ସ୍ଥାଣୁ ଯୌବନରୁ
ମିଳିଗଲା ସ୍ଥାୟୀ ମୁକ୍ତିଟିଏ
ଏକ ଅଭାବନୀୟ ଇଚ୍ଛାମୃତ୍ୟୁର
ନିଛକ ବାହାନାବାଜିରେ ।
ଛଛଛଛ

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

# ଧ୍ୱନି ପ୍ରତିଧ୍ୱନି



## ମୁଢି ଦିବସ :ପାରମ୍ପରିକ ଖାଦ୍ୟର ରାଜାଭିଷେକ

### ଡ.ରାଧାରଂଜନ ପଟ୍ଟନାୟକ

ଓଡ଼ିଆ ଜୀବନ ଓ ସଂସ୍କୃତିର ଅନ୍ତରଙ୍ଗ ପୃଷ୍ଠାରେ 'ମୁଢ଼ି' କେବଳ ଏକ କ୍ଷୁଧା ନିବାରକ ଖାଦ୍ୟ ନୁହେଁ, ବରଂ ଏହା ଆମ ମାଟିର ବାସ୍ନା, ଆତ୍ମୀୟତା ଓ ସାମାଜିକ ସଂହତିର ଏକ ଅବିଚ୍ଛେଦ୍ୟ ଅଂଶ। ସ୍ନିଗ୍ଧ ସକାଳର ଜଳଖିଆ ହେଉ କିମ୍ବା ସନ୍ଧ୍ୟାର ଚଟପଟା ଆସର, ଗରିବର ଭଙ୍ଗା ଝୁପୁଡି ଘର ହେଉ କିମ୍ବା ଧନୀର ଅଟ୍ଟାଳିକା—ମୁଢ଼ିର ଆଦର ସର୍ବବ୍ୟାପୀ ଓ ଅତୁଳନୀୟ। ମୟୂରଭଞ୍ଜରୁ ବାଲେଶ୍ୱର ଏବଂ ପୁରୀରୁ ସମ୍ବଲପୁର ପର୍ଯ୍ୟନ୍ତ ଓଡ଼ିଶାର ପ୍ରତିଟି ପ୍ରାନ୍ତରେ ମୁଢ଼ିକୁ ଲୋକେ ନିଜସ୍ୱ ସାଂସ୍କୃତିକ ଢଙ୍ଗରେ ଆପଣେଇ ନେଇଛନ୍ତି। ଏହି ପାରମ୍ପରିକ ଖାଦ୍ୟର ଉତ୍ପତ୍ତି ଇତିହାସ ପ୍ରାୟ ଅଢ଼େଇ ହଜାର ବର୍ଷ ପୁରୁଣା ବୋଲି ଅନୁମାନ କରାଯାଏ, ଯାହାର ସୂଚନା ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ 'ଲାଜା' ଶବ୍ଦରୁ ମିଳିଥାଏ। ଭାରତୀୟ କୃଷିଭିତ୍ତିକ ସଂସ୍କୃତିର ଏହି ଅନନ୍ୟ ଉଦ୍ଭାବନ ଆଜି ବିଶ୍ୱ ଦରବାରରେ ଓଡ଼ିଆ ସ୍ୱାଭିମାନର ପରିଚୟ ସୃଷ୍ଟି କରିଛି। ବିଶେଷ କରି ଉତ୍ତର ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ମୁଢ଼ିର ଇତିହାସ ସହିତ ଏକ ଅପୂର୍ବ ସାମ୍ପ୍ରଦାୟିକ ସଦ୍ଭାବର ଗାଥା ଜଡ଼ିତ। ସହରର ସୁନହଟ ଅଞ୍ଚଳରେ ଥିବା ପ୍ରାୟ ଦୁଇ ଶହ ବର୍ଷର ପୁରାତନ 'ଭୁଜାଖିଆ ପୀର' ଏହାର ଜ୍ୱଳନ୍ତ ନିଦର୍ଶନ। ଅଷ୍ଟାଦଶ ଶତାବ୍ଦୀର ସନ୍ଥ ହଜରତ ସୟଦ ମୁସାଫିର କାଦ୍ରୀଙ୍କର ମୁଢି ପ୍ରତି ଥିବା ଅନନ୍ୟ ଅନୁରାଗ ପାଇଁ ସେ 'ଭୁଜାଖିଆ ପୀର' ଭାବେ ସର୍ବଜନବିଦିତ। ଏଠାରେ ହିନ୍ଦୁ ପରିବାର ନିଷ୍ଠାର ସହ ମୁଢି ଭାଜନ୍ତି ଏବଂ ମୁସଲମାନ ସମ୍ପ୍ରଦାୟର ମୌଲବୀ ସେହି ମୁଢ଼ିକୁ ବାବାଙ୍କ ପାଖରେ ଶିରିଣୀ ରୂପେ ଅର୍ପଣ କରନ୍ତି। ଏହି ପରମ୍ପରା ପ୍ରମାଣ କରେ ଯେ, ମୁଢି କେବଳ ଏକ ଶସ୍ୟ ନୁହେଁ, ବରଂ ଏହା ମାନବିକତାକୁ ଏକାଠି ବାନ୍ଧି ରଖିବାର ଏକ ମାର୍ମିକ ସେତୁ।

ଆଜି ମୁଢି ନିଜର ଭୌଗୋଳିକ ସୀମା ଅତିକ୍ରମ କରି ବିଶ୍ୱବ୍ୟାପୀ ପରିଚିତ। ପଶ୍ଚିମବଙ୍ଗରେ 'ମୁଡ଼ି', ମହାରାଷ୍ଟ୍ରରେ 'ମୁର୍ମୁରା', ଦକ୍ଷିଣ ଭାରତରେ 'ମାଣ୍ଡାକ୍କି' ଏବଂ ଉତ୍ତର ପ୍ରଦେଶରେ 'ଲାଇୟା' ଭାବେ ଖ୍ୟାତ। ଏହି ସୁସ୍ୱାଦୁ ଖାଦ୍ୟ ଏବେ ଲଣ୍ଡନ, ଆମେରିକା ଓ କାନାଡା ପରି ପାଶ୍ଚାତ୍ୟ ଦେଶରେ 'ଭେଗାନ୍ ସ୍ନାକ୍ସ' ଭାବେ ସମାଦୃତ। ଆଧୁନିକତାର ଛୋ କାପଞ୍ଚ। ଭିତରେ ଯେତେବେଳେ ଯୁବପିଢ଼ି ପାଶ୍ଚାତ୍ୟ ଖାଦ୍ୟାଭ୍ୟାସ ପ୍ରତି ଆକୃଷ୍ଟ ହେଉଛନ୍ତି, ସେତିକିବେଳେ 'ମୁଢି ଦିବସ' ପାଳନ ମାଧ୍ୟମରେ ଆମ ପାରମ୍ପରିକ ଖାଦ୍ୟର ପୁଣି ଥରେ ରାଜ ଅଭିଷେକ କରିବାର ସମୟ ଆସିଛି। ଆସନ୍ତୁ, ଆମ ମାଟିର ଏହି ପାରମ୍ପରିକ ପରିଚୟ ଭିତରେ ଓଡ଼ିଆତ୍ୱର ଅସଲ ପରିଚୟ ଖୋଜିବା।

+ସଲଟରୋଡ଼, କାଦ୍ରାବାଦ,
ସୁନହଟ, ବାଲେଶ୍ୱର
ମୋ: ୯୪୩୮୨୯୦୦୭୨



## ସରସ୍ୱତୀ ଫକୀରମୋହନଙ୍କ ପୌତ୍ରୀ ବୀଣାପାଣି

### ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଫକୀରମୋହନଙ୍କ ହୃଦୟରେ ଦିବ୍ୟ ଝଙ୍କାର : ମୋହିନୀମୋହନ ସେନାପତିଙ୍କ ତୃତୀୟା କନ୍ୟା ସେ। ସରସ୍ୱତୀ ଫକୀରମୋହନଙ୍କ ନାତୁଣୀ ଭାବରେ ସରସ୍ୱତୀ ପୂଜା ଦିନ ହିଁ କଟକରେ ଭୂମିଷ୍ଠ ହୋଇଥିଲେ । ତାରିଖ ଥିଲା ୩୧. ୦୧. ୧୯୧୪। ଫକୀର ମୋହନଙ୍କ ହୃଦୟରେ ଖେଳିଗଲା ଏକ ତଡ଼ିତ ପ୍ରବାହ। ତାଙ୍କ ଅନ୍ତର ମଧ୍ୟରେ ରହିଥିବା ସରସ୍ୱତୀଙ୍କ ସୂକ୍ଷ୍ମ ସତ୍ତା ସଶରୀରେ ଆବିର୍ଭୂତ ହୋଇଗଲେ କି? ନିଜ ଅନ୍ତଃସ୍ଥଳର ସ୍ନାୟୁତନ୍ତ୍ରୀ ଥରି ଉଠିଲା ବୀଣାର ମଧୁର ଝଙ୍କାରରେ। ସିଏ ହିଁ ନାତୁଣୀର ନାମ ଉଚ୍ଚାରଣ କଲେ - ବୀଣାପାଣି!! ଆହା!!ନାମଟି ଯେତେଥର ସେ ଉଚ୍ଚାରଣ କରୁଥାନ୍ତି ସେତିକି ଥର ହୃଦୟର ବୀଣା ତାରରେ କାହା କୋମଳ ଅଙ୍ଗୁଳିର ସ୍ପର୍ଶ ସର୍ଜନା କରୁଥାଏ ଦିବ୍ୟ-ଧ୍ୱନି।

ଫକୀରମୋହନଙ୍କ ଇଚ୍ଛାପତ୍ରରେ

ବୀଣାପାଣି: ଜୀବନର ଅନ୍ତିମ ପର୍ଯ୍ୟାୟରେ ଫକୀର ମୋହନ ପ୍ରସ୍ତୁତ କରିଥିବା ଇଚ୍ଛାପତ୍ର ସମ୍ପର୍କରେ ତାଙ୍କ ସଚେତନ ପାଠକ ପାଠିକାମାନେ ଜାଣିଛନ୍ତି ଭଲ ଭାବରେ। ସେ ବିଷୟରେ ବିସ୍ତୃତ ଆଲୋଚନା କରିବାର ପରିସର ଏହା ନୁହେଁ।ତେବେ ଧ୍ୟାନ ପୂର୍ବକ ଲକ୍ଷ୍ୟ କଲେ ଜଣାପଡ଼େ ଯେ, ଉକ୍ତ ଇଚ୍ଛାପତ୍ରରେ, ବୀଣାପାଣିଙ୍କ ନାମ ଶ୍ରଦ୍ଧାର ସହ ଉଲ୍ଲିଖିତ। ଏହା ହୁଏତ ମନେ ହୋଇପାରେ ଏକ ସାଧାରଣ ବିଷୟ। ମାତ୍ର ଫକୀରମୋହନଙ୍କ ଅସାମାନ୍ୟ ଆଶିଷ ଏଥିରେ କିପରି ପ୍ରଲେପିତ ତାହା ନିଶ୍ଚୟ ଅନୁଭବର ବିଷୟ।

ଶୈକ୍ଷିକ କ୍ଷେତ୍ରରେ କୃତିତ୍ୱ : ବୀଣାପାଣି ଜଣେ ଅତ୍ୟନ୍ତ ମେଧାବୀ ଛାତ୍ରୀ ଥିଲେ। ୧୯୨୯-୩୦ ମସିହାରେ ସେ ସମଗ୍ର ଓଡ଼ିଶାରେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି 'କ୍ୱିନ୍ ବୟମେରି ପ୍ରାଇଜ୍ ମେଡାଲ' (**Queen Mary Prize Medal**) ଲାଭ କରିଥିଲେ। ଏହି ପଦକଟି ବର୍ତ୍ତମାନ ସୁଦ୍ଧା ତାଙ୍କ ଝିଅଙ୍କ ପାଖରେ ସଂରକ୍ଷିତ ଅଛି। ପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ଶିଲଂରୁ ବି.ଇଡି. ଏବଂ ୧୯୩୯ ମସିହାରେ ମାଡ୍ରାସର ଆଦାୟରଠାରେ ସାକ୍ଷାତ ମ୍ୟାଡମ୍ ମଣ୍ଟେସୋରୀଙ୍କ ଅଧୀନରେ 'ମଣ୍ଟେସୋରୀ ଟ୍ରେନିଂ' ଗ୍ରହଣ କରିଥିଲେ।ଏସବୁ ସଫଳତା ମଧ୍ୟରେ ତାଙ୍କର ବୁଦ୍ଧିମତ୍ତା ଯେତିକି ପ୍ରତିଫଳିତ ବିଦ୍ୟାର୍ଜନର ଆନ୍ତରିକତା ତାଠାରୁ ଆହୁରି ଗଭୀରତର। ସେ ବୁଝିଥିଲେ ଯେ 'ଶ୍ରଦ୍ଧାବାନ ଲଭତେ ଜ୍ଞାନମ'। ସେହିପରି ବି ଉପଲବ୍ଧି କରିଥିଲେ 'ବିଦ୍ୟା ଦଦାତି ବିନୟଂ'। ନିଜର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ତାଙ୍କର ଆନ୍ତରିକ ସମ୍ମାନବୋଧ ଆଖିର ନମ୍ରତାରେ, ମୁଖମଣ୍ଡଳର ସମର୍ପିତ ଭାବରେ, ତାଙ୍କର ଶିଷ୍ଟତାପୂର୍ଣ୍ଣ ବ୍ୟବହାର ମଧ୍ୟରେ ବ୍ୟଞ୍ଜିତ ହୋଇ ଉଠୁଥିଲା। ମୋହିନୀମୋହନ ସେନାପତି ନାସ୍ତିକ ଥିଲେ। ଏ ପ୍ରଚାରଟା କିଛି କମ ହୋଇନି ଓଡ଼ିଶାରେ। କିନ୍ତୁ ତାଙ୍କ ପରିଶୁଦ୍ଧ ବ୍ୟକ୍ତିତ୍ୱ ସଂଦର୍ଶନରେ ମୁଗ୍ଧ ହୋଇ ଜଣେ ଭଦ୍ର ମହିଳା ମନ୍ତବ୍ୟ ଦେଇଥିଲେ 'ମୁଁ ଶୁଣିଥିଲି ମୋହିନୀ ମୋହନ ନାସ୍ତିକ ବୋଲି। କିନ୍ତୁ ସେ ଯେ ଉଚ୍ଚକୋଟୀର ଭଦ୍ରବ୍ୟକ୍ତି!!' ବାପାଙ୍କ ଶିଷ୍ଟାଚାର, ମା ହୀରନପ୍ରଭାଙ୍କ ସ୍ନେହଶୀଳତା ସର୍ବୋପରି ଫକୀରମୋହନଙ୍କ ତ୍ୟାଗପୂତ ଜୀବନର ପବିତ୍ରତା ବୀଣାପାଣିଙ୍କ ବ୍ୟକ୍ତିତ୍ୱରେ କିପରି ପରିସ୍ଫୁଟିତ ହେଉଥିଲା ତାହା ସ୍ୱତନ୍ତ୍ର ଅଧ୍ୟୟନର ବିଷୟ।

ସାରସ୍ୱତ ଓ ଆଧ୍ୟାତ୍ମିକ ସାନ୍ନିଧ୍ୟ

ବୀଣାପାଣି ଏପରି ବିରଳ ଉପାଦାନରେ ଥିଲେ ସୁଗଠିତ, ଯାହା ଫଳରେ ଭାରତ ବର୍ଷର ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କ ପ୍ରତି ତାଙ୍କ ହୃଦୟରେ ସ୍ୱତଃ ଭରି ଯାଉଥିଲା ଅମାପ ଶ୍ରଦ୍ଧା।୧୯୪୧ ମସିହାରେ ସେ କିଛି ସମୟ ପାଇଁ ଶାନ୍ତିନିକେତନରେ ରହିବାର ସୁଯୋଗ ପାଆନ୍ତି। ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ନିକଟବର୍ତ୍ତୀ ହେବାର ମୁହୂର୍ତ୍ତ ତାଙ୍କ ପାଇଁ ଥିଲା ଅନନ୍ୟ ପୁଲକ ଓ ଦିବ୍ୟ ଅନୁଭବରେ ଗୌରବାନ୍ୱିତ। ବୀଣାପାଣିଙ୍କ ଅଟୋଗ୍ରାଫ ଡାଏରୀରେ ଏବେ ବି ରବୀନ୍ଦ୍ରନାଥଙ୍କ ସ୍ନେହଚିହ୍ନ ସମୁଦ୍ଭାସିତ।ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଆନି ବେସାନ୍ତ, ପ୍ରତାପ ସେନ ଓ ଦାର୍ଶନିକ ତରୁଣ ରାମକିଙ୍କରଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶ ତାଙ୍କ ପାଇଁ ରହିଥିଲା ଚିରସ୍ମରଣୀୟ। କବିଗୁରୁ ରବୀନ୍ଦ୍ରନାଥ ତାଙ୍କ ଅଟୋଗ୍ରାଫ୍ ଖାତାରେ ଛାଡ଼ି ଦେଇଯାଇଥିବା ଆକର୍ଷଣୀୟ ସ୍କେଚ ଓ ନେତାଜୀଙ୍କ ପ୍ରେରଣାପୂର୍ଣ୍ଣ ଶବ୍ଦ କେତୋଟି ତାଙ୍କ ଆନ୍ତରାତ୍ମାକୁ ସ୍ପନ୍ଦିତ କରିଦିଏ ନିରନ୍ତର। ସେ ସୟଦ ମୁସ୍ତାଫା ଓ ପ୍ରଫେସର ଅମଳ ଭଟ୍ଟାଚାର୍ଯ୍ୟଙ୍କ ଭଳି ବିଦ୍ୱାନମାନଙ୍କ ସହ ଘନିଷ୍ଠ ଭାବେ ଜଡ଼ିତ ଥିଲେ। ୧୯୩୬ ମସିହାରେ ସେ କଟକରେ ଜବାହରଲାଲ ନେହେରୁଙ୍କ ଭାଷଣ ଶୁଣି ଉଦବୁଦ୍ଧ ହୋଇ ଯାଇଥିଲେ ସ୍ୱଦେଶର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ।

ଶିକ୍ଷାଦାନ :ଜୀବନର ବ୍ରତ : ଯାହା ଉପରକୁ ବୃତ୍ତିଗତ ଜୀବନ ବୋଲି ପ୍ରତିଭାତ ହୋଇଥାଏ, ତାହାରି ମଧ୍ୟରେ ଅଦୃଶ୍ୟ ଭାବରେ ବିଦ୍ୟମାନ ରହିଥାଏ ମନୁଷ୍ୟ ଜୀବନର ପ୍ରକୃତ ବ୍ରତ। ବୀଣାପାଣି ଇଚ୍ଛା କରିଥିଲେ ଯେ କୌଣସି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ପାରିଥାନ୍ତେ। ମାତ୍ର ତାଙ୍କ ଆତ୍ମାର ଅଭୀପସା ଥିଲା ଶିକ୍ଷା-ଜଗତ ସହିତ ସଂଶ୍ଳିଷ୍ଟ ହୋଇ ରହିବା ପାଇଁ। ଫକୀରମୋହନଙ୍କ ରେବତୀ ଗଳ୍ପ ତାଙ୍କୁ ବାରମ୍ବାର ଉଦବେଳିତ କରିଦିଏ। ସେ କାଳରେ ସିନା ମହାକାଳ ଗ୍ରାସ କରିନେଲା ରେବତୀ ଓ ସାରା ପରିବାରକୁ। ବୀଣାପାଣି ନୂତନ ଯୁଗର ରେବତୀ ଭୂମିକାରେ ଅବତୀର୍ଣ୍ଣ ହୋଇ ଫକୀରମୋହନଙ୍କ ଅପୂର୍ଣ୍ଣ ସ୍ୱପ୍ନକୁ ସାକାର ରୂପ ଦେବାରେ ନିଜକୁ କରିଦେଲେ ସମର୍ପିତ। ନିଜେ କେବଳ ଉଚ୍ଚଶିକ୍ଷା ଲାଭ କରିବାରେ ସେଇ ସ୍ୱପ୍ନ ସାର୍ଥକ ହୋଇଥାନ୍ତା କିପରି? ସେଥିପାଇଁ ସେ ଚାହିଁଲେ ଶିକ୍ଷୟିତ୍ରୀର ଭୂମିକାରେ ଅବତୀର୍ଣ୍ଣ ହେବା ପାଇଁ। ସତେ ଯେମିତି ଏହା ହିଁ ଥିଲା ତାଙ୍କ ପ୍ରତି ଫକୀରମୋହନଙ୍କ ସୁସ୍ପଷ୍ଟ ନିର୍ଦ୍ଦେଶ।



ବୀଣାପାଣି ଜଣେ ଦକ୍ଷ ଶିକ୍ଷୟିତ୍ରୀ ଭାବେ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ ଗଣିତ ଓ ଇଂରାଜୀ ଶିକ୍ଷା ଦେଉଥିଲେ। ସେ କଟକର ପ୍ରସିଦ୍ଧ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ପରବର୍ତ୍ତୀ ସମୟରେ ସେ ଭୁବନେଶ୍ୱରର ପ୍ରମୁଖ ବାଳିକା ବିଦ୍ୟାଳୟ ଏବଂ ବାଲେଶ୍ୱରର ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ତୁଲାଇଥିଲେ। ସେ ପଶ୍ଚିମ ଓଡ଼ିଶାର ତିନୋଟି ଜିଲ୍ଲା—ସମ୍ବଲପୁର, ବଲାଙ୍ଗୀର ଓ ସୁନ୍ଦରଗଡ଼ର ଜିଲ୍ଲା ସ୍କୁଲ୍ ପରିଦର୍ଶିକା (**District Inspectress of Schools**) ଭାବେ କାର୍ଯ୍ୟ କରିଥିଲେ। ଅବସର ପରେ ସେ ଓଡ଼ିଶା ଶିଶୁ କଲ୍ୟାଣ ସଂଗଠନର ସମ୍ମାନଜନକ ଯୁଗ୍ମ ସମ୍ପାଦିକା ଭାବେ ରାଜଭବନରେ କାର୍ଯ୍ୟ କରିଥିଲେ।

ଅଭିରୁଚି ଓ ପାରଦର୍ଶିତା : ସେ ଓଡ଼ିଆ, ବଙ୍ଗଳା ଓ ଇଂରାଜୀ ଭାଷାରେ ଥିଲେ ଅତ୍ୟନ୍ତ ନିପୁଣା। ଟଲଷ୍ଟୟ, ଦୋସ୍ତୋଏଭସ୍କି, ଏଚ୍. ଜି. ୱେଲ୍ସ ଏବଂ ମାରି କୋରେଲିଙ୍କ ଭଳି ବିଶ୍ୱପ୍ରସିଦ୍ଧ ଲେଖକଙ୍କ ବହି ପଢ଼ିବାକୁ କି ଆଗ୍ରହ ତାଙ୍କ ଭିତରେ!! ମାତା ହିରଣପ୍ରଭା ସେନାପତିଙ୍କଠାରୁ ସେ ସଙ୍ଗୀତ ଶିକ୍ଷା କରିଥିଲେ ଏବଂ ରବୀନ୍ଦ୍ର ସଙ୍ଗୀତ ଗାନରେ ହୋଇ ଉଠୁଥିଲେ ତଲ୍ଲୀନ ।

ସାଂସାରିକ ଜୀବନର ସଂଗୀତ :

ତାଙ୍କ ପିତା ପ୍ରଫେସର ମୋହିନୀ ମୋହନ ସେନାପତି ରେଭେନ୍ସା କଲେଜର ଦର୍ଶନ ବିଭାଗ ମୁଖ୍ୟ ତଥା ପରବର୍ତ୍ତୀ ସମୟରେ ଜିଲ୍ଲା କଲେକ୍ଟର ଥିଲେ। ବୀଣାପାଣିଙ୍କ ବିବାହ ପ୍ରଫେସର କାଶୀନାଥ ମିଶ୍ରଙ୍କ ସହ ହୋଇଥିଲା, ଯିଏ କଲିକତାର ସେଣ୍ଟ ଜାଭିୟର୍ସ କଲେଜ ଓ ଲୋରେଟୋ କଲେଜରେ ଗଣିତ ଏବଂ ଇଂରାଜୀ ଅଧ୍ୟାପକ ଥିଲେ।ବିବାହ ପରେ ସେ ବୀଣାପାଣି ସେନାପତିରୁ ହୋଇଯାଇଥିଲେ ତେଣୁ ବୀଣାପାଣି ମିଶ୍ର।

ମହାପ୍ରୟାଣ : ଏହି ମହୀୟସୀ ମହିଳା ତଥା ଓଡ଼ିଶାର ନାରୀ ଶିକ୍ଷାର ଅଗ୍ରଦୂତ ୮୪ ବର୍ଷ ବୟସରେ ଦିଲ୍ଲୀଠାରେ ତାଙ୍କ ଝିଅ-ଜ୍ୱାଇଁଙ୍କ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ତା ୨୭. ୦୩. ୧୯୯୮ଦିନ।ନିଜକୁ ସେ ଓଡ଼ିଶାର ବିକାଶ ନିମନ୍ତେ ନିୟୋଜିତ କରିଥିଲେ ପ୍ରତିଟି କ୍ଷଣ। ଅଥଚ କେବେହେଲେ ନିଜକୁ ବିଜ୍ଞାପିତ କରିବାକୁ ଚାହିଁନାହାନ୍ତି ସେ। ଫକୀରମୋହନଙ୍କ ନାତୁଣୀ ଭାବରେ ସର୍ବତ୍ର ସୁପରିଚିତ ହେବା ଠାରୁ ପରଦା ଅନ୍ତରାଳରେ ଫକୀରମୋହନଙ୍କ ଉପଯୁକ୍ତ ଦାୟାଦ ଭାବରେ କର୍ମମଗ୍ନ ରହିବା ଥିଲା ତାଙ୍କ ପ୍ରକୃତ ଆଦର୍ଶ।

ବୀଣାପାଣିଙ୍କ ସ୍ମୃତିଚିହ୍ନ : ଓଡ଼ିଶାର ବହୁ ବରପୁତ୍ର ଓ ତାଙ୍କ ପରିବାରବର୍ଗଙ୍କ ସ୍ମୃତି ଯଥୋଚିତ ମର୍ଯ୍ୟାଦାର ସହିତ ସଂରକ୍ଷଣ ଓ ପ୍ରଦର୍ଶନ ପାଇଁ ବିଶେଷ କୌଣସି ଉଲ୍ଲେଖନୀୟ ଉଦ୍ୟମ ହୋଇ ପାରୁନାହିଁ। ତାହାର ଉପଯୁକ୍ତ ଯତ୍ନ ନେବା ନିର୍ଭର କରୁଛି ଉତ୍ତର ଦାୟାଦମାନଙ୍କ ଉପରେ। ବୀଣାପାଣିଙ୍କ ସ୍ମୃତି -ସନ୍ତକ ସୁରକ୍ଷିତ ହୋଇ ରହିଛି ତାଙ୍କର ସୁକନ୍ୟା ଫକୀରମୋହନ ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ଡକ୍ଟର ମୋନିକା ଦାସଙ୍କ ନିକଟରେ। ଏ ସମସ୍ତ ଦୁର୍ଲଭ ସ୍ମୃତି ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ରହି ପାରିଲେ ଓଡିଶାବାସୀ ତାଙ୍କ ଜୀବନାଦର୍ଶର ଲାଭ କରି ପାରନ୍ତେ ଅନାୟାସରେ।

+ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ



## ଆମ ରାଜ୍ୟର ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଚାଲିଛି କେମିତି?

### ସୁବ୍ରତ କର

ମୋର ଧାରଣା ଏଗୁଡ଼ିକ ନିଜେ ନିଜେ ଚାଲୁଛି କିମ୍ବା ଆମ କାଳିଆ ଠାକୁର ଚଳାଉଛନ୍ତି । ନିଶ୍ଚିତ ଭାବରେ ସରକାର ନୁହଁନ୍ତି। ଉଚ୍ଚଶିକ୍ଷାକୁ ବିଶେଷ ଭାବରେ ସରକାର ଦୃଷ୍ଟି ଦେଉ ନାହାନ୍ତି ଏଇଥି ପାଇଁ ଏ ବର୍ଷ ଆମ ରାଜ୍ୟରୁ ଜଣେ ୧୦୦ ର୍ୟାଙ୍କ ପ୍ରାପ୍ତ କରିଛନ୍ତି ଆଇ.ଏ.ଏସ୍, ଆଇ.ପି.ଏସ୍ କରିପାରେ । ଦୁଃଖର କଥା ଏହି ରାଜ୍ୟରୁ ଆଇ.ଏ.ଏସ୍ ଟପ୍ପର ଅନେକ ଓଡ଼ିଆ ପିଲା ପାଇ ସାରିଛନ୍ତି କିନ୍ତୁ ଏବେ ଜଣେ ହେଲେ ବି ୧୦୦ ଭିତରେ ନାହାନ୍ତି । ମୂଳ କାରଣ ଦେଖନ୍ତୁ ଏହି ୧୭ଟି ବିଶ୍ୱ ବିଦ୍ୟାଳୟରେ ଥିବା ୧୪୩୪ଟି ବିଶ୍ୱ ବିଦ୍ୟାଳୟରେ ନାହାନ୍ତି, ସହକାରୀ ଅଧ୍ୟାପକ ୭୦୯, ସହଯୋଗୀ ଅଧ୍ୟାପକ ୪୭୧ଟି ଏବଂ ଅଧ୍ୟାପକ ୨୬୪ଟି ପଦ ମଧ୍ୟ ବିଭିନ୍ନ ବିଶ୍ୱ ବିଦ୍ୟାଳୟରେ ଖାଲି ପଡ଼ିଛି। ଏହାଛଡ଼ା ମଂଜୁରୀ ପ୍ରାପ୍ତ ଅଣଶିକ୍ଷକ ପଦ ୨୯୪୦ ଥିବାବେଳେ ତନ୍ମଧ୍ୟରୁ ୨୧୭୧ଟି ପଦ ଖାଲି। ଯଦି ଏହି ସଂଖ୍ୟାର ପଢ଼ାଇବା ଲୋକ ନାହାନ୍ତି ଏବଂ ପଢ଼ିବାରେ ସାହାଯ୍ୟ କରିବାର ଲୋକ ତେବେ ଆମ ରାଜ୍ୟ ସର୍ବ ଭାରତୀୟ ସ୍ତରରେ ଫଳାଫଳ ଭଲ ନ ହେବାର ଯଥେଷ୍ଟ କାରଣ। ପ୍ରଶ୍ନ ଉଠୁଛି ଏମିତି କେତେଦିନ ଚାଲିବ? ଆମ ବିଶ୍ୱ ବିଦ୍ୟାଳୟର (ଫକୀରମୋହନ) କୁଳପତି ପଦ କାମ ଚଳାଇ ଚାଲିଛି ପ୍ରାୟ ବର୍ଷେ ହେବ। ସରକାରୁ ଯଦି ଠିକଣା ଲୋକ ମିଳୁ ନାହାନ୍ତି ଏହି ଭଦ୍ର ଲୋକମାନଙ୍କୁ ଆଉ କିଛି ବର୍ଷ ପାଇଁ ପୁରା କ୍ଷମତା ଦେଇ ରଖୁ ନାହାନ୍ତି କାହିଁକି? ଆମେ ଶୁଣି ଆସୁଛୁ ଗତ ୮ ମାସରୁ ଉର୍ଦ୍ଧ୍ୱ ହେବ ଅଳ୍ପ ଦିନ ମଧ୍ୟରେ ନୂଆ କୁଳପତି ଅବସ୍ଥାପିତ ହେବେ । କିନ୍ତୁ କେବେ? ଏ ପର୍ଯ୍ୟନ୍ତ ଏହା ପାଇଁ ସରକାର କୌଣସି ତାରିଖ ଧାର୍ଯ୍ୟ କରି ନାହାନ୍ତି।

୨୦୨୫ ଏପ୍ରିଲ ୧୪ ତାରିଖରୁ ବିଶ୍ୱ ବିଦ୍ୟାଳୟ ଆଇନରେ ସଂଶୋଧନ ଅଣାଯାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ନିଯୁକ୍ତି କାର୍ଯ୍ୟ ବିଶେଷ ଆଗେଇ ପାରି ନାହିଁ। ସବୁ କ୍ଷେତ୍ରରେ ସରକାରଙ୍କ ସିଧା ଉତ୍ତର ହେଉଛି ପଦକ୍ଷେପ ନିଆ ଯାଉଛି, ନିଆ ଯାଇଛି, କୁହା ଯାଇଛି, ପଠାଯାଇଛି ଏବଂ ଦୁଃଖର କଥା ଏହା ପ୍ରାୟ ବର୍ଷେ ହେବାକୁ ଗଲାଣି। କେବେ ଏବଂ କେତେ ତାରିଖ ସୁଦ୍ଧା ତାର ମଧ୍ୟ ଉତ୍ତର ନାହିଁ। ଆମେ ସାଧାରଣ ଜନତା ହୋଇ ଆମକୁ ବାଧୁଛି କିନ୍ତୁ ଯେଉଁମାନେ ଖୋଦ୍ ରାଜ୍ୟ ଚଳାଉଛନ୍ତି ତାଙ୍କୁ କିଛି ଫରକ୍ ପଡୁନାହିଁ। ଏହା ହୋଇପାରେ ଆମ ରାଜ୍ୟର ଖୁମ୍ କମ୍ ବିଶ୍ୱ ବିଦ୍ୟାଳୟ ୟୁଜିସି ର୍ୟାଙ୍କି ପଛୁଆ ୟୁନିପ୍ଲସ୍ ପାଇବା ବିଶ୍ୱ ବିଦ୍ୟାଳୟ 'ଏ' ପାଇବା କାଠିକର ପାଠ। ବହୁତ କଷ୍ଟରେ ଆମ ବିଶ୍ୱବିଦ୍ୟାଳୟ (ଫକୀରମୋହନ) ଏବେ 'ଏ' ଗ୍ରେଡ୍ ପାଇଛି, ତା ପାଇଁ ନିଶ୍ଚିତ ଭାବରେ ଏବେକାର କୁଳପତି ଦାନ ସର୍ବାଗ୍ରେ ।

## କବିତା କୋଣାର୍କ

### ଉତ୍କଳ ଗୌରବ

#### ଜଗନ୍ନାଥ ନାୟକ



ଆହେ ମଧୁବାବୁ ଉତ୍କଳ ଗୌରବ
ଓଡିଶା ଓଡ଼ିଆ ପାଇଁ,
ରହିଛ ରହିବ କୋଟି କୋଟି ହୃଦେ
ସଦା ଅମଳିନ ହୋଇ ।
ଓଡ଼ିଶାର ତୁମେ ଅଟ ବରପୁତ୍ର
ନ ଥିଲା ଆଖିରେ ନିଦ,
ଖଣ୍ଡ ବିଖଣ୍ଡିତ ଓଡ଼ିଶା ମାଆର
ବିଚଳିତ କଲା ହୃଦ ।
ସେଥିପାଇଁ ତୁମେ ସଦା ସରବଦା
ଉପାୟ ତ ଚିନ୍ତା କରି,
ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବା
ସବୁ ଓଡ଼ିଆଙ୍କୁ ଧରି ।
ଡାକିଲ ଉତ୍କଳ ସମ୍ମିଳନୀ ତୁମେ
ରଖିଗଲ ସ୍ୱାଭିମାନ,
ମନ୍ତ୍ରୀ ପଦ ପାଇ ନ ଥିଲା ମନର
ଟିକିଏ ବି ଅଭିମାନ ।
ସବୁଥିରେ ତୁମେ ପ୍ରଥମ ଓଡ଼ିଆ
ମଧୁବାବୁ ମନ୍ତ୍ରଦାତା,
ତୁମ ହୃଦୟରେ ଫୁଟି ଉଠୁଥିଲା
ଦେଶପ୍ରେମ ଜାତୀୟତା ।
ତୁମପାଇଁ ଆଜି ପ୍ରତିଟି ଓଡ଼ିଆ
କହୁଛି ଗର୍ବର କଥା,
ବିଛିନ୍ନାଞ୍ଚଳର ଏକତ୍ରିକରଣ
ଜୀବନ ସଂଗ୍ରାମ ଗାଥା ।
ତରକସି କାମ ଜୋତା କାରଖାନା
ବୁଡ଼ିଲା ଋଣର ଭାରେ,
ତଥାପି ଭାଙ୍ଗିନୀ ଅଣ୍ଟା ନଇଁନାହିଁ
ଚେତା ବୁଡିଗଲା ପରେ ।
ଭାଷା ଭିତ୍ତିକରେ ପ୍ରଥମ ରାଜ୍ୟ ଏ
ମୁଣ୍ଡ ଟେକି ଅଛି ଚାହିଁ,
ଜାତିର ଅସ୍ମିତା ଓଡ଼ିଶା ମାଟିଏ
ଚିରଦିନ ଥିବ ରହି ।

+ସରିଫପୁର,ଭଦ୍ରକ
ମୋ:୯୯୩୭୯୨୨୬୨୫

### ବିଶ୍ୱାସରେ ବିଷ ଦିଅନା

#### ମୋହନ କୁମାର ସ୍ୱାଇଁ



ପଥର ଦେହରେ ଈଶ୍ୱର ଅଛିକି
ନ ଅଛି, ମୁଁ ବି ତ ଜାଣେନା
କାଷ୍ଠ ବିଗ୍ରହରେ ଆକର୍ଷଣ ଥାଇ
ଭକ୍ତକୁ ଟାଣେ କି ଟାଣେନା
ଏତିକି ଜାଣିଛି ସ୍ୱଇଚ୍ଛାରେ ଲୋକେ
କରୁଛନ୍ତି ପୂଜା ଅର୍ଚ୍ଚନା ।
ଭୋଗ ଓ ନୈବେଦ୍ୟ ପ୍ରଭୁଙ୍କ ଆଗରେ
ଭକତ ଆଦରେ ରଖଇ
ଆପଣା ଦୁଃଖକୁ ଗୁହାରି ସ୍ୱରୂପ
ଈଶ୍ୱର ନିକଟେ କୁହଇ
ବିଶ୍ୱାସ ତ ତାକୁ ଖାଲି ପାଦଟାରେ
ଚଲେଇ ଚଲେଇ ଆଣଇ ।
ତମ ଇଚ୍ଛା ଯେତେ ମାଛ, ମାଂସ ଖାଅ
ମନ ନ ଚାହିଁଲେ ଖାଅନା
ମନ୍ଦିର ନ ଯାଅ ପୁରାଣ ନ ପଢ଼
ଯାହା ଇଚ୍ଛା ତାହା କରନା
କେବେ ପଦେ କାହା ଧର୍ମ ବିରୁଦ୍ଧରେ
ବିଧର୍ମୀ ଭାଷଣ ଦିଅନା ।
ଯେତେ ଦିନ ଯାଏ ବିଶ୍ୱାସ ରହିଛି
ରହିଥିବ ଧର୍ମ ଭାବନା
ବାପା କଥା ମାନି ପୁଅ ଚାଲୁଥିବ
ବିଶ୍ୱାସରେ ବିଷ ଦିଅନା
କେଉଁ ଅଧିକାରେ ଟିପ୍ପଣୀ ଦେଉଛ
ପୂର୍ଣ୍ଣମୀ ସଂକ୍ରାନ୍ତି ପାଳନା ?

+ବେଣାପୁର କଣ୍ଟିଗଡ଼ିଆ, ଯାଜପୁର



# ଲେଖକର ପୁନର୍ଜନ୍ମ

ଡକ୍ଟର ଲକ୍ଷ୍ମଣ ସାହୁ

ମଲ୍ଲୀ ଗଛରେ ଫୁଟି ଥିବା ଧଳା ଫୁଲଗୁଡ଼ିକରୁ ଯେତେବେଳେ ଶିଶିର ବିନ୍ଦୁ ଝରିବାକୁ ଲାଗିଲା, ସେତେବେଳେ ଗଛଗୁଡ଼ିକ ମଧ୍ୟ ଦେଇ ସୂର୍ଯ୍ୟୋଦୟର ପ୍ରଥମ କିରଣ ଉଠୁଥିଲା । ଓଦା ମାଟି ଓ ରାତି ରାଣୀର ମିଠା ବାସ୍ନାରେ ବାୟୁମଣ୍ଡଳ ପରିପୂର୍ଣ୍ଣ ହୋଇଗଲା । ସୂର୍ଯ୍ୟାଲୋକ ଉଠିବା ମାତ୍ରେ ପ୍ରକୃତିର ଏହି ନୀରବ ଉତ୍ସବ ଆରମ୍ଭ ହୋଇଗଲା । ଝରକା ବାହାରେ କିଚିରି ମିଚିରି ଚିତ୍କାର କରୁଥିବା ଘରଚଟିଆମାନେ ଯାହା ଯେମିତି ଏକ ନୂତନ ସୁନେଲି ସୂର୍ଯ୍ୟୋଦୟର ପ୍ରଥମ ଅଧ୍ୟାୟକୁ ସ୍ୱାଗତ କରୁଥିଲେ ।

'ମଙ୍ଗଳେ ଅଇଲା ଉଷା ' ସ୍ୱଭାବ କବି ଗଙ୍ଗାଧରଙ୍କ 'ତପସ୍ୱିନୀ ' କାବ୍ୟର ଡିଜିଟାଲ୍ ସ୍କ୍ରିନରେ ତାଙ୍କ ନାମ ଓ ତା' ତଳେ ତାଙ୍କର କିଛି ଧାଡ଼ି ଦେଖିବା ଅକ୍ଷୟଙ୍କ ପାଇଁ କେବଳ ଏକ ଖୁସିର ସଂଯୋଗ ନଥିଲା, ଏହା ମହାଜାଗତିକ ଗ୍ରହଣୀୟତାର ପ୍ରଥମ ମୋହର ଥିଲା ଯାହା ପାଇଁ ସେ ଅଗଣିତ ଅଜ୍ଞାତ ରାତି ଧରି ଆଗ୍ରହୀ ଥିଲେ । ଯେତେବେଳେ ସେ ସେହି ସକାଳେ ତାଙ୍କର ଇମେଲ୍ ଇନବକ୍ସ ଯାଞ୍ଚ କରି ଦେଖିଲେ ଯେ ତାଙ୍କ ନାମ ୱେବସାଇଟରେ ପ୍ରକାଶିତ ହୋଇଛି । ସତେଯେମିତି ତାଙ୍କୁ ଲାଗିଲା ଯେପରି ତାଙ୍କ ହଜିଯାଇଥିବା ଅସ୍ତିତ୍ୱର ଏକ ଅଂଶ ପୁନର୍ବାର ମିଳିଯାଇଛି । ଏହି ନାମ, ଯାହା ଏପର୍ଯ୍ୟନ୍ତ ସ୍କୁଲ ରେଜିଷ୍ଟର କିମ୍ବା ସରକାରୀ ଡକ୍ୟୁମେଣ୍ଟରେ ସୀମିତ ଥିଲା, ଆଜି ଜନଚେତନାର ଅଂଶ ପାଲଟିଛି ।

କେତେବେଳେ ସ୍ଥାନୀୟ ଦୈନିକ କାଗଜ ପୃଷ୍ଠାରେ ଏକ ଛୋଟ ଲେଖା ପ୍ରକାଶିତ ହୁଏ, ଓ କେତେବେଳେ ଏକ କବିତା ଏକ ସାହିତ୍ୟିକ ପତ୍ରିକାରେ ସ୍ଥାନ ପାଏ । ବେଳେବେଳେ ଜଣେ ଅଜ୍ଞାତ ସମ୍ପାଦକଙ୍କଠାରୁ ଏକ ସଂକ୍ଷିପ୍ତ ଓ ଆନୁଷ୍ଠାନିକ ଫୋନ୍ ଆସୁଥିଲା, ଯାହା ଅକ୍ଷୟଙ୍କ ପାଇଁ ଏକ ରାଷ୍ଟ୍ର ସମ୍ମାନଠାରୁ କମ୍ ନଥିଲା । ସେଦିନ ସେ ଅନୁଭବ କରୁଥିଲେ ଯେ ଶବ୍ଦ ହିଁ ଜଗତ ଓ ଏହି ଶବ୍ଦ ମାଧ୍ୟମରେ ସେ ଯୁଦ୍ଧଖୋର ଜଗତକୁ ପରିବର୍ତ୍ତନ କରିପାରିବେ ।

ଯେତେବେଳେ ତାଙ୍କର କୌଣସି କୃତି ପ୍ରକାଶିତ ହେଉଥିଲା, ସେ ତାହାକୁ ଅନେକ ଥର ପଢୁଥିଲେ । କେତେବେଳେ ସେ ପାଠକଙ୍କ ଠାରୁ ପ୍ରଶଂସା ପାଆନ୍ତି, କେତେବେଳେ କେହି ପରାମର୍ଶ ଦିଅନ୍ତି, ସେତେବେଳେ ଅକ୍ଷୟ ଅନୁଭବ କରନ୍ତି ଯେ ତାଙ୍କର ସ୍ୱର ଆଉ ଶୂନ୍ୟସ୍ଥାନରେ ବିଚରଣ କରୁନାହିଁ । ସେ ଅନୁଭବ କଲେ ଯେ ତାଙ୍କ ଚେତନାର ତନ୍ତୁ ସମାଜର ସେହି ଅଜଣା କୋଣ ସହିତ ସଂଯୋଗ କରୁଛି , ଯେଉଁଠାରେ ସେ ନିଜେ କେବେ ପହଞ୍ଚିପାରିବେ ନାହିଁ । କିନ୍ତୁ ଯେତେବେଳେ ଖ୍ୟାତିର ଛୋଟ ଦ୍ୱୀପ ରୂପ ନେବା ଆରମ୍ଭ କଲା, ସେତେବେଳେ ଏହା ଭିତରେ କିଛି ଅବ୍ୟକ୍ତ ଓ କଷ୍ଟକର ପ୍ରଶ୍ନ ବଢ଼ିବାକୁ ଲାଗିଲା । ସେ ପ୍ରାୟତଃ ରାତି ଅଧରେ ନିଜର ଲେଖାର ଧାଡ଼ିକୁ ପଢି ଭାବନ୍ତି ଯେ ଏହା ସବୁ କଣ ପ୍ରକୃତରେ ବାସ୍ତବ । ସାଧାରଣ ଲୋକମାନେ କ'ଣ ତାଙ୍କ ଶବ୍ଦର ଗଭୀରତାକୁ ଯାଇପାରୁଛନ୍ତି, ନା ସେମାନେ କେବଳ ' ତାଙ୍କୁ ଜଣେ ଉଦୀୟମାନ ଲେଖକ' ବୋଲି କୁହାଯାଉଥିବା ନାମ ପଛରେ ଦୌଡୁଛନ୍ତି ? କ'ଣ ତାଙ୍କ କାହାଣୀଗୁଡ଼ିକ ସେହି କୁଞ୍ଚିତ ମୁହଁ, ସେହି ଧୂଳିପୂର୍ଣ୍ଣ ଗାଁ ଓ ସେହି ଖାଲି ଆଖି ପାଖରେ ପହଞ୍ଚିପାରୁଛନ୍ତି ଯାହାର ଦୁଃଖ ଉପରେ ସେ ତାଙ୍କ କାହାଣୀ ଆଧାରିତ କରିଥିଲେ ? ତାଙ୍କର ମନେ ପଡେ ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଛୋଟ ମୋର ଗାଁଟି, ଭୂଗୋଳ ପୋଥି.. ସେ ବିଭୋର ହୋଇ ଉଠନ୍ତି ।

ଦିନେ ଜଣେ ପାଠକ ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ୍ କରି କହିଲେ ତାଙ୍କର ସଦ୍ୟତମ କାହାଣୀ ପଢିବା ପରେ ବହୁ ବର୍ଷ ପୂର୍ବେ ବନ୍ୟାରେ ଧ୍ୱଂସ ପାଇ ଯାଇଥିବା ତାଙ୍କ ପୈତୃକ ଘର କଥା ମନେ ପକାଇଲା । ସେହି ପାଠକ ବିଗତ ଦିନର ତାଙ୍କ ଦୁଃଖ ବର୍ଣ୍ଣନା କରିବାକୁ ଲାଗିଲେ ଓ ଅକ୍ଷୟ ନୀରବରେ ଶୁଣୁଥିଲେ, ଯେମିତିକି ତାଙ୍କୁ ଲାଗୁଥିଲା କାହାଣୀର ଜୟ ହୋଇଛି । ସେହି ଦିନ ଏକ ଅବର୍ଣ୍ଣନୀୟ ସନ୍ତୋଷ ଅକ୍ଷୟଙ୍କ ହୃଦୟକୁ ପୂର୍ଣ୍ଣ କରିଦେଲା । ସେ ପ୍ରଥମ ଥର ପାଇଁ ଅନୁଭବ କଲେ ଯେ ଲେଖକର ଅର୍ଥ କୌଣସି ପୁରସ୍କାରରେ ନୁହେଁ, ବରଂ ଜଣେ ବ୍ୟକ୍ତିଙ୍କ ଆଖିରେ ଥିବା ଆର୍ଦ୍ରତାରେ ଯିଏ ତାଙ୍କ କଥା ସହିତ ତାଙ୍କ ନିଶ୍ୱାସ ବାଣ୍ଟି ନେଉଛନ୍ତି । ସେ ଅନୁଭବ କଲେ ଯେ ସେ ଆଉ ଏକା ନାହାଁନ୍ତି । କିନ୍ତୁ ବିଡ଼ମ୍ବନା ଏହି ଯେ ଏହି ସନ୍ତୋଷ ଗର୍ଭାଶୟଠାରୁ ମଧ୍ୟ ଗଭୀର ସନ୍ଦେହ ମଧ୍ୟରେ ଜନ୍ମ ନେଉଥିଲା ।

ରାତିର ନୀରବତାରେ ଯେତେବେଳେ ସାରା ଘର ଗଭୀର ନିଦ୍ରାରେ ଥିଲା, ଅକ୍ଷୟ ତାଙ୍କର ପୁରୁଣା କାହାଣୀଗୁଡ଼ିକୁ ବାହାର କରି ଟେବୁଲ ଉପରେ ବିସ୍ତାର କରୁଥିଲେ । ସେ ପ୍ରତ୍ୟେକ ବାକ୍ୟ, ପ୍ରତ୍ୟେକ ବିରାମ ଚିହ୍ନକୁ ଏପରି ଦେଖନ୍ତି ଯେପରି ଏହା କୌଣସି ଅଜଣା ବ୍ୟକ୍ତିଙ୍କ କାମ । କେତେବେଳେ ତାଙ୍କୁ ଲାଗେ ଯେ ତାଙ୍କ କାହାଣୀଗୁଡ଼ିକ ଭାଷାଗତ ଭାବରେ ସୁନ୍ଦର, ଉପମା ସଠିକ ଓ ବିବରଣୀ ଆଶ୍ଚର୍ଯ୍ୟଜନକ, କିନ୍ତୁ ସେଗୁଡ଼ିକ କ'ଣ ସତରେ ସତ୍ୟ ? ସେ ମନେ ରଖିଛନ୍ତି ଯେ ତାଙ୍କ ଚରିତ୍ରଗୁଡ଼ିକ ଆକାଶରୁ ଖସି ଛିଡ଼ା ହୋଇ ନଥିଲେ । ସେମାନେ ସେହି ଗାଁର ଧୂଳି ମାଟିରୁ ଜନ୍ମ ହୋଇଥିଲେ ଯେଉଁଠାରେ ସେ ତାଙ୍କ ପିଲାଦିନ ବିତାଇଥିଲେ । ସେମାନେ ସବୁଜ କ୍ଷେତରେ କାମ କରୁଥିବା କିଛି ପୁରୁଷ ଓ ମହିଳା ଥିଲେ । ଜୁନ୍ ମାସର ପ୍ରଚଣ୍ଡ ସୂର୍ଯ୍ୟରେ ସେମାନଙ୍କର ପିଠି ପୋଡ଼ି ଯାଇଥିଲା, କିନ୍ତୁ ସେମାନଙ୍କର ଆଖି କେବେ ପ୍ରକୃତି ଉଚ୍ଚ ବ୍ୟବସ୍ଥା ବିରୁଦ୍ଧରେ କୌଣସି ଆନୁଷ୍ଠାନିକ ଅଭିଯୋଗ ଦେଖାଇ ନଥିଲା । ସେମାନେ ଥିଲେ ଗରିବ ବୃଦ୍ଧ ଚଷାଟିଆ ଚାଷୀ । ଯେଉଁମାନେ ପ୍ରତିବର୍ଷ ମୌସୁମୀର ପ୍ରଥମ ବର୍ଷା ସହିତ ନୂତନ ଆଶାର ବୀଜ ବୁଣୁଥିଲେ ଓ ପ୍ରତ୍ୟେକ ଥର ଋଣ ଭାରରେ ଟିକେ ଭାଙ୍ଗି ଫେରି ଆସୁଥିଲେ ।

ଅକ୍ଷୟ ନିଜକୁ ପଚାରନ୍ତି ଯେ ସେ ପ୍ରକୃତରେ ସେମାନଙ୍କ ଯନ୍ତ୍ରଣାକୁ ଶବ୍ଦରେ ପରିଣତ କରିପାରିବେ କି ? ନା ସେ କେବଳ ସୁନ୍ଦର, କଳାତ୍ମକ ବାକ୍ୟରେ ସଜାଇ ତାଙ୍କ ଦୁଃଖକୁ ସାହିତ୍ୟିକ ଭାବରେ ସୃଷ୍ଟି କରୁଛନ୍ତି ? ଏହି ଚିନ୍ତା ତାଙ୍କୁ ହୃଦୟକୁ ଆନ୍ଦୋଳିତ କଲା ।



ଯେତେବେଳେ ସମାଜର ପ୍ରବୁଦ୍ଧ ଲୋକମାନେ ତାଙ୍କୁ କୁହନ୍ତି, 'ଅକ୍ଷୟ , ତୁମେ ଗ୍ରାମୀଣ ଜୀବନକୁ ବହୁତ ସ୍ପଷ୍ଟ , ନିଛକ ଭାବରେ ଚିତ୍ରଣ କରିପାରିଛ । ତାଙ୍କ ଭିତରେ ଥିବା ସ୍ରଷ୍ଟା ପୁରୁଷ ଧୈର୍ଯ୍ୟର ସହିତ ଫୁସ୍‌ଫୁସ୍ କରି କୁହନ୍ତି, 'ଏହା କ'ଣ ପ୍ରକୃତରେ ତାଙ୍କର ସ୍ୱର, ନା ତାଙ୍କ କଳ୍ପନାର ଏକ ସୁବିଧାଜନକ ପ୍ରସାରଣ ?' ସେ କ'ଣ ପ୍ରକୃତରେ ସେହି ଶ୍ରମଜୀବୀ ପୁରୁଷ ଓ ମହିଳାମାନଙ୍କ ଲୁଣିଆ ଝାଳ ଆଘ୍ରାଣ କରୁଥିଲେ, ନା ସେ କେବଳ ସେହି ବାସ୍ନା ବିଷୟରେ ଏକ କଳ୍ପନା ପ୍ରସୂତ 'ସୁନ୍ଦର' କାହାଣୀ ଲେଖିଥିଲେ ? ଏହି ନୈତିକ ଦ୍ୱନ୍ଦ୍ୱ ତାଙ୍କୁ ଛାଇ ପରି ଅନୁସରଣ କରୁଥିଲା । ସେ ଅନୁଭବ କରିବାକୁ ଲାଗିଲେ ଯେ ସୌନ୍ଦର୍ଯ୍ୟ ଓ ସତ୍ୟ ମଧ୍ୟରେ ଏକ ସୂକ୍ଷ୍ମ ରେଖା ଅଛି ! ସେ କେବଳ ସୌନ୍ଦର୍ଯ୍ୟର ପାଖରେ ଠିଆ ହୋଇ ସତ୍ୟର ଦୃଶ୍ୟ ଦେଖୁଛନ୍ତି । ସମୟ ସହିତ ତାଙ୍କ ଲେଖା ପରିବର୍ତ୍ତନ ହେଲା । ଏବେ ସେ କେବଳ ଘଟଣାଗୁଡିକ ଲେଖୁ ନଥିଲେ । ସେ ସେମାନଙ୍କ ପଛରେ ଥିବା ନୀରବତାକୁ କଏଦ କରିବାକୁ ଚେଷ୍ଟା କରନ୍ତି । ସେ ବୁଝିବାକୁ ଆରମ୍ଭ କରିଥିଲେ ଯେ ଯାହା କୁହାଯାଇଥିଲା ତାହା କ'ଣ କୁହାଯାଇଥିଲା, ତାହା ଅପେକ୍ଷା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତା ।

ଏହା ଅକଥିତ ରହିଗଲା । ଗୋଟିଏ ସନ୍ଧ୍ୟାରେ ସେ ସହରର ଏକ ପୁରୁଣା ପାଠାଗାରରେ ବସିଥିଲେ । ବାୟୁରେ ପୁରୁଣା ପୁସ୍ତକ, ଧୂଳି ଓ ସମୟର ମିଶ୍ରିତ ଗନ୍ଧ ଥିଲା । ଉଚ୍ଚ କାଠ ସେଲଫରେ ବନ୍ଦ ହଜାର ହଜାର ପୁସ୍ତକ ସେମାନଙ୍କ ସମୟର ସାକ୍ଷ୍ୟ ଦେଉଥିଲେ । ବାହାରେ ଅସ୍ତଗାମୀ ସୂର୍ଯ୍ୟର ସୁନେଲି କିରଣ ଝରକା କାଚ ଦେଇ ଛାଣି ହୋଇ ତଳେ ଏକ ଦାଗଯୁକ୍ତ ଆକୃତି ସୃଷ୍ଟି କରୁଥିଲା ।

ଅକ୍ଷୟ ତାଙ୍କ ଡାଏରୀରେ ଥିବା ଏକ ନୂତନ କାହାଣୀର ପ୍ରାରମ୍ଭିକ ବାକ୍ୟ ସହିତ ସଂଘର୍ଷ କରୁଥିଲେ । ସେ ଶବ୍ଦ ହରାଇଥିବା ପରି ମନେ ହେଉଥିଲା । ତା'ପରେ ଜଣେ ବୃଦ୍ଧ ବ୍ୟକ୍ତି, ତାଙ୍କ ମୁହଁରେ ଗଭୀର ଅଭିଜ୍ଞତାର ରେଖା ସହିତ, ଆସି ତାଙ୍କ ପାଖରେ ବସିଲେ । ବୃଦ୍ଧ ବ୍ୟକ୍ତି କିଛି ସମୟ ପାଇଁ କିଛି ନ କହି ଅକ୍ଷୟଙ୍କ ଡାଏରୀର ବିକ୍ଷିପ୍ତ ପୃଷ୍ଠାଗୁଡ଼ିକୁ ଚାହିଁଲେ, ତା'ପରେ ଏକ ଧୀର, କିନ୍ତୁ ପ୍ରଭାବଶାଳୀ ହସ ସହିତ କହିଲେ, 'ତୁମେ ଅକ୍ଷୟ, ନୁହେଁ କି ? ମୁଁ ତୁମର କିଛି କାହାଣୀ ପଢ଼ିଛି ।'

ଅକ୍ଷୟ ଚିଡ଼ିଗଲା ଓ ସଂକୋଚରେ ତା'ର ଡାଏରୀ ବନ୍ଦ କରିଦେଲା । ବୃଦ୍ଧ ଜଣକ ତା'ର ହାତ ଧରି ପକାଇ କହିଲେ, 'ଚିନ୍ତା କରନାହିଁ । ତୁମର ଏବେ ବହୁତ କାହାଣୀ ଅଛି । ସେଗୁଡ଼ିକୁ ସଂଗ୍ରହର ରୂପ କାହିଁକି ଦେବ ନାହିଁ ?'

ଅକ୍ଷୟ ଚୁପ୍ ରହିଲେ । ବୃଦ୍ଧ ଜଣକ ଆହୁରି କହିଲେ- 'ମନେରଖ ପୁଅ, ପୁସ୍ତକ କେବଳ ଜଣେ ଲେଖକର ସ୍ୱପ୍ନ । ଏହା ତାଙ୍କ ସମୟର ସାକ୍ଷ୍ୟ । ଯଦି ତୁମେ ଲେଖିବ ନାହଁ, ତେବେ ସେହି ସମୟ ଚାଲିଯିବ ।'

ତାଙ୍କ କଥା ଅକ୍ଷୟଙ୍କ ମନରେ ଗଭୀର ଭାବରେ ପ୍ରବେଶ କରିଥିଲା । ସେ ଏପର୍ଯ୍ୟନ୍ତ ଲେଖାକୁ ବ୍ୟକ୍ତିଗତ ଅଭିବ୍ୟକ୍ତି କିମ୍ବା କ୍ଷୁଦ୍ର ପ୍ରଶଂସାର ଏକ ମାଧ୍ୟମ ଭାବରେ ମନେ କରୁଥିଲେ । କିନ୍ତୁ ବୃଦ୍ଧ ବ୍ୟକ୍ତି ଜଣଙ୍କ ତାଙ୍କୁ ଏକ ଐତିହାସିକ ଦାୟିତ୍ୱ ଅନୁଭବ କରାଇଥିଲେ । କିନ୍ତୁ ଏହି ଦାୟିତ୍ୱ ସହିତ ଏକ ନୂତନ ଭୟ ଆସିଲା । ଗୋଟିଏ ପୁସ୍ତକ ଛାପିବା ଏକ ସୁଖଦ ଧାରଣା ଥିଲା, କିନ୍ତୁ ସେ କ'ଣ ଏହି ଭାରୀ ବୋଝ ନେବାକୁ ପ୍ରସ୍ତୁତ ଥିଲେ ? ତାଙ୍କ କାହାଣୀଗୁଡ଼ିକ କ'ଣ ଭବିଷ୍ୟତ ପିଢ଼ି ନିକଟରେ ତାଙ୍କ ସମୟକୁ ପ୍ରତିନିଧିତ୍ୱ କରିବା ପାଇଁ ଯଥେଷ୍ଟ ଶକ୍ତିଶାଳୀ ଥିଲା ?

ଘରକୁ ଫେରି ସେ ତାଙ୍କର ପୁରୁଣା ଲେଖାଗୁଡ଼ିକୁ ସଂଗ୍ରହ କରିବା ଆରମ୍ଭ କଲେ । କମ୍ପ୍ୟୁଟର ୱାର୍ଡ ଫାଇଲରେ ବିଛାଡ଼ି ହୋଇ ରହିଥିବା କାହାଣୀଗୁଡ଼ିକ, ପୁରୁଣା ନୋଟବୁକରେ ହଳଦିଆ ପୃଷ୍ଠା ପଛରେ ଅଧା ସମାପ୍ତ ଧାରଣାଗୁଡ଼ିକ -ଚୂଣ୍ଡ ସବୁ ଧୀରେ ଧୀରେ ଏକ ପାଣ୍ଡୁଲିପି ଭାବରେ ଆକାର ନେବା ଆରମ୍ଭ କଲା ।

ପ୍ରତ୍ୟେକ କାହାଣୀ ତାଙ୍କୁ ତାଙ୍କର ଗୋଟିଏ ନିର୍ବୋଧ ଶିଶୁ ପରି ଲାଗୁଥିଲା । ଯାହାକୁ ସେ ଏବେ ବିଶ୍ୱର ନିଷ୍ଠୁର ସମାଲୋଚନାମୂଳକ ବଜାରରେ ପରିତ୍ୟାଗ କରିବାକୁ ଯାଉଛନ୍ତି । 'କି କାହାଣୀ' କାହା ପାଇଁ ଅଜବ , ଅବାନ୍ତର ହୋଇ ପାରେ । କେଉଁଠି କ୍ଷେତରେ ଫସଲର ଗନ୍ଧ ଥିଲା, କେଉଁଠି ବସ୍ ଷ୍ଟାଣ୍ଡରେ ପାର୍କିଂ ହୋଇଥିବା ବସ୍ ପଛରେ ଦୁଃଖ ଛାଡ଼ି ଯାଇଥିଲା । ଶେଷରେ ସେ ଯେତେବେଳେ ପାଣ୍ଡୁଲିପିଟିକୁ ଜଣେ ପ୍ରତିଷ୍ଠିତ ପ୍ରକାଶକଙ୍କ ପାଖକୁ ପଠାଇଲେ, ତାଙ୍କ ମନ ଦୁଇଟି ବିପରୀତ ଦିଗରେ ଟାଣି ହୋଇଗଲା । ଗୋଟିଏ ପଟେ ଆଶାର ଏକ ଝଲକ ଥିଲା ଯେ ଏବେ ତାଙ୍କ ଶବ୍ଦଗୁଡ଼ିକ ଏକ ଖଣ୍ଡ ମଧ୍ୟରେ ସୁରକ୍ଷିତ ରହିବ, ସେମାନେ ଏକ ଘର ପାଇବେ । ଅନ୍ୟପକ୍ଷରେ ଏକ ଭୟଙ୍କର ସନ୍ଦେହ ଥିଲା ଯେ ପୁସ୍ତକଟି ବଜାରବାଦର ଶିକାର ହୋଇପାରେ, ନଚେତ୍ ଏହା କୌଣସି ଅନ୍ଧାର ଗୋଦାମର କୋଣରେ ଧୂଳି ଜମା କରିଦେବ ।

ଇମେଲ କଥାବାର୍ତ୍ତା, ପ୍ରକାଶକଙ୍କ ସହ ଫୋନ୍ କଲ୍ ତାଙ୍କ ପାଇଁ ଏକ ଅଗ୍ନିପରୀକ୍ଷା ପରି ମନେହୁଏ । କିଛି ମାସ ପରେ ଯେତେବେଳେ 'ପ୍ରୁଫ୍'ର ପ୍ରଥମ କପି ତାଙ୍କ ପାଖକୁ ଆସିଲା, ଅକ୍ଷୟଙ୍କର ଏକ ଅଜବ ଅଭିଜ୍ଞତା ହେଲା । ସେ ନିଜ ଲେଖାରେ ହଜାର ହଜାର ତ୍ରୁଟି ଦେଖିବାକୁ ପାଇଲେ । କେତେବେଳେ ଶବ୍ଦ ଭୁଲ ଥାଏ, ଶେଷ ଧାଡି ଦୁର୍ବଳ । କିଛି କାହାଣୀର ଶୀର୍ଷକ ହଠାତ୍ ତାଙ୍କୁ ଅଯୌକ୍ତିକ ଲାଗିଲା । ସେ ଅନୁଭବ କଲେ ଯେ ଗୋଟିଏ ଶବ୍ଦର ଅପବ୍ୟବହାର କରାଗଲେ, ତାହା ସମଗ୍ର ଅନୁଭବକୁ ବଦଳାଇ ଦେଉଛି । ଏଥର ସେ ଘଣ୍ଟା ଘଣ୍ଟା ଧରି ପ୍ରତ୍ୟେକ ଧାଡ଼ିକୁ ସୁଧାରିବା ପାଇଁ ବସି ରହିଲେ । ସେ ଶବ୍ଦଗୁଡ଼ିକୁ ବକ୍ ବକ୍ କରନ୍ତି ଯେପରି ଜଣେ ମାଆ ତାଙ୍କ ପିଲାର ଚିରା ପୋଷାକକୁ ଆଦର କରୁଛି । ସେ ଭୟ କରୁଥିଲେ ଯେ ତାଙ୍କ ପକ୍ଷରୁ ଟିକିଏ ଅସାବଧାନତା ସେହି ଲୋକମାନଙ୍କ ପ୍ରତି ଅନ୍ୟାୟ ହେବ , ଯେଉଁମାନଙ୍କ ଜୀବନ ବିଷୟରେ ସେ ଏହି କାହାଣୀ ଗୁଡ଼ିକ ଲେଖିଛନ୍ତି ।

ସେହି ଦିନ ଆସିଲା ଯେତେବେଳେ ପୁସ୍ତକଟି ଶେଷରେ ଛାପା ପାଇଁ ଗଲା । ସେହି ଦିନ ଠାରୁ ସେହି ଲମ୍ବା ଅପେକ୍ଷାର ସମୟ ଆରମ୍ଭ ହୋଇଥିଲା । ସେହି ଦିନଗୁଡ଼ିକରେ, ଅକ୍ଷୟଙ୍କ ଛପା ଅକ୍ଷର ଆଖି ନିଦ ପରି ଚାଲିଯାଇଥିଲା । ସେ ପ୍ରାୟତଃ ରାତି ଦୁଇ କିମ୍ବା ତିନିଟାରେ ଉଠି ଝରକା ପାଖରେ ବସି ନିର୍ଜନ ରାସ୍ତାକୁ ଚାହିଁ ରହନ୍ତି । ତାଙ୍କୁ ଲାଗୁଥିଲା ଯେ ତାଙ୍କ ଚରିତ୍ରମାନେ ସେହି ଖଟିଖିଆ ଗରିବ ଚାଷୀ, ପୋଡ଼ି ଯାଇଥିବା ସେହି ମହିଳା, ସେହି ଅନ୍ଧାର ରାସ୍ତାରେ ବୁଲୁଥିବା ବାୟାଣୀ ଓ ସେମାନଙ୍କ ମୁକ୍ତି ପାଇଁ ଅପେକ୍ଷା କରୁଥିବା ସେହି ଦୁଃଖୀ ପିଲାମାନେ । ସେ ଭୟଭୀତ ହୋଇଯାଇଥିଲେ ।

ଏହି ପୁସ୍ତକ ସେମାନଙ୍କୁ କାଗଜ ପୃଷ୍ଠା ମଧ୍ୟରେ ବନ୍ଦୀ କରି ରଖେ ନାହିଁ । ସେ କ'ଣ ପ୍ରକୃତରେ ସେମାନଙ୍କୁ ତାଙ୍କ କଲମରେ ପ୍ରତିଶ୍ରୁତି ଦେଇଥିବା ଜୀବନ ଦେଇପାରିବେ ? ନା ସେ ଆଉ ଜଣେ ସଫଳ କି ବିଫଳ ଫମ୍ପା ଲେଖକ ହେବେ ?

ଦିନେ ସକାଳେ ଯେତେବେଳେ ପତ୍ର ଉପରେ ଶିଶିର ବିନ୍ଦୁ ପଡ଼ିଥିଲା, ଦୁଆରେ ଏକ ଜୋରରେ ଠକ୍ ଠକ୍ ଶବ୍ଦ ହେଲା । ଅକ୍ଷୟ ଦ୍ୱାର ଖୋଲି ଦେଖିଲେ ଯେ ପୋଷ୍ଟମ୍ୟାନ୍ ଏକ ଆୟତାକାର ପ୍ୟାକେଟ ଧରି ଠିଆ ହୋଇଛନ୍ତି । ପ୍ୟାକେଟରେ ପ୍ରକାଶକଙ୍କ ନାମ ଦେଖିବା ମାତ୍ରେ ଅକ୍ଷୟଙ୍କ ହାତ ଥରିବାକୁ ଲାଗିଲା । ସେ ପ୍ୟାକେଟଟିକୁ ବହୁତ ସତର୍କତାର ସହିତ ଖୋଲିଲେ, ଯେପରି ଭିତରେ କିଛି ବହୁତ ସୂକ୍ଷ୍ମ ଜିନିଷ ଅଛି । ପ୍ୟାକେଟଟି ଖୋଲିବା ମାତ୍ରେ, ନୂତନ ପୁସ୍ତକରୁ ଆସୁଥିବା ନୂତନ କାଗଜ, ସ୍ୱାହି ଓ ଝଲସି ଉଠୁଥିବା କଭର ଉପରେ ତାଙ୍କ ପ୍ରତିଛବିର ମହକ । ସେହି ସ୍ୱତନ୍ତ୍ର ବାସ୍ନା କୋଠରୀ ଭିତରକୁ ପଶିଗଲା । ପ୍ରଥମ ଥର ପାଇଁ ତାଙ୍କ ହାତରେ ତାଙ୍କ ପୁସ୍ତକ ଥିଲା ।

ଭିତର ପୃଷ୍ଠାରେ ଲେଖକ ଭାବରେ ତାଙ୍କ ନାମ ଦେଖି ଅକ୍ଷୟଙ୍କ ଆଖି ଛଳଛଳ ହୋଇ ଆସୁଥିଲା । ଭିଜା ଆଖିରେ କବିବର ରାଧାନାଥଙ୍କ ' ଉତ୍କଳ କମଳା ...ସୁନ୍ଦର ତୃପ୍ତିର ଅବସାଦ ନାହିଁ ' ସେହି ପ୍ରଥମ କବିତାଟି ଯେଭଳି ଝଲସି ଉଠିଲା । ସେ ଥରି ଥରି ହାତରେ ପୁସ୍ତକର ପୃଷ୍ଠାଗୁଡ଼ିକୁ ଓଲଟାଇବା ଆରମ୍ଭ କଲେ । ସେ ତାଙ୍କର ପ୍ରଥମ କାହାଣୀ ପଢିଲେ, ତା'ପରେ ଦ୍ୱିତୀୟଟି । ତାଙ୍କୁ ଲାଗିଲା ଯେପରି ତାଙ୍କ ଶବ୍ଦଗୁଡ଼ିକ ଆଉ ତାଙ୍କର ନୁହଁନ୍ତି, ସେମାନେ ନିଜର ସ୍ୱାଧୀନ ଶକ୍ତି ହାସଲ କରିଛନ୍ତି । ତାଙ୍କ ଆଖିର ମୂଳରେ ଥିବା ଆର୍ଦ୍ରତା ଉତ୍ତର ଦେଲା । ହେଲେ ସେ ଲୁହରେ ଫାଟି ପଡିନଥିଲେ, କିନ୍ତୁ ତାଙ୍କ ଭିତରେ ଥିବା ଅସ୍ଥିରତା, ଦ୍ୱନ୍ଦ୍ୱ ହଠାତ୍ ଶାନ୍ତ ହୋଇଗଲା । ତାଙ୍କୁ ଲାଗିଲା ଯେ ସେ ଏକ ବହୁତ ଲମ୍ବା ଓ କ୍ଳାନ୍ତକାରୀ ଦୌଡ଼ର ପ୍ରଥମ ପର୍ଯ୍ୟାୟ ଅତିକ୍ରମ କରିଛନ୍ତି । ଯେମିତି ସେ ଆଉ କେବଳ ଜଣେ ଲେଖକ ନଥିଲେ, ସେ ଏକ ସ୍ୱର ଥିଲେ ।

ସେହି ଗୋଧୂଳି ସନ୍ଧ୍ୟାରେ ଯେତେବେଳେ ସାରା ଘରେ ଏକ ମର୍ଯ୍ୟାଦାପୂର୍ଣ୍ଣ ନୀରବତା ବ୍ୟାପିଗଲା, ଅକ୍ଷୟ ପୁସ୍ତକଟିକୁ ତାଙ୍କ ଡେସ୍କର ମଝିରେ ରଖି ଘଣ୍ଟା ଘଣ୍ଟା ଧରି ଚାହିଁ ରହିଲେ । ଝରକା ଦେଇ ଚନ୍ଦ୍ରର କ୍ଷୀର ଭଳି ସ୍ୱଚ୍ଛ ଆଲୋକ ପ୍ରବେଶ କରି ପୁସ୍ତକର କଭରରେ ଲେଖାଯାଇଥିବା ନାମକୁ ଆଲୋକିତ କଲା । ତା'ପରେ ସେ ଏକ ସମ୍ପୂର୍ଣ୍ଣ ନୂତନ ଓ ମୌଳିକ ସତ୍ୟ ଅନୁଭବ କଲେ । ସେ ଅନୁଭବ କଲେ ଯେ ପୁସ୍ତକ ପ୍ରକାଶନ ଗନ୍ତବ୍ୟସ୍ଥଳ ନୁହେଁ । ଏହା ସେହି ଯାତ୍ରାରେ ଏକ ନୂତନ ମୋଡ଼ । ଜଣେ ଲେଖକ ହେବାର ପ୍ରକୃତ ଅର୍ଥ କେବଳ ପୃଷ୍ଠାରେ ନାମ ଛାପିବା ନୁହେଁ, ବରଂ ଯେଉଁମାନେ ନିଜ ପାଇଁ କହିପାରନ୍ତି ନାହିଁ, ସେମାନଙ୍କ ପ୍ରତି ସେହି ନିରନ୍ତର ଦାୟିତ୍ୱ ବହନ କରିବା ।

ସେ ପୁଣି ଥରେ ତାଙ୍କର ପୁରୁଣା, ଛିଣ୍ଡିଯାଇଥିବା ନୋଟବୁକ୍ ଖୋଲି ଏକ ନୂତନ ପୃଷ୍ଠା ଓଲଟାଇଲେ । ସେ ପୁଣି ଲେଖିବା ଆରମ୍ଭ କଲେ । କିନ୍ତୁ ଏଥର ତାଙ୍କ କଥାରେ କୌଣସି ବାହାନା ନଥିଲା, କୌଣସି କୃତ୍ରିମ ସୌନ୍ଦର୍ଯ୍ୟ ନଥିଲା । ଏଥର ସେ ସେହି ଖଟିଖିଆ, ଦୀନ ମଜୁରିଆ ଲୋକମାନଙ୍କ ବିଷୟରେ ଲେଖୁଥିଲେ ।ଯେଉଁମାନଙ୍କର କାହାଣୀ ସେ ପୁସ୍ତକରେ କହିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ଯେଉଁମାନଙ୍କର ଜୀବନ ସମାନ ସଂଘର୍ଷରେ ଫସି ରହିଥିଲା । ସେ ଅନୁଭବ କଲେ ଯେ ଜଣେ ଲେଖକର ପ୍ରକୃତ ପୁରସ୍କାର ତାଙ୍କ ପୁସ୍ତକର 'ରୟାଲ୍ଟି' କିମ୍ବା 'ପ୍ରଶଂସା' ନୁହେଁ, ବରଂ ସମାଜର ସବୁଠାରୁ ନିମ୍ନ ସୋପାନର ଆଖିରେ ସେ ଦେଖିପାରୁଥିବା ସଚ୍ଚୋଟତା ।

ସେହି ରାତିରେ ଅକ୍ଷୟଙ୍କ ଛୋଟ କୋଠରୀ ଏକ ବିଦ୍ୟାଳୟରେ ପରିଣତ ହେଲା । ଏପରି ଏକ ସ୍ଥାନ ଯେଉଁଠାରେ ସେ ତାଙ୍କର ପୂର୍ବ ଭୁଲରୁ ଶିକ୍ଷା ଗ୍ରହଣ କରୁଥିଲେ ଓ ଏକ ନୂତନ, ଅଧିକ ମାନବୀୟ ବିଶ୍ୱର ମୂଳଦୁଆ ସ୍ଥାପନ କରୁଥିଲେ । ସେ ଶିଖିଥିଲେ ଅକ୍ଷର କେବେ କ୍ଷୟ ହୁଏ ନାହିଁ, ଶବ୍ଦ କେବେ ମରେ ନାହିଁ । ସେମାନେ କେବଳ ସମୟର ଚାଦର ତଳେ ଶୋଇଥାନ୍ତି ଓ ଯେତେବେଳେ ଜଣେ ପ୍ରକୃତ ସ୍ରଷ୍ଟା ସେମାନଙ୍କୁ ତାଙ୍କର ଇନ୍ଦ୍ରିୟର ଉଷ୍ମତା ଦିଅନ୍ତି, ସେମାନେ ପୁନର୍ବାର ଉଠିଯାଆନ୍ତି । ଜଣେ ଲେଖକ ନିଶ୍ୱାସ ବନ୍ଦ କଲେ ମରେ ନାହିଁ , ସେ ଅମର । ବରଂ ଯେତେବେଳେ ସେ ସତ୍ୟ ଲେଖିବା ବନ୍ଦ କରନ୍ତି ତାଙ୍କର କ୍ଷୟ ଘଟିଥାଏ । ଅକ୍ଷୟ ଅକ୍ଷର ତାଙ୍କ କଲମ ଉଠାଇ ସେହି ଅନନ୍ତ ଯାତ୍ରାରେ ବାହାରି ପଡ଼ିଲେ, ଯେଉଁଠାରେ ଶବ୍ଦ କେବଳ ଶବ୍ଦ ନୁହେଁ, ବରଂ ମାନବତାର ଅବଶେଷ, ଦକ୍ଷିଣାୟନର ଉପପାଦ୍ୟ । ଅକ୍ଷୟ ଅନୁଭବ କରୁଥିଲେ ଏହି ପରିବର୍ତ୍ତିତ ରୂପ ଓ ନିରନ୍ତର ସଂଘର୍ଷରେ ଜଣେ ଲେଖକ ଯିଏକି ବାରମ୍ବାର ପୁନର୍ଜନ୍ମ ପାଆନ୍ତି...!!!


+ଅଧ୍ୟକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ
ମହାନଦୀ ବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ ,
କଟକ-୪ ,
ମୋ: ୯୦୪୦ ୧୫୧୪୭୫




# ପ୍ରୟାସ

ସତ୍ୟନାରାୟଣ ପ୍ରଧାନ

ରାତିସାରା ପୂଜା ଗୋଟେ ଅବିବାହିତ ପୁରୁଷ ପାଖରେ ରହିବା ପରେ ତାକୁ ସତୀ ବୋଲି କହିବାର କୌଣସି ଅଭିପ୍ରାୟ ନାହିଁ । ତାର ପରିସ୍ଥିତି ଯାହା ହେଉ ନା କାହିଁକି ସହରର ରାସ୍ତାକଡ଼ରେ ଥିବା କୋଠାଘରକୁ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ କିପରି ବାଛି ନେଇଥିଲା । କଥାଟା ବିଜୁଳି ବେଗରେ ବ୍ୟାପି ଯାଇଥିଲା । ତାର ଆଉ କଲେଜ ଯିବା ଅଧାରୁ ଅଟକି ଯାଇଥିଲା । ଲୋକଙ୍କ ଠାରୁ ଏଣୁତେଣୁ କଥା ଶୁଣି ବାପା ମାଆ ମନରେ ଦୁଃଖ ଦେବା ଅପେକ୍ଷା ଆତ୍ମହତ୍ୟା କଲେ ପୁଣ୍ୟ ଅଛି ଭାବି ଅନ୍ଧାର ରାତିରେ ସବୁଦିନ ପାଇଁ ଘରୁ ବାହାରି ପଡିଲା । ବାଟରେ ଗଲାବେଳେ ପିଲାଦିନ ସ୍ମୃତି ଗୁଡାକ ଆଖି ଆଗରେ ତାର ନାଚି ଯାଉଥିଲା ।

ଏପରି ଭାବିବା ଭିତରେ ଷ୍ଟେସନ ଆଡକୁ ବିଜୁଳି ବେଗରେ ଗୋଟେ ଟ୍ରେନ ମାଡି ଆସୁଥିବାର ପୂଜା ଦେଖିଲା । ସମାଜ ଆଗରେ ଅସାମାଜିକ ପାଲଟି ଯାଇଥିବା ସେଇ ଯୁବକ ଚନ୍ଦନ ଯିଏ କି ନିଜ ବାପା ମାଆର ଠିକଣା ହରାଇଥିବାରୁ ଦିନ ହେଉ କି ତାର କିପରି ବିତିଯାଏ କୌଣସି ଠିକଣା ନ ଥିଲା । ସେ ଅଚାନକ ଏକାଠି ଗୋଟେ ଘରେ ରାତି ବିତାଇ ଥିବା ଝିଅକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲା । ସେ ତାର ମନର ଅବସ୍ଥାକୁ ବୁଝିପାରି ବଞ୍ଚାଇବା ପାଇଁ ବିଜୁଳି ବେଗରେ ଧାଇଁ ଆସିଥିଲା । ମରଣ ମୁହଁରୁ ଏ କଳଙ୍କିନୀକୁ ବଞ୍ଚାଇ କି ଲାଭ ପାଇଲ ବୋଲି ପୂଜା ତାକୁ ପଚାରିଲା ।

ଚନ୍ଦନ ନମ୍ର ଭାବେ ସ୍ମିତାହାସ୍ୟ ଦେଇ କହିଲା ଜୀବନରେ ବାପା ମାଆ କିଏ ତାହା ମୁଁ ଜାଣିନାହିଁ କି ଦେଖିନି । କାହାଠାରୁ ଟିକେ ଭଲ ପାଇବା ପାଇଁ କାମ ଦାମରେ ସାହାଯ୍ୟ କରିଦେଲେ ଭାରି ଖୁସି ଲାଗେ । ସେଇ ସରଳତାର ସୁଯୋଗ ନେଇ ମୋତେ ସମସ୍ତେ ଦୟା କରନ୍ତି ହେଲେ ମୁଁ ତାହାକୁ ଭଲ ପାଇବା ବୋଲି ଭାବି ନେଇଥିଲି । ମୋ ଜୀବନରେ ଗୋଟେ ଝିଅ ଆସିଥିଲା ଯାହାକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲି । ମୋ ଠାରୁ ତାର ସ୍ୱାର୍ଥ ହାସଲ ହୋଇଯିବାରୁ ଅଦିନ ମେଘ ପରି କୁଆଡ଼େ ହଜି ଯାଇଥିଲା । ସେଇଦିନ ଠାରୁ ମୁଁ ଯେଉଁଠି ପାଠ ପଢା ବାହାନାରେ ଏକାଠି ବୁଲୁଥିବା ପୁଅ ଝିଅକୁ ଦେଖେ ମୋ ପାଦ ରକ୍ତ ମୁଣ୍ଡକୁ ଉଠିଯାଏ ପାଗଳଙ୍କ ପରି ସେମାନଙ୍କୁ ମାରି ଗୋଡ଼ାଇ ସେଠାରୁ ତଡି ପକାଏ । ସେଇଦିନ ଠାରୁ ମୋତେ ଲୋକମାନେ ପାଗଳ କହିବାକୁ ଆରମ୍ଭ କରି ଦେଇଥିଲେ ।

ପୂଜା ଜୀବନରେ ଚନ୍ଦନ ଭଳି ଯୁବକ କେବେ ଦେଖି ନ ଥିଲା । ତାର ସେଇ ପଦେ କଥାରେ ବଞ୍ଚିବା ଶିଖି ଯାଇଥିଲା । ତା ହାତରୁ ସିନ୍ଦୁର ଟୋପେ ପିନ୍ଧିବାକୁ ଅଳି କରି କହୁଥିଲା । ଦୁନିଆକୁ ସେ ଜଣାଇ ଦେବାକୁ ଚାହେଁ କାହାକୁ ବିନା ଦୋଷରେ ପାଗଳ ସଜାଇବା ଉଚିତ ନୁହଁ ବୋଲି । ସମାଜରେ କାହାର ବି ମଙ୍ଗଳ କରୁଥିବା ଲୋକର ଖୁସିରେ ବଞ୍ଚିବାର ଅଧିକାର ଅଛି । ଚନ୍ଦନ କିନ୍ତୁ ସେ ପ୍ରସ୍ତାବରେ ରାଜି ନ ଥିଲା । ସେ ତ ସମାଜର ଠୋକର ଖାଇ ବଞ୍ଚିବା ଶିଖି ଯାଇଛି । ଭରସା ନ ଥିବା ଜୀବନରେ ଆଉ କାହାକୁ ସମ୍ପର୍କ ଡୋରରେ ବାନ୍ଧିବା ଅପେକ୍ଷା ସେଠାରୁ ଚାଲିଯିବା ବହୁତ ଭଲ ବୋଲି ମନରେ ନିଷ୍ପତ୍ତି ନେଇଥିଲା ।

ସେ ପୁଣି ପୂଜା ମୁହଁକୁ ଦେଖି କିପରି ଏକା ଛାଡି ଯାଇ ପାରିବ ଭାବନା ରାଜ୍ୟକୁ ତାର ବିଚଳିତ କରି ଦେଉଥିଲା । ରାତି ପାହି ସକାଳ ହେବାକୁ ଆଉ କେଇ ଘଡି ବାକିଥାଏ । ପୂଜା ଚନ୍ଦନ ସହିତ ଏକାଠି ଜିଇବ ଆଉ ମରିବ ବୋଲି ବାଛି ନେଇଥିଲା । ସେ ଜୀବନରେ ଆତ୍ମହତ୍ୟା ଭଳି ଘୃଣ୍ୟ ପାପରୁ ବଞ୍ଚାଇ ଆଶାରେ ଆଲୋକ ଦେଖାଇ ପୁଣି ଅନ୍ଧାର ଭିତରକୁ ଠେଲି ଦେବା ମାନବିକତାର ପରିଚୟ ନୁହଁ ବୋଲି ଛାତି ତଳେ ଲୁଚି ରହିଥିବା ବିବେକ ତାର ବାରମ୍ବାର ମନା କରୁଥିଲା । ସେ ଦୁହେଁ ପୁଣି ଗୋଟେ ନୂଆ ଜୀବନ ଗଢିବାର ପ୍ରୟାସରେ ବଦନାମ ଗଳିର ରାସ୍ତାକୁ ସବୁଦିନ ପାଇଁ ଭୁଲି ଦୂରରେ ଲାଗିଥିବା ଟ୍ରେନରେ ଯାଇ ପଡିଲେ ।


+ ଅଣ୍ଟିଆ, ଯାଜପୁର
ମୋ - ୯୧୭୮୩୧୩୬୪୪




# ବିବାହର ବର୍ଷେ ନପୁରୁଣୁ ନବବଧୂକୁ ହତ୍ୟା ଅଭିଯୋଗ

ବଲାଙ୍ଗିର, ୨୯/୩ (ନି.ପ୍ର): ବଲାଙ୍ଗିର ଜିଲା ତୁଷୁରା ଥାନା ମହିପୁର ଗାଁରେ ଜଣେ ନବବଧୂକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ୧୦ ମାସ ତଳେ ବିବାହ ହୋଇଥିବା ଅନୁପମା ମହାନନ୍ଦଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ତୁଷୁରା ପୋଲିସ ଷ୍ଟେଶନରେ ଅଭିଯୋଗ କରିଛନ୍ତି। ତୁଷୁରା ପୋଲିସ ଅନୁପମାଙ୍କ ସ୍ୱାମୀ ମୈଦାଂଶୁ ମହାନନ୍ଦ ଏବଂ ଦେଢ଼ଶୁର ସୁଧାଂଶୁ ଏବଂ ଯାଆଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଗତବର୍ଷ ମଇ ୮ ତାରିଖରେ ବାଗଭା ଗାଁର ଅନୁପମାଙ୍କୁ ବିବାହ ହୋଇଥିଲେ ମୈଦାଂଶୁ। କୌଣସି କଥାକୁ ନେଇ ଉଭୟଙ୍କ ଭିତରେ ଝଗଡ଼ା ଲାଗି ରହୁଥିଲା। ତେଣୁ ଅନୁପମାକୁ ତଣ୍ଟିଚିପି ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ସ୍ୱାମୀ ମୈଦାଂଶୁ ଓ ତାଙ୍କ ଭାଇ ଭାଉଜ ତିନି ଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ପରିବାରଙ୍କ ଅଭିଯୋଗକୁ ନେଇ ତଦନ୍ତ କରୁଥିବା ବେଳେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ମୃତ ଅନୁପମାଙ୍କ ପୋଷ୍ଟମର୍ଟମ ଚାଲିଥିବା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ କହିଛନ୍ତି।

# ବେଆଇନ ଇଟାଭାଟି ଚଢାଉ: ୪ଲକ୍ଷ ଟଙ୍କା ଜୋରିମାନା ଆଦାୟ

ଘଟଗାଁ , ୨୯/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଅଂଚଳରେ ଦିନକୁ ଦିନ ବେଆଇନରେ ଇଟା ମାଫିଆଙ୍କ ଦ୍ୱାରା ଗଢି ଉଠୁଥିବା ଅଭିଯୋଗ ହୋଇ ଆସୁଥିଲେହେଁ ଘଟଗାଁ ତହସିଲର ନିଯୁକ୍ତି ପ୍ରାପ୍ତ କେତେକ ଅସାଧୁକର୍ମଚାରୀଙ୍କ ମନମୁଖୀ ଓସଲା ସୁତୁରା ଯୋଗୁଁ କୌଣସି ପଦକ୍ଷେପ ନିଆଯାଉନ ଥିବା ଅଭିଯୋଗ ଜିଲ୍ଲା ପ୍ରଶାସନ ପାଇଁ ଇଟାଭାଟି ଉପରେ ଚଢାଉ କରି ଜୋରିମାନା କରାଯିବାକୁ ନିର୍ଦ୍ଦେଶ ପାଇ ଘଟଗାଁ ତହସିଲଦାର ଚାରୁଲତା ସିଂହ ଢେଙ୍କିକୋଟ ବସନ୍ତପୁର ଗଦାଧରପୁର ଘଟଗାଁ ତରା ରଜସ୍ୱସର୍କଲରେ ବେଆଇନ ଭାବେ ଗଢିଉଠିଥିବା୪୫ ଟି ଇଟାଭାଟି ଚଢାଉ କରି ୪ ଲକ୍ଷ ଟଙ୍କା ଜୋରିମାନାଆଦାୟ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି।
ଏହିପରି ପ୍ରତି ମାସ ଚଢାଉ ଜାରି ରଖି ଜୋରିମାନା ଆଦାୟ କରାଗଲେ ଇଟା ମାଫିଆମାନଙ୍କ ଉପରେ ଅଙ୍କୁଶ ଲାଗି ପାରନ୍ତା ବୋଲି ସିନା ରଣରେ ମତପ୍ରକାଶ ପାଇଛି ।

# ହାତୀ ପାଇଁ ହନ୍ତସନ୍ତ: ଗଡ଼ିଲାଣି ୪୦ମୁଣ୍ଡ, ଏବେ ଗାଁରୁ ସହରମୁହାଁ

ଖୋର୍ଦ୍ଧା , ୨୯/୩ (ନି.ପ୍ର): ନୟାଗଡ଼ରେ ନାହିଁ ହାତୀମାନଙ୍କର ଏତେଟା ଉପଦ୍ରବ। ପଡ଼ୋଶୀ ପୁରୀ ଜିଲ୍ଲାରେ ବି ଏମାନଙ୍କ ହିଂସା ପ୍ରାୟ କମ୍?। କିନ୍ତୁ, ଖୋର୍ଦ୍ଧା ଜିଲ୍ଲାରେ ବଣୁଆ ହାତୀ ରକ୍ତମୁଖା ହୋଇପଡ଼ିଛନ୍ତି। ସେମାନଙ୍କ ହିଂସ୍ରପଣ ଏତେ ବଢ଼ିଛି ଯେ ଗତ ଦଶନ୍ଧିରେ ଜିଲ୍ଲାର ୪୦ ଲୋକଙ୍କୁ ଦଳି ଚକଟି ଜୀବନ ନେଇଛି। ଏବେଠୁ ପ୍ରକୃତି ଓ ପର୍ଯ୍ୟାବରଣ ପ୍ରତି ଧ୍ୟାନ ନ ହେଲେ, ଆଗକୁ ଦୁର୍ଘଟଣାଠୁ ବି ହାତୀ ଉପଦ୍ରବ ଜିଲ୍ଲା ପାଇଁ ଏକ ବଡ଼ ଆହ୍ୱାନ ହୋଇ ଠିଆ ନ ହେବ ତାହା କହି ହେବ ନାହିଁ। ଖୋର୍ଦ୍ଧା ବନଖଣ୍ଡ ତଥ୍ୟ କହୁଛି, ୧୨ବର୍ଷ ତଳେ ଅର୍ଥାତ୍ ୨୦୧୪-୧୫ ଆର୍ଥିକ ବର୍ଷରେ ଜିଲ୍ଲାରେ ହାତୀ ଉପଦ୍ରବ ଏତେଟା ନ ଥିଲା। କାଁ ଭାଁ ହାତୀ ଜନବସତିମୁହାଁ ହେଉଥିଲେ। ହାତୀମୁହଁରେ ପଡ଼ି ସେହିବର୍ଷ ମାତ୍ର ଜଣେ ଲୋକଙ୍କ ମୃତ୍ୟୁ ହୋଇଥିଲା।



ତା’ ପର ବର୍ଷ ମୃତ୍ୟୁସଂଖ୍ୟା ଶୂନ ଥିଲା। ୨୦୧୭-୧୮ଆର୍ଥିକ ବର୍ଷ ଯାଏଁ ହାତୀ ଆକ୍ରମଣରେ ମଣିଷଙ୍କ ମୃତ୍ୟୁସଂଖ୍ୟା ଏକରେ ସୀମିତ ରହୁଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ମୃତ୍ୟୁସଂଖ୍ୟା ଦୁଇକୁ ଡେଇଁଲା। ତା’ ପରଠାରୁ ତାଲିକା ଆଗକୁ ଆଗକୁ ଲମ୍ବି ଲମ୍ବି ଚାଲିଛି। ଗଲା କୋଭିଡ୍ ସମୟରେ ଲୋକେ ଯେବେ ଲକ୍‌ଡାଉନ୍‌ର ଶିକାର ହୋଇଥିଲେ, ଖୋର୍ଦ୍ଧା ଜିଲ୍ଲାରେ ହାତୀ ଉପଦ୍ରବ ଚରମ ସୀମା ଛୁଇଁଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ୯ଜଣଙ୍କର ମୁଣ୍ଡ ଗଡ଼ିଥିଲା। ଏହି କ୍ରମରେ ୨୦୨୦-୨୧ ଆର୍ଥିକ ବର୍ଷରେ ହାତୀପଲ ୪ ଜଣଙ୍କୁ ମାରିଥିବା ବେଳେ ୨୦୨୧-୨୨ରେ ୬ ଜଣଙ୍କୁ, ୨୦୨୨-୨୩ରେ ୪ ଜଣଙ୍କୁ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ୮ଜଣଙ୍କ ଜୀବନ ନେଇଛି ହାତୀ। ୨୦୨୪-୨୫ ଆର୍ଥିକ ବର୍ଷରେ ହାତୀ ଆକ୍ରମଣରେ ୪ଜରଙ୍କ ଜୀବନ ଯାଇଛି। ହାତୀପଲ ଖୋର୍ଦ୍ଧା ସହର ଉପକଣ୍ଠ ଅଞ୍ଚଳରେ ମୃତ୍ୟୁର ତାଣ୍ଡବ ଖେଳାଉଥିଲେ ଏବଂ ଚାଷୀଙ୍କର ଫସଲ ସବୁ ନଷ୍ଟ କରୁଥିଲେ। ଏବେ ହାତୀପଲ ସହରମୁହାଁ ହେଲେଣି। ଖୋର୍ଦ୍ଧା ସହର ଭାଲିଆବାଡ଼ିରେ ବି ଦନ୍ତାହାତୀର ଉପସ୍ଥିତି ଦେଖା ଦେଲାଣି। ଏମିତିକି, ସହର ଭିତରକୁ ଆସି ଘର ପାଚେରି ଭାଙ୍ଗିବା ଘଟଣା ସହରରେ ହାତୀଙ୍କର ଆତଯାତ କେମିତି ହେଲାଣି ତାହା ଦର୍ଶାଇ ଦେଉଛି। ଖୋର୍ଦ୍ଧା ସହର ଦେଇ ଦୁଇ ଜାତୀୟ ରାଜପଥ ଯାଇଛି। ଜାତୀୟ ରାଜପଥ ଉପରେ ବି ହାତୀପଲଙ୍କ ଯାତାୟାତର ନଜିର ରହିଛି। ହାତୀପଲ ଜନବସତିମୁହାଁ ହେବାରେ ଅଭ୍ୟସ୍ତ ହେବା ଏବଂ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ାଇବା ଯୋଗୁ ଆଗକୁ ଜିଲ୍ଲା ପାଇଁ ଭୟଙ୍କର ସ୍ଥିତି ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି ହେଲାଣି।

# ବାଲେଶ୍ୱର ବାରବାଟି ଗୋପାଲ ବାଡ଼ି ଚାନ୍ଦି ମେଢ଼ ବାସନ୍ତୀ ଦୁର୍ଗାପୂଜା ମହାସମାରୋହରେ ପାଳିତ

ବାଲେଶ୍ୱର, ୨୯/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟି ଗୋପାଲ ବାଡ଼ି ଚାନ୍ଦି ମେଢ଼ ବାସନ୍ତୀ ଦୁର୍ଗା ପୂଜା ବିମଲ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ବାଲେଶ୍ୱର ସହରରେ ବାସନ୍ତୀ ଦୁର୍ଗା ପୂଜା ୧୦ ରୁ ୧୫ ଟି ପୂଜା ପାଆନ୍ତି । ସେଥିମଧ୍ୟରୁ ବାରବାଟି ଗୋପାଲ ବାଡ଼ି ଚାନ୍ଦି ମେଢ଼ ବାସନ୍ତୀ ଦୁର୍ଗା ପୂଜା ଅତି ନିଆରା । ଏହି ପୂଜା ୫ ଦିନ ବ୍ୟାପୀ ନିଆରା ଭାବରେ ପୂଜା ହୁଏ । ଏହି ପୂଜା ୪୫ ବର୍ଷ ଧରି ହୋଇ ଆସୁଛି। ଏହାର ପ୍ରତିଷ୍ଠାତା ଭାବରେ ଦିବଂଗତ ଚିରୁ ରଞ୍ଜନ କର ଓ ପଞ୍ଚ ରତନ ବର୍ଦ୍ଧନ , ଅନନ୍ତ ମହାନ୍ତି ପ୍ରମୁଖ । ଏହି ପୂଜା ରେ ସନ୍ଧ୍ୟା ଆରତି ଓ ମଙ୍ଗଳ ଆରତୀ ଦେଖିବାକୁ ଶହ ଶହ ସଂଖ୍ୟାରେ ଭକ୍ତ ମାନେ ଆସନ୍ତି । ଅଷ୍ଟମୀ ପୂଜାରେ ହଜାର ହଜାର



ସଂଖ୍ୟାରେ ଲୋକେ ଡଲା ଭୋଗ ଦେଇଥାନ୍ତି । ନବମୀ ଦିନ ପ୍ରାୟ ୫ ରୁ ୮ ହଜାର ଲୋକ ପ୍ରସାଦ ସେବନ କରିଥିଲେ। ଦଶହରା ମାଙ୍କୁ ଆଡମ୍ବର ଭାବରେ ଭସାଣି କରିଥିଲେ । ଏହି ଚାନ୍ଦୀ ମେଢ଼ ବାସନ୍ତୀ ପୂଜା ସମ୍ପାଦକ ସୁଶିଲ ଚନ୍ଦ୍ର କର , ଅରୁଣ କୁମାର କର , କୃଷ୍ଣ ଗୋପଲ କର , ଛବିନ୍ଦ୍ର ସାହୁ , ସୁଚନ୍ଦନ ସାହୁ , ଶୁଭେନ୍ଦୁ କର , ରାଜେନ୍ଦ୍ର କର , ଆତିଶ ବର୍ଦ୍ଧନ , ଅପର୍ଣ୍ଣା କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଖଣି ପାଇଁ ମାଟିରେ ମିଶିଯିବ ଆଉ ୨୨ ଗାଁ ! ଓଡ଼ିଶା ମାନଚିତ୍ରରୁ ଲିଭିଯିବ କି ତାଳଚେର ସହର ?

ତାଳଚେର, ୨୯/୩ (ନି.ପ୍ର): ଖଣି ଖାଦାନ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି କଳାହୀରାର ସହର ତାଳଚେର। ହେଲେ, ଏହି କଳାହୀରା ଯୋଗୁ ତାଳଚେର ଆଖପାଖ ଅଞ୍ଚଳରେ ଜନବସତି ହ୍ରାସ ପାଇବାରେ ଲାଗିଛି। କୋଇଲା ଖନନ ପାଇଁ ଅନେକ ଗାଁ ମାଟିରେ ମିଶି ଯାଇଛି। ଲୋକେ ଭିଟାମାଟି ହରାଇ ବିସ୍ଥାପିତ ଜୀବନ ଜିଉଁଛନ୍ତି। ଏବେ ପୁଣି ଆଉ ୨୨ଟି ଗ୍ରାମର ଜମିତଳେ ପ୍ରଚୁର କୋଇଲା ଥିବା ନେଇ ଭାରତ ସରକାର ସର୍ବସାଧାରଣରେ ନୋଟିସ୍ ପ୍ରକାଶ କରିଛନ୍ତି। ଯେଉଁଥି ପାଇଁ ସଂପୃକ୍ତ ଗ୍ରାମଗୁଡ଼ିକର ବାସିନ୍ଦାଙ୍କୁ ୯୦ ଦିନ ଭିତରେ ଆପତ୍ତି ଅଭିଯୋଗ କରିବାକୁ କୁହାଯାଇଛି। ପ୍ରାପ୍ତ ସୂଚନା ମୁତାବକ, ଅନୁଗୁଳଜିଲ୍ଲା ତାଳଚେର ବ୍ଲକ୍‌ର କଙ୍କିଳି, କିଶୋରିପାଳ, କାକୁଡ଼ି, ହରିହରପୁର, ରାମଚନ୍ଦ୍ରପୁର, ଦାଶରଥିପୁର, ସ୍କଟଲ୍ୟାଣ୍ଡପୁର, ବାଲିଯୋଡ଼ି, ଭେରୁବନିଆଁ, ବିହାରୀପୁର, ଝରାନାଳୀ, ପଟିଆନାଳୀ, ତେଲିବାହାଳ, ମିଟୁଆଣି, ପ୍ରମୋଦପ୍ରସାଦ, ବରନାଳୀ, ମହୁଲପାଳ(କ), ମହୁଲପାଳ(ଖ), ନିଜିଗଡ଼ ଟାଉନ୍, ଗୁଣ୍ଡିବାହାଳ, ବୀରବଲପଲ୍ଲୀ, କୁଷ୍ଟାପଶି ଆଦି ଗ୍ରାମଗୁଡ଼ିକର ମାଟିତଳୁ କୋଇଲା ଖନନ କରିବା ପାଇଁ ଭାରତ ସରକାର ଯୋଜନା ରଖିଛନ୍ତି। ଯାହାକୁ ଭାରତ ସରକାର ସାକ୍ଷୀଗୋପାଳ-ଖ କଙ୍କିଳି କୋଲ୍ ବ୍ଲକ୍ ଭାବେ ଘୋଷଣା କରିଛନ୍ତି। କୋଇଲା ଖନନ ନିମନ୍ତେ ପୂର୍ବରୁ ତାଳଚେର ବ୍ଲକ୍ ଅନ୍ତର୍ଗତ ଅନେକ ଗାଁ ନିଶ୍ଚିହ୍ନ ହୋଇଯାଇଛି। ଲୋକେ ବିସ୍ଥାପିତ ଜୀବନ ଜିଇଁବାକୁ ବାଧ ହେଉଛନ୍ତି। ଭାରତ ସରକାରଙ୍କ ନୂଆ ଯୋଜନା କାର୍ଯ୍ୟକାରୀ କରାଗଲେ ଉପରୋକ୍ତ ୨୨ଟି ଗାଁ ପୁଣି ଓଡ଼ିଶା ମାନଚିତ୍ରରୁ ଲିଭିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅପରପାର୍ଶ୍ୱରେ ତାଳଚେରରେ ବର୍ତ୍ତମାନ ଜଳାଭାବ ଦେଖାଦେଇଛି। ଆଗକୁ ବ୍ରାହ୍ମଣୀ ନଦୀକୂଳରେ ଥିବା ଏହି ସାକ୍ଷୀଗୋପାଳ -ଖ କଙ୍କିଳି କୋଲ୍ ବ୍ଲକ୍ ଖନନ ହେଲେ ବ୍ରାହ୍ମଣୀ ନଦୀ ମଧ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ଦିନକୁ ଦିନ ତାଳଚେର ଅଞ୍ଚଳରେ ଜମି କମିବାରେ ଲାଗିଛି। ଅନ୍ୟପଟେ ପୂର୍ବରୁ ଖଣି ପାଇଁ ଜମି ହରାଇଥିବା ପ୍ରଜାଙ୍କୁ ଦଶନ୍ଧି ଦଶନ୍ଧି ଧରି ଥଇଥାନ ଓ ନିଯୁକ୍ତି ପ୍ରଦାନ କରାଯାଇ ନଥିବା ବେଳେ ଏବେ ଏହି ସମସ୍ତ ଗ୍ରାମର ଅବସ୍ଥା କ’ଣ ହେବ ବୋଲି ଚିନ୍ତାରେ ପଡ଼ିଛନ୍ତି ଅଞ୍ଚଳବାସୀ। ସରକାର ଏହି ଗାଁଗୁଡ଼ିକର ଜମିକୁ ଘରୋଇ କମ୍ପାନିକୁ ହାତକୁ ଲିଜ୍ ଆକାରରେ ଟେକିଦେବାକୁ ବସିଥିବାରୁ ଅନେକ ଗାଁର ଲୋକେ ବିରୋଧ କରିବା ଆରମ୍ଭ କରିଛନ୍ତି।

# ରାତିରେ ପିଚୁ ରାସ୍ତା ନିର୍ମାଣ: ଛାଲ ଛାଲ ହୋଇ ରାସ୍ତାରୁ ଉଠି ଯାଉଛି ଗୋଡି ପିଚୁ

ଜୟପୁର, ୨୯/୩ (ନି.ପ୍ର): ଠିକା ସଂସ୍ଥା ଏବଂ ବିଭାଗୀୟ ମଧୁ ଚନ୍ଦ୍ରିକାରେ ନିମ୍ନମାନର ପିଚୁ ରାସ୍ତା ନିର୍ମାଣ. ରାତି ଅଧିଆ ପିଚୁ ପକାଇ ଅତି ନିମ୍ନ ମାନର ରାସ୍ତା ନିର୍ମାଣ କରୁଛି ଠିକାଦାର ସକାଳ ପାଉ ପାଉ ରାସ୍ତା ଉପରୁ ଛାଲ ଛାଲ ପିଚୁ ଓ ଗୋଡି ବାହାରି ପଡୁଛି। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ମନ ମୁଖି ରାସ୍ତା କରୁଛି ଠିକା ସଂସ୍ଥା। ଯାହାକୁ ବିରୋଧ କରି ରାସ୍ତା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି ଗାଁ ଲୋକେ। ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି ବୋରିଗୁମ୍ମା ବ୍ଲକ ବଡ ପିଣ୍ଡାପଦର ଗ୍ରାମରୁ। ବଡ ପିଣ୍ଡାପଦର ଠାରୁ ବୋରିଗୁମ୍ମା ପର୍ଯ୍ୟନ୍ତ ୩ କି.ମି. ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ତରଫରୁ ୨୪ ଲକ୍ଷ ଟଙ୍କା ଅନୁଦାନରେ ରାସ୍ତା ମରାମତି କାର୍ଯ୍ୟ ଚାଲୁଛି କ୍ଷ କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଠିକା ସଂସ୍ଥା ମନମାନି କରି ନିମ୍ନମାନର କାମ କରୁଛି ଯାହାକୁ ବିରୋଧ କରି ଗ୍ରାମବାସୀ ରାସ୍ତାରେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଘଟଣାସ୍ଥଳରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପହଂଚି କାର୍ଯ୍ୟକୁ ଯାଂଚ୍ କରୁଛନ୍ତି । ଏନେଇ ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ତଦନ୍ତ କରିବାର ଆବଶ୍ୟକତା ରହିଛି।

# ଇନଟାକ ତରଫରୁ ‘ଜୀବନର ଗଛ’ ସର୍ବଭାରତୀୟ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୯/୩ (ନି.ପ୍ର): କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନ୍‌ଟାକର ସୋନପୁର ଚ୍ୟାପ୍ଟର ତରଫରୁ ଜୀବନର ଗଛ ପୋଷ୍ଟର ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାହାରା ଟ୍ରଷ୍ଟ ହାଇସ୍କୁଲ, ଆଇଡିଏଲ ପବ୍ଲିକ ସ୍କୁଲ, ପିଏମଶ୍ରୀ ମହାରାଜା ହାଇସ୍କୁଲ, ପିଏମଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟରୁ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଇନଟାକ ଦ୍ୱାରା ଶ୍ରେଣୀ ୭ ରୁ ୯ ପର୍ଯ୍ୟନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଏହି “ଜୀବନର ଗଛ” ବିଷୟରେ ଏହି ସର୍ବ ଭାରତୀୟ ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜିତ କରାଯାଉଛି। ଏହା ଆମ ଦେଶର ଭବିଷ୍ୟତର ଦୀପବାହକ ଥିବା ଶିଶୁମାନଙ୍କୁ ସଚେତନ କରିବାରେ ସହାୟକ ହେବ ଏବଂ ଏହା ଆମର ଗର୍ବିତ ବିଶ୍ୱସ୍ତରୀୟ ମିଶନ ମଧ୍ୟ ସହାୟତା କରିବ, ଯାହା ମୂଲ୍ୟାଙ୍କନ, ଅନୁସନ୍ଧାନ ଓ ସାଂସ୍କୃତିକ ଶିକ୍ଷାର ଆତ୍ମାକୁ ପ୍ରୋତ୍ସାହନ ଦେବାକୁ ଉଦ୍ଦିଷ୍ଟ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୦୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଆଂଚଳିକ ସ୍ତରରେ ଏବଂ ୧୦ ଜଣଙ୍କୁ ଜାତୀୟ ସ୍ତରରେ ପୁରସ୍କୃତ କରାଯିବ । ଏହା ବ୍ୟତିତ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ । ପ୍ରତିଯୋଗିତା ପରେ ଇନଟାକ ସୋନପୁର ଚାପ୍ଟରର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଜିଲ୍ଲା ବନାଧିକାରୀ ତଥା କବି ସୁଶୀଲ କୁମାର ତ୍ରିପାଠୀ, ସମାଜସେବୀ ଗତିକୃଷ୍ଣ ମିଶ୍ର ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ସମ୍ବଲପୁର ମଣ୍ଡଳ ପ୍ରମୁଖ ଅଜିତ କୁମାର ମେହେର ଅତିଥି ଭାବେ ଯୋଗଦେଇ ଜୀବନର ଗଛ ଉପରେ ଆଲୋଚନା କରିଥିଲେ । ଇନଟାକର ସହ ଆବାହକ ବନମାଳି ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଦେବକୀ ନନ୍ଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟଶ୍ରୀ ଗଦାଧର ବାରିକ ଏବଂ ଚିତ୍ରଶିଳ୍ପୀ ଦୁର୍ଯ୍ୟୋଧନ ମେହେର ପ୍ରମୁଖ ମଂଚାସୀନ ଥିଲେ ।

# ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୨୯/୩ (ନି.ପ୍ର): କେନ୍ଦ୍ରାପଡ଼ା ସହରର ବଡ଼ହାଟ ସ୍ଥିତ ଅହମଦୀୟା ମୁସଲିମ୍ ସମ୍ପ୍ରଦାୟ ତରଫରୁ ଅହମଦୀୟା ମସଜିଦ ପରିସରରେ ଜିଲ୍ଲା ସ୍ତରୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ହେବାକୁ ଯାଉଅଛି। ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ମୌଲାନା ହାରୁନ ରଶିଦ ପୌରୋହିତ୍ୟ କରିଥିଲେ। ‘ବାର୍ଷିକ ସମ୍ମିଳନୀ’ର ଏହି ମହାନ ପରମ୍ପରାର ଶୁଭାରମ୍ଭ ମିର୍ଜା ଗୁଲାମ ଅହମଦ୍ ସଂସ୍ଥାପକ ଅହମଦୀୟା ମୁସଲିମ୍ ସମ୍ପ୍ରଦାୟ ୧୮୯୧ ମସିହାରେ ସର୍ବ ପ୍ରଥମେ କାଦିଆନ ପଞ୍ଜାବ ଠାରେ କରିଥିଲେ। ଯାହା ଆଜି ସର୍ବରାଷ୍ଟ୍ର ଓ ବିଶ୍ୱରୂପ ଧାରଣ କରିଛି। ଅହମଦୀୟା ମୁସଲିମ୍ ସମ୍ପ୍ରଦାୟ ସର୍ବରାଷ୍ଟ୍ର ଓ ସର୍ବ କ୍ଷେତ୍ରରେ ଏପରି ‘ବାର୍ଷିକ ସମ୍ମିଳନୀ’ କରିଆସୁଛି। ଏହି ବାର୍ଷିକ ସମ୍ମିଳନୀରେ କୌଣସି ରାଜନୈତିକ ଆଳାପ ହୁଏନାହିଁ। ବରଂ ଜେହାଦ୍ ନାମରେ ଉଗ୍ରବାଦୀମାନଙ୍କର ବର୍ବରୋଚିତ କାଣ୍ଡ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଏ। ମାନବିକତାର ଶତ୍ରୁ ସାଜି ଥିବା ଅମଣିଷ ଲୋକମାନଙ୍କୁ ମୂଳୋତ୍ପାଟନ କରିବା ପାଇଁ ଆକୁଳ ପ୍ରାର୍ଥନା ମାଧ୍ୟମରେ ସଂକଳ୍ପ ନିଆଯାଏ। ସମାଜରେ ନାରୀର ସମ୍ମାନ ଓ ତା’ ଦୁର୍ଦ୍ଦଶାର ନିବାରଣ ଓ ସୁରକ୍ଷା ପାଇଁ ଯଥୋଚିତ ପ୍ରୟାସ ପ୍ରତି ଆଲୋଚନା କରାଯାଇଥାଏ। ‘ସମାଜ ସୁଧାର- ଯୁବ ସୁଧାର ବିନା ଅସମ୍ଭବ’ର ବାସ୍ତବିକତା ଦିଗରେ ଧ୍ୟାନ ଦିଆଯାଇଥାଏ। “ଦେଶପ୍ରେମ-ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ’ ବୋଲି ପ୍ରାଥମିକତା ଦିଆଯାଇଥାଏ। ଏହି ସମ୍ମିଳନୀରେ ବହୁ ସଂଖ୍ୟାରେ ବିଭିନ୍ନ ଧର୍ମାବଲମ୍ବୀମାନେ ଯୋଗ ଦେଇ ଧର୍ମ ଚର୍ଚ୍ଚାରେ ସକ୍ରୀୟ ଅଂଶଗ୍ରହଣ କରନ୍ତି। ଯଦ୍ୱାରା ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଭାଇଚାରା ପ୍ରତିଷ୍ଠା ନିମନ୍ତେ ଏହା ଏକ ପ୍ଲାଟଫର୍ମରେ ପରିଣତ ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନ ପାଇଁ ନିଷ୍ଠାପର ପ୍ରୟାସ ସହିତ ଧର୍ମ ଓ ମାନବିକତାର ମିଶ୍ରିତ ଭାବନାକୁ ସଂଯୋଗ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ। ଏହି ସମ୍ମିଳନୀ ଦ୍ୱାରା ବିଶ୍ୱ ଶାନ୍ତି, ଭାଇଚାରା ଏବଂ ପରସ୍ପର ମଧ୍ୟରେ ସଦ୍‌ଭାବନା ସ୍ଥାପନ ହୋଇଥାଏ। ପବିତ୍ର କୋରାନ ପାଠ ମୌଲାନା ନସିର ଅହମଦ ଖାନ କରିଥିବାବେଳେ ଉର୍ଦ୍ଦୁ ନଜମ କବିତା ସୟଦ ସରଫରାଜ ଅହମଦ ପଢ଼ି ଶୁଣାଇଥିଲେ। ସଭାଧ୍ୟକ୍ଷ ଖିଲାଫତ ସହ ଦୃଢ଼ ସଂପର୍କ ସ୍ଥାପନା ପାଇଁ ଶପଥ ପାଠ କରାଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ମୌଲାନା ଅକବର ଖାନ କହିଲେ; ନମାଜ ପ୍ରଭୁଙ୍କ ନିକଟତର ହେବାର ମାଧ୍ୟମ। ନମାଜ ସଫଳତାର ଚାବିକାଠି। ନମାଜ ଆମକୁ ଆଜ୍ଞାବହତା ଶିଖାଇଥାଏ। ସାମୂହିକ ନମାଜ ପାଠ ଏକତାର ଓ ଅଖଣ୍ଡତାର ପରିଚୟ ଦେଇଥାଏ। ନମାଜ ଅଶ୍ଲିଳତା ଓ ମନ୍ଦ ଆଚାରଣରୁ ନିବୃତ ରଖିଥାଏ। ମନଧ୍ୟାନ ଦେଇ ନମାଜ ପାଠ କରିଥିଲେ ହିଁ ପ୍ରତ୍ୟେକ ପ୍ରକାରର ଅସତ୍ କର୍ମରୁ ଦୂରତା ମିଳିଥାଏ। ନମାଜ ପାଠ ଦ୍ୱାରା ପାପ ଧୋଇ ହୋଇଯାଇଥାଏ। ନମାଜ ପାଠର ଅଭ୍ୟାସ ଦ୍ୱାରା ସନ୍ତାନର ସତଶିକ୍ଷା ଓ ତରବିୟତ ହୋଇପାରିଥାଏ। ଦ୍ୱିତୀୟ ବକ୍ତା ଭାବେ ଯୋଗଦେଇ ମୌଲାନା ଅବଦୁର ରହିମ ଦର୍ଦ କହିଲେ, ପ୍ରଭୁ ମନୁଷ୍ୟକୁ ତାର ଉପାସନା କରିବା ପାଇଁ ସୃଷ୍ଟି କରିଛି। ଶାରିରୀକ ଭାବେ ଏବଂ ଆର୍ଥୀକ ଅନୁଦାନ ଭାବେ ମଧ୍ୟ ଉପାସନା କରାଯାଇଥାଏ। ସତ୍ୟନିଷ୍ଠ ଓ ଧର୍ମପରାୟଣ ବ୍ୟକ୍ତି ସିଏ ହୋଇଥାଏ, ଯିଏ ପ୍ରଭୁଙ୍କ ପ୍ରଦତ ଅନୁଦାନରୁ ହିଁ ପ୍ରଭୁଙ୍କ ମାର୍ଗରେ ଖର୍ଚ୍ଚ କରିଥାନ୍ତି।

# ଚାଷକୁ ଖାଇବ କାରଖାନା ପାଉଁଶ: ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରୁ ଆସୁଛି, ବରଗଡ଼ ଜିଲ୍ଲାରେ ବଢ଼ିଚାଲିଛି ପ୍ରଦୂଷଣ

ବରଗଡ, ୨୯/୩ (ନି.ପ୍ର): ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର କଳକାରଖାନାଗୁଡ଼ିକରୁ ବ୍ୟାପକ ପରିମାଣର ପାଉଁଶ ବରଗଡ଼ ଜିଲ୍ଲାକୁ ଆସୁଛି। ଯାହା ଏଠାକାର କୃଷିଭିତ୍ତିକ ପରିବେଶକୁ ପ୍ରଦୂଷିତ କରୁଛି। ଗୋଟିଏ କି ଦୁଇଟି ଟ୍ରକ୍ ନୁହେଁ, ଶହଶହ ହାଇୱାରେ ପାଉଁଶ ଆଣି ବେଆଇନ ଭାବେ ବରଗଡ଼ ଜିଲ୍ଲାର ବିଭିନ୍ନ ଚାଷ ଜମିଗୁଡ଼ିକରେ ଅଜାଡ଼ି ଦେଉଛନ୍ତି। ବିଭିନ୍ନ ସମୟରେ ପୁଲିସ ଧରପଗଡ଼ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ଏହାର ଯାଞ୍ଚ କରି ସବୁ ଖବର ପାଇଲାଣି, ତଥାପି ଜିଲ୍ଲାରେ ପାଉଁଶ ଡମ୍ପିଂ କମିବା ପରିବର୍ତ୍ତେ ବଢ଼ିବଢ଼ି ଚାଲିଛି। ବରଗଡ଼ ଜିଲ୍ଲାରେ ପ୍ରତିବର୍ଷ ଖରିଫରେ ୨ ଲକ୍ଷ ୩୦ ହଜାର ହେକ୍ଟର ଜମିରେ ଧାନଚାଷ ହୁଏ। ସେହିପରି ରବି ଋତୁରେ ୯୩ ହଜାର ହେକ୍ଟର ଚାଷ ହେଉଛି। ଧାନ ସଂଗ୍ରହକୁ ଦେଖିଲେ ରବିରେ ପ୍ରାୟ ୬୬ ଲକ୍ଷ କ୍ୱିଣ୍ଟାଲ୍ ଓ ଖରିଫରେ ୧୧୧ ଲକ୍ଷ କ୍ୱିଣ୍ଟାଲ୍ ଧାନ କିଣାବିକା ହୁଏ। ରାଜ୍ୟରେ ସର୍ବାଧିକ ଧାନଚାଷ ବରଗଡ଼ରେ ହେଉଥିବା ବେଳେ ଏହା ସହ ଅନ୍ୟ ଚାଷରେ ମଧ୍ୟ ଏଠାକାର ଚାଷୀ ବେଶ୍ ଆଗୁଆ। କିନ୍ତୁ ଗତ କିଛିମାସ ହେଲା ଏହି କୃଷିଭିତ୍ତିକ ପରିବେଶକୁ କାରଖାନା ପାଉଁଶ ନଷ୍ଟ କରିବାରେ ଲାଗିଛି। ସମ୍ବଲପୁରରୁ ନେଇ ଝାରସୁଗୁଡ଼ା ପର୍ଯ୍ୟନ୍ତ ବଡ଼ବଡ଼ ଶିଳ୍ପ କାରଖାନା ରହିଛି। ଉକ୍ତ କାରଖାନାଗୁଡ଼ିକରୁ ବାହାରୁଥିବା ପାଉଁଶ ବରଗଡ଼କୁ ଆଣି ବିଭିନ୍ନ ଜମିରେ ପକାଇବା ଆରମ୍ଭ ହୋଇଗଲାଣି। ଚାଷୀମାନଙ୍କୁ କିଛି ଟଙ୍କାର ପ୍ରଲୋଭନ ଦେଖାଇ ଟ୍ରାନ୍ସପୋର୍ଟରମାନେ ଶହଶହ ଗାଡ଼ି ପାଉଁଶ ଆଣି ଏଠି ପକାଉଛନ୍ତି। ସୂଚନା ମୁତାବକ ଗତ ଜାନୁଆରି ମାସରେ ଝାରସୁଗୁଡ଼ାର ଜଣେ ପାଉଁଶ ପରିବହନକାରୀଙ୍କ ୧୪ଟି ହାଇୱାକୁ ଜବତ କରିଥିଲା ବରପାଲି ପୁଲିସ। ଏହା ପରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଆସି ଯାଞ୍ଚ କରିଥିଲେ। ଜିପିଏସ୍ ଡାଟା ଅନୁସାରେ ପାଉଁଶ ଯେଉଁଠି ଫିଙ୍ଗାଯିବା କଥା ସେଠାରେ ନ ଫିଙ୍ଗି ଅଲଗା ସ୍ଥାନରେ ପକାଯାଉଥିବା ଜଣାପଡ଼ିଥିଲା। ତେଣୁ ଟ୍ରାନ୍ସପୋର୍ଟର ଓ ଉକ୍ତ କାରଖାନାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବେଆଇନ ଭାବରେ ପାଉଁଶ ଫିଙ୍ଗିବା ନେଇ ନୋଟିସ୍ ଜାରି କରିଛି। ସେହିପରି ଗତବର୍ଷ ୫୦ରୁ ଅଧିକ ଟ୍ରକ୍ ଓ ହାଇୱା ଅତାବିରା-ଭେଡେନ ରାସ୍ତାର ଏକ ଗାଁ ନିକଟରେ ପାଉଁଶ ଡମ୍ପିଂ କରୁଥିଲେ। ସ୍ଥାନୀୟ ଚାଷୀମାନେ ବିରୋଧ କରିବାରୁ ଅଧା ଗାଡ଼ି ଫେରାର ହୋଇ ଯାଇଥିବାବେଳେ କିଛି ଗାଡ଼ିକୁ ପୁଲିସ ଧରିଥିଲା। ପାଉଁଶ ଫିଙ୍ଗା ଏବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଢ଼ିଚାଲିଛି। ଯାହାକୁ ନେଇ କୃଷକ ସଂଗଠନଗୁଡ଼ିକ ଉଦ୍ ?ବେଗ ପ୍ରକାଶ କଲେଣି। ଯେଉଁ ସ୍ଥାନଗୁଡ଼ିକରେ ପାଉଁଶ ପକାଯାଉଛି, ଉକ୍ତ ସ୍ଥାନ ସମେତ ଆଖପାଖ ଅଞ୍ଚଳରେ ଚାଷୀମାନେ ଆଉ ଚାଷ କରି ପାରୁନାହାନ୍ତି। ତୁରନ୍ତ ଏହା ଉପରେ ଅଙ୍କୁଶ ନ ଲାଗିଲେ ଜିଲ୍ଲାରେ ଚାଷ ସଂପୂର୍ଣ୍ଣ ଉଜୁଡ଼ିଯିବ ବୋଲି ସଂଗଠନଗୁଡ଼ିକ ଚେତାବନୀ ଦେଇଛନ୍ତି। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ କହିଛନ୍ତି ଯେ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରୁ ନିୟମିତ ପାଉଁଶ ଗାଡ଼ି ଆସୁଛି। ରାତିରେ ଖାଲି ଚାଷଜମି ଦେଖି ପକାଇ ଚାଲିଯାଉଛନ୍ତି। ଜିଲ୍ଲା ପ୍ରଶାସନ କାଁଭାଁ ଚଢ଼ଉ କରୁଛି। ଏଥିପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ଧରପଗଡ଼ କରାଯାଉ। ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ କହିବା ଅନୁସାରେ, ବରପାଲି କୁଶନପୁରୀରେ ଧରାପଡ଼ିଥିବା ୧୪ଟି ହାଇୱାକୁ ତହସିଲଦାରଙ୍କ ସହ ପ୍ରଶାସନିକ ଟିମ୍ ଯାଇ ଯାଞ୍ଚ କରିଥିଲେ। ପୂର୍ବରୁ ଭେଡ଼େନ ବ୍ଲକ୍ ଚିଚିଣ୍ଡା ଓ ଅତାବିରା ବ୍ଲକ୍ ଅଞ୍ଚଳରେ ପାଉଁଶ ପକାଯିବାବେଳେ ତାହାକୁ ମଧ୍ୟ ଧରପଗଡ଼ କରାଯାଇଥିଲା। ପୁଲିସକୁ ଖବର କରାଯାଇ ମାମଲା ରୁଜୁ କରାଯିବା ସହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ପ୍ରଶାସନ ସଜାଗ ରହିଛି। ଆଗକୁ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ସେପଟେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ସତ୍ୟନାରାୟଣ ନନ୍ଦ କହିଛନ୍ତି, ବରଗଡ଼ ଜିଲ୍ଲା ବରପାଲି ସହ ଆଉ କିଛି ସ୍ଥାନରେ ପାଉଁଶ ପକାଇବା ଘଟଣାର ତଦନ୍ତ କରାଯାଇଛି।

# ଦିବଂଗତ ବରିଷ୍ଠ ସାମ୍ବାଦିକ ମିହିର ମହାପାତ୍ରଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୨୯/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସାମ୍ବାଦିକ ପ୍ରକୋଷ୍ଠରେ ଦିବଂଗତ ବରିଷ୍ଠ ସାମ୍ବାଦିକ ମିହିର ମହାପାତ୍ରଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଅଭିନନ୍ଦନ ଖବରକାଗଜର ସମ୍ପାଦକ ଶୁଭେନ୍ଦୁ ଦାସ, ଜନପ୍ରିୟ ଖବରକାଗଜର ସମ୍ପାଦକ ଓ ପ୍ରେସ ଇଂପ୍ରେସ ମିଡ଼ିଆ କ୍ଲବର ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର, ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ଜେନା, ଦିବଂଗତ କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ, ସମ୍ପାଦକ ଗଗନ ଚନ୍ଦ୍ର ସେଠୀ, ମା ଟିଭିର ସମ୍ପାଦକ ସୁରେନ୍ଦ୍ର ମୋହନ ଜେନା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସଭାପତି ଦେବବ୍ରତ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଦିବଂଗତ ସାମ୍ବାଦିକ ମିହିର ମହାପାତ୍ରଙ୍କ ଏକାଦଶାହ ଉପଲକ୍ଷେ ଅମର ଆତ୍ମା ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ମୁଖ୍ୟ ଅତିଥି ଶୁଭେନ୍ଦୁ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ମିହିର




ମହାପାତ୍ର କେବଳ ବରିଷ୍ଠ ସାମ୍ବାଦିକ ଥିଲେ ତାହାନୁହେଁ ସେ ଜଣେ ରାଜନେତା ମଧ୍ୟ ଥିଲେ। ସମାଜସେବୀ ମଧ୍ୟ ଥିଲେ। ତାଙ୍କ ଜୀବନ କାଳରେ ବହୁ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ ବୋଲି କହିଥିଲେ।ମିଡ଼ିଆ କ୍ଲବର ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର ତାଙ୍କ ବକ୍ତବ୍ୟରେ କହିଥଲେ ମିହିର ମହାପାତ୍ର ଜଣେ ପରୋପକାରୀ ଓ ଦରଦୀ ବନ୍ଧୁ ଥିଲେ। ସେ ସାମ୍ବାଦିକତାରେ ବହୁ ପ୍ରକୃତ ଘଟଣାବଳୀକୁ ଲୋକଲୋଚନକୁ ତାଙ୍କ ଲେଖା ମାଧ୍ୟମରେ ଆଣିଥିଲେ। ଲୋକଙ୍କୁ ସଚେତନ କରିଥିଲେ ଓ ରାଜନୀତି ମଧ୍ୟ କରୁଥିଲେ ବୋଲି କହିଥିଲେ।ସର୍ବେଶ୍ୱର ଜେନା ତାଙ୍କ ବକ୍ତବ୍ୟରେ ମିହିର ମହାପାତ୍ରଙ୍କ ଗୁଣ କୀର୍ତ୍ତନ କରିଥିଲେ। ଅନ୍ୟ ସମସ୍ତ ଅତିଥି ମାନେ ମିହିର ମହାପାତ୍ରଙ୍କ ଜୀବନୀ ବର୍ଣ୍ଣନା କରିଥିଲେ। ଏହି ସଭାରେ ସୁଶାନ୍ତ କୁମାର ଦାସ , ଶିବଶଙ୍କର ଭୋଇ, ତପନ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ଭଗବାନ ଚନ୍ଦ୍ର ଦାସ, ତ୍ରିଲୋଚନ ମହାନ୍ତି, କମଳାକାନ୍ତ ନାୟକ, ସମ୍ବିତ କୁମାର ବେହେରା, ପ୍ରଦୀପ ବେହେରା,କାର୍ତ୍ତିକ ଓ ସନ୍ତୋଷ ପ୍ରମୁଖ ସଭକାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ।

# ସିପିଏମ ପାଳନ କଲା ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ

ଜଳେଶ୍ୱର, ୨୯/୩ (ନି.ପ୍ର): ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ତତ୍କାଳୀନ ବ୍ରିଟିଶ ସରକାର ମିଛ ହତ୍ୟା ଅଭିଯୋଗରେ ଅଭିଯୁକ୍ତ କରି ଆଦିବାସୀ ଯୁବକ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲରେ ଫାଶୀ ଖୁଣ୍ଟରେ ଝୁଲାଇ ଆଉ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା। ସେହି ଦିବସକୁ ବଳୀଦାନ ଦିବସ ରୂପେ ଭାରତର:କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ପାଳନ କରାଯାଉଛି।ସୁଗୋ ପଞ୍ଚାୟତ ଅନ୍ତର୍ଗତ ବାଣିଦା ଆଦିବାସୀ ସାହିରେ ଲାଲ୍ ପତାକା ଉତ୍ତୋଳନ ସହିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମରଣେ ଏକ ଶ୍ରଦ୍ଧାଞ୍ଜଳି ସଭା ଜରିଆରେ ଦେଶର ସ୍ୱାଧୀନତା ଏବଂ ଆଦିବାସୀଙ୍କର ଜଙ୍ଗଲ ଜମି ଅଧିକାର ଉପରେ ସେ କେମିତି ସାଲିସ ବିହୀନ ଲଢ଼େଇ କରୁଥିଲେ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ସୂଚନା ଥାଉକି ଭାରତ ଛାଡ଼ ଆନ୍ଦୋଳନକୁ ସଫଳ କରିବା ପାଇଁ କୋରାପୁଟ ଜିଲ୍ଲାର ମାଥିଲି ଥାନା ଉପରେ ତ୍ରିରଙ୍ଗା ପତାକା ଉଡ଼ାଇବା ଉଦ୍ଦେଶ୍ୟରେ ଲକ୍ଷଣ ନାୟକଙ୍କ ନେତୃତ୍ୱରେ ଶହ ଶହ ଆଦିବାସୀ ୧୯୪୨ ମସିହା ଅଗଷ୍ଟ ୨୧ତାରିଖ ଦିନ ଶୋଭାଯାତ୍ରାରେ ଯାଉଥିବା ସମୟରେ ପୋଲିସ ଲକ୍ଷଣ ନାୟକଙ୍କୁ ଧରି ନେଇ ନିଷ୍ଠୁକ ପିଟିବା ଘଟଣାକୁ ସହି ନ ପାରି ଆନ୍ଦୋଳନକାରୀମାନେ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ।ଏହା ଥିଲା ପୋଲିସର ପ୍ରାୟୋଜିତ କାର୍ଯ୍ୟକ୍ରମ, ଲୋକଙ୍କୁ ଉସକାନି। ତାପରେ ଲୋକଙ୍କ ଉପରେ ଦୋଷ ଲଦି ପୋଲିସ ଗୁଳି ଚାଳନା କରିଥିଲା।ଏହି ଆଖିବୁଜା ଗୁଳିମାଡ଼ରେ ସେଦିନ ଟଳି ପଡ଼ିଥିଲେ ୬ ଜଣ ନିରୀହ ଆଦିବାସୀ। ଏହାକୁ ଏକ ସୁଯୋଗ ଭାବେ ନେଇ ପୋଲିସ ଲକ୍ଷ୍ମଣ ନାୟକଙ୍କ ଉପରେ ମିଥ୍ୟା ମାମଲା ରୁଜୁ କଲା ଏବଂ ଫାଶୀଦଣ୍ଡରେ ଦଣ୍ଡିତ କଲା। ସିପିଏମ ତରଫରୁ ଏହାକୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଦେଶ ପାଇଁ ବଳୀଦାନ କୁହାଯିବା ସହିତ ସେ ଯାହା ସବୁ ସ୍ୱପ୍ନ ଦେଖିଥିଲେ ତାହା ଆଜି ବି କେମିତି ଅଧୁରା ହୋଇ ରହିଯାଇଛି ସେ ସମ୍ପର୍କରେ ଆୟୋଜିତ ସଭାରେ ବିସ୍ତୃତ ଆଲୋଚନା କରିଥିଲେ ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି। ଶ୍ରମିକ ନେତା ପଲ୍ଟୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଆଦିବାସୀମାନଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେବା ସହିତ ନିଜକୁ ଲକ୍ଷ୍ମଣ ନାୟକ, ବିର୍ସା ମୁଣ୍ଡା ପରି ହେବାକୁ ଆହ୍ୱାନ ଦେଇଥିଲେ। ଆଜି ଯାଏଁ ଆଦିବାସୀ, ହରିଜନ ଭଳି ପଛୁଆ ବର୍ଗର ଲୋକଙ୍କ ଉପରେ ଶୋଷଣର ଅନ୍ତ ଘଟିନାହିଁ। ଜଙ୍ଗଲ ଜମି ଉପରେ ଥିବା ଅଧିକାରକୁ ହନନ କରାଯାଇ ଏହାର ମାଲିକାନାକୁ ଧନୀ ପୁଞ୍ଜିପତି ଶ୍ରେଣୀଙ୍କ ହାତରେ ସମର୍ପି ଦିଆଯାଉଛି ବୋଲି ବକ୍ତାମାନେ କହିଥିଲେ। ଏହି ସଭାରେ କୃଷକ ସଭାର ବ୍ଲକ ସମ୍ପାଦକ ଜୀବନ ପରିଡ଼ା, ଆଦିବାସୀ ନେତା କୁନା ଟୁଡୁ,ରୁହିଆ ଟୁଡୁ, ଶାନ୍ତିଲତା ଟୁଡୁ, ଚମ୍ପା ଟୁଡୁ, କାର୍ତ୍ତିକ ସୋରେନ, ବନମାଳୀ ଘଡେଇ, ବିଦ୍ୟାଧର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଜାମିନୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏପ୍ରିଲ୍ ୩ରେ ମୁକ୍ତିଲାଭ କରିବ ଭିନ୍ନ ସ୍ୱାଦର ପାରିବାରିକ ଚଳଚ୍ଚିତ୍ର 'ଆଫା - (ଲାଇଫ୍ ଆଫ୍ଟର୍ ଲାଇଫ୍)'



ଭୁବନେଶ୍ୱର, ୨୯/୩ (ନି.ପ୍ର): ଏକ ସାଧାରଣ ପରିବାରର ଅସାଧାରଣ କାହାଣୀକୁ ନେଇ ବଡ଼ ପରଦାକୁ ଆସୁଛି ନୂଆ ଓଡ଼ିଆ ଚଳଚ୍ଚିତ୍ର ଆଫା - ଲାଇଫ୍ ଆଫ୍ଟର୍ ଲାଇଫ୍ । ଆସନ୍ତା ଏପ୍ରିଲ୍ ୩ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ସମସ୍ତ ପ୍ରସ୍ତୁତ ସରିଛି। ବାପା, ମା', ଜେଜେବାପା ଓ ଝିଅକୁ ନେଇ ଗଢ଼ା ଏହି ପରିବାରର କାହାଣୀକୁ ଦେଖିଲେ ପ୍ରତ୍ୟେକ ଦର୍ଶକଙ୍କୁ ଏହା ନିଜର କାହାଣୀ ବୋଲି ମନେ ହେବ। ଜୀବନର ଏକ ଅପ୍ରତ୍ୟାଶିତ ମୋଡ଼ ଏବଂ ସମୟର ଚକ୍ରାନ୍ତକୁ ଏଥିରେ ନିଖୁଣ ଭାବେ ଚିତ୍ରଣ କରାଯାଇଛି, ଯେଉଁଥିରେ ନିଆଯାଇଥିବା ଗୋଟିଏ ନିଷ୍ପତ୍ତି ଶେଷକୁ ମଧ୍ୟ ଏକ ନୂଆ ଆରମ୍ଭରେ ପରିଣତ କରିବାର କ୍ଷମତା ରଖେ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ସୁକନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରୁଛନ୍ତି, ଯାହା ସିନେମା ଜଗତ ପାଇଁ ଏକ ବଡ଼ ଖବର । ଅନ୍ୟାନ୍ୟ ମୁଖ୍ୟ ଅଭିନୟ କରିଛନ୍ତି କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ସିଦ୍ଧାର୍ଥ ତିୱାରୀ ଏବଂ ଶିଶୁ କଳାକାର ମିଭାନ୍ ସିଦ୍ଧାର୍ଥ ତିୱାରୀଙ୍କ ସମେତ ବହୁ ନାମୀ କଳାକାର। ପ୍ରୀତିରାଜ ଶତପାଥୀ ଓ ନୈନା ଦାଶ ତିୱାରୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ପ୍ରୀତିରାଜ ଶତପଥୀଙ୍କ ନିର୍ଦ୍ଦେଶନାରେ ସହ-ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ କୁମାର ବାରିକ ଓ କ୍ରିଷ୍ଣା।
ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଏବଂ ଗୀତିକାର ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁଙ୍କ ମିଳିତ ପ୍ରୟାସରେ ପ୍ରସ୍ତୁତ ଗୀତଗୁଡ଼ିକୁ ଦୀପ୍ତିରେଖା ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ଶଶାଙ୍କ ଶେଖର ପ୍ରମୁଖ କଣ୍ଠଦାନ କରିଛନ୍ତି।
ଦର୍ଶକଙ୍କ ସହ ଯୋଡ଼ି ହେବା ପାଇଁ ଟିମ୍ ପକ୍ଷରୁ ଏକ ଅଭିନବ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି: 'ଆଜି ଯଦି ଆପଣ ନିଜ ପରିବାର ବା ପ୍ରିୟଜନଙ୍କୁ ଗୋଟେ ଶେଷ ଇଚ୍ଛା କହିପାରନ୍ତି, ସେହି ଇଚ୍ଛାଟା କ'ଣ ହେବ?' ଦର୍ଶକମାନେ ନିଜର ଉତ୍ତରକୁ ଏକ ଛୋଟ ଭିଡିଓ କିମ୍ବା ଲେଖା ମାଧ୍ୟମରେ Instagram ରେ @aafaa_._ କୁ ଟ୍ୟାଗ୍ କରି ଏବଂ #AAFAA ଓ #LifeAfterLife ହ୍ୟାସଟ୍ୟାଗ୍ ସହିତ ପୋଷ୍ଟ କରିପାରିବେ। ଚୟନିତ ଶ୍ରେଷ୍ଠ କାହାଣୀଗୁଡ଼ିକୁ ମିଳିବ 'AAFAA ଟିମ୍' ସହିତ ଭେଟିବାର ସୁଯୋଗ ଏବଂ ୨ଟି ମାଗଣା ମୁଭି ଟିକେଟ୍!
ବିଶ୍ୱଜିତ୍ କୁଲଡିଙ୍କ ଚିତ୍ତାକର୍ଷକ ସିନେମାଟୋଗ୍ରାଫି ଦର୍ଶକଙ୍କୁ ବାନ୍ଧି ରଖିବ ତେଣୁ ଆସନ୍ତା ଏପ୍ରିଲ୍ ୩ ରେ ଆପଣଙ୍କ ନିକଟସ୍ଥ ଥିଏଟରରେ ଏହି ହୃଦୟସ୍ପର୍ଶୀ ସିନେମାକୁ ଦେଖିବାକୁ ଭୁଲନ୍ତୁ ନାହିଁ!

## ମଲ୍ଲିକାର୍ଜୁନ ଖଡଗେଙ୍କ ଆସାମ ଗସ୍ତକୁ ନେଇ ଟାର୍ଗେଟ କଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୯/୩ : ଆସାମ ବିଧାନସଭା ନିର୍ବାଚନରେ ପ୍ରଚାର ପାଇଁ କଂଗ୍ରେସ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଆସାମ ଗସ୍ତକୁ ନେଇ ମୁଖ୍ୟମନ୍ତ୍ରୀ ଡ଼ଃ ହିମନ୍ତ ବିଶ୍ୱ ଶର୍ମା ରବିବାର କଡା ଟିପ୍ପଣୀ କରିଛନ୍ତି। ସେ ଦଳର ନେତୃତ୍ୱ, ନିର୍ବାଚନୀ କୌଶଳ ଏବଂ ଖଡ଼ଗେଙ୍କ ପୂର୍ବତନ ମତାମତ ଉପରେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ଜଣାପଡ଼ିଛି ଯେ, ଆଜି ରାଜ୍ୟର ପାହାଡ଼ିଆ ଜିଲ୍ଲା କାର୍ବି ଆଙ୍ଗଲୋଙ୍ଗର ବୋକାଜାନ ବିଧାନସଭା, ଡିଫୁ ବିଧାନସଭା, ହାଉରାଘାଟ ବିଧାନସଭା ଏବଂ ଆମ୍ରି ବିଧାନସଭା କ୍ଷେତ୍ରରେ ମୋଟ ଚାରିଟି ନିର୍ବାଚନୀ ବିଜୟ ସଂକଳ୍ପ ସଭାରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ସଭାରେ ଲୋକମାନଙ୍କର ବ୍ୟାପକ ଉପସ୍ଥିତି ଦେଖି ସେ ବହୁତ ଉତ୍ସାହିତ ଦେଖାଯାଇଥିଲେ। ସେ କହିଥିଲେ ଯେ, ଭାଜପାର ବିଜୟ ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ। ଏହି ସମୟରେ ଗଣମାଧ୍ୟମ ସହ କଥାହେବା ସମୟରେ ଡ଼ଃ ଶର୍ମା କହିଥିଲେ ଯେ, କଂଗ୍ରେସ୍ ଆସାମରେ ଖଡ଼ଗେଙ୍କୁ ପ୍ରଚାରର ମୁଖ୍ୟ ମୁହଁ ଭାବେ ପ୍ରସ୍ତୁତ କରି ଏକ କୌଶଳଗତ ଭୁଲ କରିଛି। ସେ ଟିପ୍ପଣୀ କରି କହିଥିଲେ ଯେ, ଖଡ଼ଗେଙ୍କୁ ଆଣି କଂଗ୍ରେସ୍ ନିଜ ଗୋଡରେ ନିଜେ କୁରାଡି ମାରିଛି। ସେ ଆହୁରି ଅଭିଯୋଗ କରିଥିଲେ ଯେ, ଖଡ଼ଗେ ପୂର୍ବରୁ ଆସାମର ସାଂସ୍କୃତିକ ପ୍ରତୀକ ଭୂପେନ ହଜାରିକାଙ୍କୁ ଭାରତ ରତ୍ନ ଦେବାକୁ ବିରୋଧ କରିଥିଲେ। ଡ଼ଃ ଶର୍ମା ଏହା ମଧ୍ୟ କହିଥିଲେ ଯେ, ଖଡ଼ଗେ ଆସାମରେ ପ୍ରସ୍ତାବିତ ସେମିକଣ୍ଡକ୍ଟର ପ୍ରକଳ୍ପ ସ୍ଥାନାକୁ ମଧ୍ୟ ବିରୋଧ କରିଥିଲେ। ରାଜ୍ୟ ସରକାର ଏହି ଦକ୍ଷେପକୁ ଔଦ୍ୟୋଗିକ ଏବଂ ପ୍ରଯୁକ୍ତିଗତ ଉନ୍ନତି ପାଇଁ ଏକ ବଡ଼ ପଦକ୍ଷେ ବୋଲି କହିଛନ୍ତି।

# ଶ୍ରୀରାମ ନବମୀ ମହୋତ୍ସବ ୨୦୨୬: ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଧନ୍ୟବାଦ ଅର୍ପଣ

ଭଦ୍ରକ, ୨୯/୩ (ନି.ପ୍ର): ଭବ୍ୟ, ଦିବ୍ୟ ଓ ଆନନ୍ଦମୟ ୩୬ ବର୍ଷର ଶ୍ରୀରାମ ନବମୀ ମହୋତ୍ସବ ସମାପନ ହୋଇଯାଇଛି। ମାତୃଭୂମୀ ପାଇଁ ଗଣଦୌଡ଼ ଠୁ ଆରମ୍ଭ କରି ଗୋ ମାତା ଓ ସାଧୁ ସନ୍ଥ ପୂଜନ, ସ୍ୱାଗତ ପରିପ୍ରେକ୍ଷୀରେ ବାଇକ୍ ଶୋଭାଯାତ୍ରା, ବାଲ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା, ୭ ଦିନ ବ୍ୟାପୀ ଗାନ୍ଧୀ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଜ୍ଞା ମାଳ ଯାତ୍ରା, ମହିଳା କଳସ ଶୋଭାଯାତ୍ରା, ୩ ଦିନ ବ୍ୟାପୀ ଶ୍ରୀରାମ ନବମୀ ମହାଯଜ୍ଞ, ୧୦୮ ଅଖଣ୍ଡ ହନୁମାନ ଚାଳିଶା ପାଠ ଏବଂ ଐତିହାସିକ ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ସଫଳ କରିଥିଲେ। ଶ୍ରୀରାମ ମହାଯଜ୍ଞ ସମିତିର ଶତାଧିକ କାର୍ଯ୍ୟକର୍ତ୍ତା ନିଜର ତ୍ୟାଗ, ସମର୍ପଣ ଓ ପ୍ରଚେଷ୍ଟାରେ ଏ ଭବ୍ୟ ଦିବ୍ୟ ଶ୍ରୀରାମ ନବମୀର ରୂପରେଖ ପ୍ରସ୍ତୁତ କରିବାଠୁ ଆରମ୍ଭ କରି ପ୍ରତିଟି କାର୍ଯ୍ୟକୁ ସୁଚାରୁରୂପେ ଅନ୍ତିମ ସୋପାନ ପର୍ଯ୍ୟନ୍ତ ନିର୍ଭୁଲ ଭାବେ ନିର୍ବାହ କରିବାର ଦାୟିତ୍ୱ ତୁଲାଇଥିଲା। ଶ୍ରୀରାମ ନବମୀ ମହୋତ୍ସବ ଅନ୍ତର୍ଗତ ସମସ୍ତ କାର୍ଯ୍ୟକ୍ରମର ସଫଳତା ଏବଂ ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ଲକ୍ଷ ଲକ୍ଷ ଶ୍ରୀରାମ ଭକ୍ତ, ସମସ୍ତ ମେଢ଼ କମିଟି, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ଗଣମାଧ୍ୟମ, ସାମାଜିକ ସଙ୍ଗଠନ, ସାମାଜିକ କର୍ମୀ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ, ଭଦ୍ରକ ପୌରପାଳିକା, ସଫେଇ କର୍ମଚାରୀ, ବିଦ୍ୟୁତ୍ ବିଭାଗ ଆଦିଙ୍କର ସାହାଯ୍ୟ ଓ ସହଯୋଗରେ ଆୟୋଜନ ସଫଳ ହୋଇଥିଲା। ପରିଶେଷରେ ସମସ୍ତଙ୍କୁ ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ତରଫରୁ ଅନେକ ଅନେକ ଅଭିନନ୍ଦନ ଓ କୃତଜ୍ଞତା। ଆପଣ ମାନଙ୍କର ଏପରି ସାହାଯ୍ୟ ସହଯୋଗ ସଦା ସର୍ବଦା ରହିଥାଉ।

## ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ

ଭୁବନେଶ୍ୱର, ୨୯/୩ (ନି.ପ୍ର): ମହାନ ବିପ୍ଲବୀ ତଥା ଆଦିବାସୀ ଜନନାୟକ ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ । ଆଜି ହେଉଛି ସେହି ମହାନ ବୀରଙ୍କ ସ୍ମୃତିର ଦିନ, ଯିଏ ଦେଶର ସ୍ୱାଧୀନତା ପାଇଁ ହସି ହସି ଫାଶୀ ଖୁଣ୍ଟକୁ ଆପଣେଇ ନେଇଥିଲେ। ମାତୃଭୂମିର ସେବା ଓ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ପୁରୋଧା, 'ମାଲକାନଗିରିର ଗାନ୍ଧୀ' ଭାବେ ପରିଚିତ ସହିଦ ଲକ୍ଷ୍ମଣ ନାୟକଙ୍କ ଆଜି ହେଉଛି ଶ୍ରାଦ୍ଧ ଦିବସ।ଏହି ଅବସରରେ ସାରା ଓଡ଼ିଶା ଆଜି ଏହି ବୀର ସନ୍ତାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।୧୮୯୯ ମସିହା ନଭେମ୍ବର ୨୨ରେ କୋରାପୁଟ ଜିଲ୍ଲାର ତେନ୍ତୁଲିଗୁମ୍ମା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମଣ ନାୟକ ଥିଲେ ଜଣେ ନିର୍ଭୀକ ଜନନାୟକ। ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତିରେ ଅନୁପ୍ରାଣିତ ହୋଇ ସେ ଆଦିବାସୀମାନଙ୍କୁ ଏକଜୁଟ କରିଥିଲେ।

# ଶ୍ରୀରାମ ନବମୀ ଶୋଭାଯାତ୍ରାରେ ବାରିପଦା ଉତ୍ସବ ମୁଖର



ବାରିପଦା, ୨୯/୩ (ନି.ପ୍ର): ପବିତ୍ର ଶ୍ରୀରାମ ନବମୀରେ ବାରିପଦା ସହର ଉତ୍ସବ ମୁଖର ହୋଇପଡିଥିଲା। ସକାଳୁ ସହରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସାରା ସହର ଗେରୁଆ ପତାକାରେ ସୁସଜ୍ଜିତ କରାଯାଇ ଥିଲା। ଜିଲ୍ଲାସ୍ତରୀୟ ଶ୍ରୀରାମ ନବମୀ ପାଳନ ପାଇଁ ସଙ୍ଗଠନ ଗୁଡିକୁ ଏକତ୍ରିତ କରି ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ବିଭିନ୍ନ ମନ୍ଦିରରେ ପ୍ରଭୁ ଶ୍ରୀରାମ ପୂଜାର୍ଚ୍ଚନା ଓ ହନୁମାନଙ୍କ ଚାଳିଶା ପାଠ କରାଯାଇଥିଲା। ଅପରାହ୍ନରେ ନନ୍ଦିକେଶ ସେଜପଡାଙ୍କ ନେତୃତ୍ୟରେ ହଜାର ହଜାର ଭକ୍ତ ମଧୁବନ ସ୍ଥିତ ମା ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବାଣ ରୋଷଣି, ହନୁମାନ ଓ ବାନର ବେଶରେ ନିଜକୁ ସଜ୍ଜିତ କରିଥିବା କଳାକାର ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥିଲେ। ଡିଜେ, ବାଜା, ପାରମ୍ପରିକ ନୃତ୍ୟଦଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଶେଷକରି ବହୁ ସଂଖ୍ୟାରେ ଟ୍ରାକ୍ଟର ମଧ୍ୟ ଶୋଭଯାତ୍ରାରେ ସାମିଲ ହୋଇଥିଲା। ସେହିପରି ଶ୍ରୀରାମ ନବମୀ ଉତ୍ସବ ସମିତି ପକ୍ଷରୁ ଆବାହକ କବିବିଷ୍ଣୁ ଶତପଥିଙ୍କ ନେତୃତ୍ୱରେ ମଧୁବନ ଷ୍ଟାଡିୟମରୁ ରାମଭକ୍ତ ମାନଙ୍କୁ ନେଇ ଏକ ବିଶାଳ ଶୋଭଯାତ୍ରା ସହର ପରିକ୍ରମା କରି ଛଉ ପଡିଆ ନିକଟକୁ ଆସିଥିଲା। ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜ ଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସରସକଣା ବିଧାୟକ ଭାଦବ ହାଁସଦା, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶୋଭାଯାତ୍ରା ରେ ଯୋଗଦେଇଥିଲେ। ବାଣ ରୋଷଣୀ, ଡିଜେ, ବାଜା, ପାରମ୍ପରିକ ନୃତ୍ୟଦଳ ସହିତ ହଜାରହଜାର ରାମଭକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ବାରିପଦା ପ୍ରଖଣ୍ଡ ତରଫରୁ ଏକ ଶୋଭାଯାତ୍ରା ସକାଳ ଓଳି ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ନରେନ୍ଦ୍ର ସିଂ, ଉପ ସଭାପତି ଅବନୀ କାନ୍ତ ପତି, ଦୀପକ ମଲ୍ଲିକ, ମାଧବ ସାହୁ, ସହ ସମ୍ପାଦକ ମେଜର ମୃତ୍ୟୁଞ୍ଜୟ ଦାସ, ବାସୁଦେବ ପଣ୍ଡା, ବଜରଙ୍ଗ ଦଳ ଜିଲ୍ଲା ଟୋଳିର ଆଶୁତୋଷ ଦାସ ପ୍ରମୁଖ ଙ୍କ ନେତୃତ୍ୱରେ ରାଧା ମୋହନ ମନ୍ଦିର ନିକଟରୁ ବାହାରି ? ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା। ସେହିପରି ବିଭିନ୍ନ ସଂଗଠନ ତରଫରୁ ଏକାଧିକ ଛୋଟବଡ଼ ଶୋଭାଯାତ୍ରା ସନ୍ଧ୍ୟାରେ ସହର ପରିକ୍ରମା କରିଥିବା ବେଳେ ବାରିପଦା ସହର ରେ ଏକ ଭବ୍ୟ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ତେବେ ଭବ୍ୟ ରାମ ଶୋଭାଯାତ୍ରା ଛଉ ପଡିଆରେ ପହଞ୍ଚିବା ପର୍ଯ୍ୟନ୍ତ ଶୃଙ୍ଖଳାବଦ୍ଧ ଓ ସ୍ମରଣୀୟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶାନ୍ତିପୂର୍ଣ୍ଣ ଓ ଧୁମଧାମରେ ଏହି ଉତ୍ସବ ପାଳନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ପ୍ରତାପପୁର ସେବା ସମବାୟ ସମିତିର ସାଧାରଣ ସଭା




ବାଲିଆପାଳ , ୨୯/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧିନ ପ୍ରତାପପୁର ସେବା ସମବାୟ ସମିତି ୨୦୨୬ର ବାର୍ଷିକ ସାଧାରଣ ସଭା ରବିବାର କାଳିଆଖିଆ ସ୍ଥିତ ବାତ୍ୟାଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ହାଡିବନ୍ଧୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ସବିତା ରାଣୀ ପାଣିଗ୍ରାହୀ, ସମ୍ପାଦକ ଭରତ ପାତ୍ର, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଅରୁଣ କୁମାର ମାଇତି, ବେତଗଡିଆ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ଗିରି,ସଦସ୍ୟ ରାଜୀବ ରାୟ , ରତାଇ ପଞ୍ଚାୟତ ସମିତି ସଭ୍ୟ ଶାନ୍ତନୁ ମହାପାତ୍ର,ଚାଷୀ ନେତା ଲକ୍ଷ୍ମଣ ପରିଡା, ବରିଷ୍ଠ ସଦସ୍ୟ ସାର୍ଥକ ରଣଜିତ, ସୋରଜ ଦାସ ,ମନ୍ମଥ ବେହେରା, ଧନଞ୍ଜୟ ଜେନା, କବିତା ରାଜ,ପ୍ରମୁଖ ମଞ୍ଚାସିନ ରହି ଓଡ଼ିଶା ସରକାରଙ୍କ ପଞ୍ଚାୟତ ସ୍ତରୀୟ ସମବାୟ ବ୍ୟାଙ୍କସେବା, କୃଷି ଋଣ, ଯୁଗ୍ମ ଦେୟ ଗୋଷ୍ଠୀ, ସହାୟକ ଗୋଷ୍ଠୀ ଜରିଆରେ ଭୂମିହୀନ ଚାଷୀ ମାନଙ୍କୁ ବିନା ସୁଧରେ କୃଷି ଋଣ ସେବା ସମବାୟ ସମିତିରୁ ଯୋଗାଇ ଦିଆଯିବାର ସୁବିଧା ଏବଂ ସହାୟକ ଗୋଷ୍ଠୀ ଋଣ କର୍ମଶାଳା ଅନ୍ତର୍ଭୁକ୍ତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ଚାଷୀ ଉପସ୍ଥିତ ପରିଚାଳକ ଙ୍କୁ କଟନି ଛଟନି, ଧାନ ଦେବା,ଖାତାକୁ ରିନୁଆଲ କରିବାର ସମୟ ସୀମା ବୃଦ୍ଧି ପାଇଁ ସଭାରେ ଚାଷି ମାନେ ନିବେଦନ କରିଥିଲେ। ସମ୍ପାଦକ ସମିତ କୁମାର ରାଉତ ସମିତିର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ଡାଟା ଅପରେଟର ସପନ କୁମାର ଦାସ ଧନ୍ୟବାଦ୍ ଦେଇଥିଲେ। ବଂଶୀଧର ରାଉତ, ଶକ୍ତିପଦ ଗିରି, ଆରତୀ ରାଜ, ଗୋପାଳ କୃଷ୍ଣ ପାଣିଗ୍ରାହୀ, ଦେବେନ୍ଦ୍ର ରାଉତ , ମୃତ୍ୟୁଞ୍ଜୟ ଦାସ,ଶିବ ପିଳା, ମନ୍ମଥ ପାଣି ପ୍ରମୁଖ ସହଯୋଗ କରିଥିଲେ। ଫୋଟୋ ମଞ୍ଚାସିନ ସମିତିର କର୍ମକର୍ତ୍ତା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଇରାନ ଉପରେ ଅନ୍ତିମ...

ମିଡିଆ ତେହେରାନ୍ ଟାଇମସ ଏହାର ପ୍ରଥମ ପୃଷ୍ଠା ହେଡଲାଇନରେ ଛାପିଛି ୱେଲକମ୍ ଟୁ ହେଲ୍ ବା ନର୍କକୁ ସ୍ୱାଗତ ଶୀର୍ଷକ ଖବର। ଯାହା ଭାଇରାଲ୍ ହେବାରେ ଲାଗିଛି। ସେହିପରି ମିସାଇଲ୍ ଓ ଆତ୍ମଘାତୀ ଡ୍ରୋନ୍ ବାହିନୀ ସହ ଜବାବ ଦେବାକୁ ପ୍ରସ୍ତୁତ ରହିଛି ଓଜଏଉ। ୧୦ ଲକ୍ଷ ସେନା ଟ୍ରୁପ୍ ତୟାର। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ କହିଛନ୍ତି, ଆମ ସୈନ୍ୟମାନେ ଆମେରିକୀୟ ସୈନିକଙ୍କ ଆଗମନକୁ ଅପେକ୍ଷା କରିଛନ୍ତି। ଆମ ମାଟିରେ ପାଦ ଦେଲେ ଆମେରିକା ସେନାକୁ ଭସ୍ମ କରି ଦେବୁ। ଆମ ଦ୍ୱୀପ ଉପରେ ହମଲା କଲେ ରେଡ୍ ସି ଓ ବାବ୍ ଅଲ-ମାଣ୍ଡେବ୍ ପ୍ରଣାଳୀରେ ନୂଆ ଯୁଦ୍ଧର ଆରମ୍ଭ ହେବ। ଇରାନ୍ ସହ ଯୁଦ୍ଧକୁ ଆଜି ମାସେ ପୂରିଛି। ବାରୁଦ ଗଦାରେ ବସିଛି ମଧ୍ୟପ୍ରାଚ୍ୟ। ଯୁଦ୍ଧ ଥମିବା ବଦଳରେ ଅଧିକ ପ୍ରଚଣ୍ଡ ହେଉଛି। ସେପଟେ ଇରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଆମେରିକାରେ ଟ୍ରମ୍ପଙ୍କୁ ଜୋରଦାର ବିରୋଧ ହେଉଛି। ୱାଶିଂଟନ୍, ନ୍ୟୁୟର୍କ, ଚିକାଗୋ ଭଳି ୫୦ଟି ରାଜ୍ୟରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଲକ୍ଷ ଲକ୍ଷ ଲୋକ। ଟ୍ରମ୍ପଙ୍କ ବିରୋଧରେ **'NO KINGS'** ଅର୍ଥାତ ଟ୍ରମ୍ପଙ୍କ ଏକଛତ୍ରବାଦ ନିଷ୍ପତ୍ତିକୁ ଖୋଲାଖୋଲି ବିରୋଧ କରୁଛନ୍ତି।

### ଲାଞ୍ଚ ନେବା ମହଙ୍ଗା ...

ଶ୍ରୀ ବାନ୍ଦ୍ରାଙ୍କ ଏହି କଥା ଜମି ମାଲିକଙ୍କୁ ବିରକ୍ତ କରିଥିଲା। ସେ ଅନ୍ୟ କୌଣସି ଉପାୟ ନପାଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ସବୁ କଥା ଅବଗତ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଆଜି ଭିଜିଲାନ୍ସର ଏକ ଦଳ ଶ୍ରୀ ବାନ୍ଦ୍ରାଙ୍କ କାର୍ଯ୍ୟାଳୟରେ ଜମି ମାଲିକଙ୍କଠାରୁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଅତର୍କିତ ଚଢ଼ଉ କରିଥିଲା। ଅଭିଯୁକ୍ତ ଶ୍ରୀ ବାନ୍ଦ୍ରାଙ୍କ କବଜାରୁ ଲାଞ୍ଚର ୩୦,୦୦୦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି। ଡିଏ ମାମଲା ଦୃଷ୍ଟିକୋଣରୁ ଶ୍ରୀ ବାନ୍ଦ୍ରାଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଯାଞ୍ଚ ଚାଲିଛି।

### ବଢ଼ିଲା ଟିଟିଲାଗଡ଼ ...

ଜବାବରେ ଶାସକ ଦଳ କହିଛି, ଯିଏ ବି ହୁଅନ୍ତୁ କେହି ଆଇନର ଉର୍ଦ୍ଧରେ ନୁହଁନ୍ତି। ଭୁଲ କଲେ ଦଣ୍ଡ ମିଳିବ । ଶ୍ରୀ ରାମନବମୀରେ ଟିଟିଲାଗଡ଼ ସହରର ରାଧାକୃଷ୍ଣ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକାରୀ ନଗର ପରିଭ୍ରମଣ କରୁଥିଲେ। ରାମ ନାମରେ ସମଗ୍ର ସହର ପ୍ରକମ୍ପିତ ହେଉଥିଲା। ଶତାଧିକ ପୁରୁଷ, ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାସ୍ତ୍ରୀ ଛକରେ ଶୋଭାଯାତ୍ରା ପହଞ୍ଚିବା ପରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସାମିଲ ହୋଇଥିଲେ। ଅଚାନକ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ପାଖକୁ ଡାକି ହାତରେ କଳା ରଙ୍ଗର ପିସ୍ତଲ ଧରି ଉପରକୁ ଉଠାଇ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ ।

### ବିଧାୟିକାଙ୍କ ସ୍ୱାମୀଙ୍କ...

ଦେବରକୋଣ୍ଡାଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ସମ୍ପର୍କରେ ଉକ୍ତଦିନ କଳାହାଣ୍ଡି ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଭବାନୀପାଟଣା ଉପଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରିଥିଲେ। ତେବେ ଜଣେ କର୍ତ୍ତବ୍ୟରତ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଏଭଳି ସଙ୍ଗୀନ ଅଭିଯୋଗ ସତ୍ତ୍ୱେ କଳାହାଣ୍ଡି ପୁଲିସ ଓ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିଲା। ପରେ ତହସିଲଦାର ଶ୍ରୀ ସିଂ ମାର୍ଚ୍ଚ ୧୫ତାରିଖରେ ଏନେଇ ପୁଣିଥରେ ନର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଦାୟିତ୍ୱ ଡେପୁଟି ଏସପି ସନ୍ଦୀପ କୁମାରଙ୍କୁ ଦେଇଥିଲା। କିନ୍ତୁ ୧୫ଦିନ ବିତିଯିବା ପରେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବା କଳାହାଣ୍ଡି ପୁଲିସର ଭୂମିକାକୁ ସନ୍ଦେହଘେରକୁ ଟାଣିନେଇଛି। ଜଣେ ମାଜିଷ୍ଟ୍ରେଟ୍ ପାହ୍ୟା(ତହସିଲଦାର)ର ଅଧିକାରୀ ନିଜ ଜୀବନପ୍ରତି ବିପଦ ଥିବା ଦର୍ଶାଇ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରିବା ପରେ ମଧ୍ୟ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେବା ପ୍ରଶାସନିକ ବିଫଳତାକୁ ପଦାରେ ପକାଇ ଦେଇଛି। ଯଦି ତହସିଲଦାର କର୍ତ୍ତବ୍ୟ ସମ୍ପାଦନବେଳେ ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପୁଲିସ କାହିଁକି ତା'ର ତତ୍କାଳ ତଦନ୍ତ ନକରି ଦିନ ଗଡ଼ାଇ ଚାଲିଛି ତାହା ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ତେବେ ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହେବାପରେ କଳାହାଣ୍ଡି ପୁଲିସ ଏସପି ଶ୍ରୀ ଦେବରକୋଣ୍ଡା ସଫେଇ ଦେଇଛନ୍ତି। ସେ ପ୍ରତିକ୍ରିୟାରେ କହିଛନ୍ତି ଯେ, " ନର୍ଲା ତହସିଲଦାରଙ୍କ ଅଭିଯୋଗ ଆଧାରରେ ମୁନ୍ନା ମହାନ୍ତିଙ୍କୁ ୪ଥର ନୋଟିସ୍ ପଠାଇ ତଦନ୍ତରେ ସହଯୋଗ କରିବାକୁ କୁହାଯାଇଥିଲା। କିନ୍ତୁ ସେ ତଦନ୍ତରେ ସହଯୋଗ ନକରିବାରୁ ତାଙ୍କୁ ଖୋଜିବା ପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ୪ଦିନ ଧରି ଭୁବନେଶ୍ୱରରେ ଡେରା ପକାଇଥିଲା। ତାଙ୍କୁ ଗୋଟିଏ ହୋଟେଲରୁ ଠାବ କରିଥିଲେ ମଧ୍ୟ ସେ ନିଜର ସମର୍ଥକମାନଙ୍କ ସହ ସେଠାରୁ ଫେରାର ହେବାରେ ସକ୍ଷମ ହୋଇଥିଲେ। ତାଙ୍କ ପତ୍ନୀ ତଥା ବିଧାୟିକାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନକୁ ମଧ୍ୟ ଆଜି ପୁଲିସର ଟିମ୍ ଯାଇଥିବା ନେଇ ସେ ସୂଚନା ଦେଇଛନ୍ତି। ଜଣେ କର୍ତ୍ତବ୍ୟରତ ତହସିଲଦାରଙ୍କ ଲିଖିତ ଅଭିଯୋଗକୁ ବାଏଁବାଏଁ ଉଡ଼ାଇ ଦେଇ ୧୫ଦିନ ଧରି କଳାହାଣ୍ଡି ପୁଲିସ କାହା ଚାପରେ ଚୁପ୍ ବସିଛି ତାକୁ ନେଇ ପ୍ରଶ୍ନ ଉଠିଛି।

### ଫ୍ୟୁଚର ବାଲେଶ୍ୱର...

ଏବଂ ମାର୍ଚ୍ଚ ୨୯ ତାରିଖକୁ ବିଶ୍ୱ ମୁଢ଼ି ଦିବସ ଭାବରେ ଘୋଷଣା କରାଯିବାକୁ ଓଡ଼ିଶା ସରକାରଙ୍କ ଠାରେ ଯୁକ୍ତି ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କୁମାର ପାଣିଗ୍ରାହୀ, ବିଚିତ୍ରାନନ୍ଦ ଦାସ, ରୋଜାଲିନ୍ ପାଣିଗ୍ରାହୀ, ବିଧାନଚନ୍ଦ୍ର ରାୟ, ଗୋବିନ୍ଦ ଚନ୍ଦ୍ର ଭୋଇ, ଯଯାତି ପାଣିଗ୍ରାହୀ, ଚିରଞ୍ଜିବ ପାଣିଗ୍ରାହୀ, ଅର୍ଚ୍ଚନା ନନ୍ଦୀ, ସୃଷ୍ଟିଧର ପରିଡ଼ା, ପ୍ରୀତମ୍ ପାଳ, ରମେଶ ଜେନା, ସୁନିତା ଦାଶ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ବିଜୁ ପଟ୍ଟନାୟକଙ୍କ ...

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ପାତ୍ର କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୁଷିଆ ନାଗରିକମାନଙ୍କୁ ସମର୍ଥନ କରିବାରେ ବିଜୁବାବୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ତାଙ୍କର ଭୂମିକା ପାଇଁ ସେ ସମ୍ମାନିତ ହୋଇଥିଲେ। ସେ ଜଣେ ଏପରି ବ୍ୟକ୍ତି, ଯାହାଙ୍କର ସର୍ବଦା ଏକ ମହାନ ଏବଂ ମହାନ ଆନ୍ତର୍ଜାତୀୟ ପ୍ରତିଷ୍ଠା ଥିଲା। ସେ ସର୍ବଦା ଆନ୍ତର୍ଜାତୀୟ ଏବଂ ବିଶ୍ୱ ସ୍ତରରେ ମାତୃଭୂମି ଭାରତର ସେବାରେ ନିୟୋଜିତ ଥିଲେ। କିନ୍ତୁ ତାଙ୍କୁ କିଛି ଅପମାନଜନକ ସନ୍ଦର୍ଭ ସହିତ ଯୋଡିବା ଏବଂ ବୟାନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ପ୍ରତିବାଦ ସ୍ୱରୂପ, ମୁଁ କେବଳ ଏହାକୁ ନିନ୍ଦା କରିନାହିଁ; ବରଂ ମୁଁ ଯୋଗାଯୋଗ ଏବଂ ଆଇଟି କମିଟିର ସଦସ୍ୟ ଭାବରେ ଏବଂ ସେ ଅଧ୍ୟକ୍ଷ, ପ୍ରତିବାଦ ସ୍ୱରୂପ, ମୁଁ ଯୋଗାଯୋଗ ଏବଂ ଆଇଟି କମିଟିରୁ ମଧ୍ୟ ଇସ୍ତଫା ଦେଇଛି। ଭାରତୀୟ ଜନତା ପାର୍ଟିର ନେତାମାନେ ଓଡ଼ିଆ ଅସ୍ମିତା ବିଷୟରେ କଥା ହୁଅନ୍ତି। କିନ୍ତୁ ସେମାନେ ଏତେ ନିମ୍ନସ୍ତରକୁ ଖସିଯାଉଛନ୍ତି କିପରି ? ଜଣେ କିମ୍ବଦନ୍ତୀ ପୁରୁଷଙ୍କ ବିରୁଦ୍ଧରେ ଏପରି ଅପମାନଜନକ, ମିଥ୍ୟା ଏବଂ ମନଗଢ଼ା ବୟାନ କିପରି ଦେଉଛନ୍ତି। ସୂଚନାଯୋଗ୍ୟ, ନିଶିକାନ୍ତ ଦୁବେ ଯୋଗାଯୋଗ ଏବଂ ଆଇଟି କମିଟିର ଅଧ୍ୟକ୍ଷ ଅଛନ୍ତି।

୩୦ ମାର୍ଚ୍ଚ ୨୦୨୬, ସୋମବାର

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ନବଉନ୍ମେଷକାରୀ ନାଟ୍ୟକାର ଡ. ଦିଲ୍ଲୀପ ରଥଙ୍କ ନାଟକ ଲୋକାର୍ପିତ



ବାଲେଶ୍ୱର, ୨୯/୩ (ନି.ପ୍ର): ବିଶ୍ୱ ନାଟ୍ୟଦିବସ ଅବସରରେ ଏବଂ 'ଚନ୍ଦ୍ରଭାଗା' ଓ 'ସହଯୋଗ' ଅନୁଷ୍ଠାନ ଆନୁକୂଲ୍ୟରେ ନାଟ୍ୟକାର ଡ. ଦିଲ୍ଲୀପ ରଥଙ୍କ 'ଶ୍ରାବଣୀ ନଈ' ଏବଂ 'ଚହଲା ପାଣିର କଇଁ' ନାଟକ ପୁସ୍ତକ ଲୋକାର୍ପଣ ଓ କଥୋପକଥନ ଉତ୍ସବ ଆଜି ଅପରାହ୍ନରେ ଷ୍ଟେସନ୍ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଯୋଗଦେଇ ପୁସ୍ତକଦ୍ୱୟକୁ ଉନ୍ମୋଚନ କରିଥିଲେ। ନାଟକ ଭିତରେ କାବ୍ୟସ୍ୱର କାରୁକାର୍ଯ୍ୟ ମନ୍ତ୍ରମୁଗ୍ଧ କରିଥାଏ। ତେଣୁ ଡ. ରଥଙ୍କ ବଳିଷ୍ଠ ନାଟ୍ୟକାର ସ୍ୱପ୍ନ ସାକାର ହୋଇପାରିଛି ବୋଲି ସେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ. ରାଖାଲ ଚନ୍ଦ୍ର ଘଡ଼ାଇ, ଡ. ଭାଗବତ ପ୍ରସାଦ ଦାସ, ଡ. ରମାକାନ୍ତ ନାୟକ ଓ ନାଟ୍ୟ ଗବେଷକ କୈଳାସ ଦାସ ଯୋଗଦେଇ ନିଜନିଜର ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କବି ସିତାଂଶୁ ଲେଙ୍କା ନାଟକ ଓ କବିତା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରାମଚନ୍ଦ୍ର ସାହୁ, ସୁଶାନ୍ତ ଦାସ, ଇଂ. ଶ୍ରୀତମ ସିଂହ, ଶରତ ବାରିକ ଓ ରମେଶ ଚନ୍ଦ୍ର ବେହେରାଙ୍କ ସହ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ନାଟ୍ୟପ୍ରେମୀ ଉପସ୍ଥିତ ଥିଲେ। କବି ଶ୍ରୀଦେବ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଇପ୍‌ସିତ ପ୍ରୟାସ ରଥ ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ନାଟକ ଦିବସ -୨୦୨୬ ପାଳିତ

ଖୋର୍ଦ୍ଧା , ୨୯/୩ (ନି.ପ୍ର): ଜିଲ୍ଲା ସଦର ମହକୁମା ଜିଲ୍ଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ, ଖୋର୍ଦ୍ଧା ଆନୁକୁଲ୍ୟରେ ପରିଷଦ ସଭାପତି ଶ୍ରୀଯୁକ୍ତ ବିଶ୍ୱନାଥ ସାହୁଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଅଛି । ଉକ୍ତ ଦିବସରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା, ଶ୍ରୀଯୁକ୍ତ ସଂକଳ୍ପ ସ୍ୱସ୍ତିକ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦିବସକୁ ଉଦ୍ଘାଟନ କରିବା ସହ ନିଜ ଉଦବୋଧନରେ ବିଶ୍ୱ ନାଟକ ଦିବସର ମହାନତା ଉପରେ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ସେ କହିଥିଲେ ସମାଜ ସଂସ୍କାର ପାଇଁ ନାଟକର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଥିବା ବେଳେ ନାଟକ ଜେ କେବଳ ମନୋରଞ୍ଜନ ପ୍ରଦାନ କରେ ତାହାନୁହେଁ ବରଂ ସୂଚନା ଓ ଶିକ୍ଷା ମାଧ୍ୟମରେ ସମାଜକୁ ନୂତନ ଦିଗ୍ଦର୍ଶନ ଦେଇ ସମାଜ ଓ ରାଷ୍ଟ୍ରର ହିତ ସାଧନ କରିଥାଏ । ଏଣୁ ନାଟକ ରଚନାରେ ଯେଉଁମାନେ ବ୍ରତିରହି ଏଭଳି ଏକ ସଂଗଠନ ମାଧ୍ୟମରେ ସମାଜ କୁ ସଠିକ୍ ରାସ୍ତା ଦେଖାଇବାରେ ଏକତ୍ରିତ ହୋଇ କାର୍ଯ୍ୟ କରୁଛନ୍ତି ସମସ୍ତଙ୍କୁ ସାଧୁବାଦ୍ ଜଣାଇଥିଲେ । ଦିବସରେ ମୁଖ୍ୟ ବକ୍ତା ବିଶିଷ୍ଟ ନାଟ୍ୟକାର ଶ୍ରୀଯୁକ୍ତ ଜିତେନ୍ଦ୍ର ପଟ୍ଟନାୟକ, ଅନୁଷ୍ଠାନ ସଭାପତି ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ, ସମ୍ମାନିତ ଅତିଥି ଡାକ୍ତର ଅନ୍ତର୍ଯ୍ୟାମୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ସମାଜ ସଂସ୍କାରର ନାଟକର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଅନୁଷ୍ଠାନ ସମ୍ପାଦକ ଧନ୍ୟବାଦ ପ୍ରଦାନ କରିଥିଲେ । ସର୍ବଶେଷରେ ଡାକ୍ତର ଅନ୍ତର୍ଯ୍ୟାମୀ ତ୍ରିପାଠୀ ରଚନା ନିର୍ଦ୍ଦେଶନାରେ ନାଟକ କବାଡ଼ିବାଲା ଓ ନାଟ୍ୟ ରଚନା କେଳୁ ଚରଣ ପଟ୍ଟନାୟକ ଓ ନିର୍ଦ୍ଦେଶନା ସଚ୍ଚିଦାନନ୍ଦ ବାରିଙ୍କ ନାଟକ ମଲମ ପରିବେଷଣ କରାଯାଇଥିଲା।

## ଏସ୍.ଏଫ୍.ଆଇ. ପକ୍ଷରୁ 'ଶିକ୍ଷାର ସାମ୍ପ୍ରତିକ ସ୍ଥିତି ଓ ଛାତ୍ର ସମାଜର ଭବିଷ୍ୟତ' ବିଷୟକ ଆଲୋଚନା ଚକ୍ର ଅନୁଷ୍ଠିତ




ବାଲିଆପାଳ , ୨୯/୩ (ନି.ପ୍ର): ଭାରତର ଛାତ୍ର ଫେଡେରେସନ (ଏସ୍.ଏଫ୍.ଆଇ) ପକ୍ଷରୁ ଆଜି ବାଲେଶ୍ୱର ନୂଆବଜାର ସ୍ଥିତ କୃଷକ ସଭା ଅଫିସର ସମ୍ମିଳନୀ କକ୍ଷଠାରେ 'ଶିକ୍ଷାର ସାମ୍ପ୍ରତିକ ସ୍ଥିତି ଓ ଛାତ୍ର ସମାଜର ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏସ.ଏଫ୍.ଆଇ ବାଲେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ଶିକ୍ଷାବିତ ଓ ଛାତ୍ର ନେତୃବୃନ୍ଦ ଯୋଗଦେଇ ବର୍ତ୍ତମାନର ସାମାଜିକ ଓ ରାଜନୈତିକ ସଂକଟ ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ପ୍ରାଧ୍ୟାପକ ପ୍ରଫେସର ସୁରେନ୍ଦ୍ର କୁମାର ଜେନା ନିଜର ଶାଣିତ ବକ୍ତବ୍ୟ ରଖି କହିଥିଲେ ଯେ, 'ଉଦାରବାଦ ଅର୍ଥନୀତି ଯୋଗୁ ବେକାର ହାର ବଢ଼ିଛି, ଆୟର ଅସମାନତା ବଢ଼ିଛି, ଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ ହେଉଛି, ଶୋଷଣ ଓ ଆୟର ଅସମାନତା ଚରମ ସୀମାରେ ପହଞ୍ଚିଛି, ଯାହା ସାଧାରଣ ଜନତାଙ୍କ ମେରୁଦଣ୍ଡ ଭାଙ୍ଗି ଦେଉଛି। ସେହିପରି ସାମ୍ପ୍ରଦାୟିକ ରାଜନୀତିର ଯେଉଁ କରାଳ ରୂପ ଦେଖାଦେଇଛି, ସେଥିରେ ଆମେ କେହି ବି ସୁରକ୍ଷିତ ନୁହନ୍ତି।' ସେ ଆହୁରି ମଧ୍ୟ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ, ଜାତିଗତ ଉତ୍ପୀଡ଼ନ ଓ ସାମ୍ପ୍ରଦାୟିକ ବିଭାଜନ,ବିରୁଦ୍ଧରେ ଲଢ଼େଇ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ହିଁ ଶହୀଦମାନଙ୍କ ସ୍ୱପ୍ନର ଶୋଷଣମୁକ୍ତ ଭାରତ ଗଢ଼ିବାର ପ୍ରକୃତ ପଥ। ବିନାଶକାରୀ ବିକାଶ ବଦଳରେ ଆମେ ଏକ ପରିବେଶ ସନ୍ତୁଳିତ ଉନ୍ନୟନ ଚାହୁଁ ବୋଲି ସେ ନିଜ ବକ୍ତବ୍ୟରେ ସ୍ପଷ୍ଟ କରିଥିଲେ। ଛାତ୍ର ଓ ଯୁବ ସମାଜ ଏକଜୁଟ ହୋଇ ଏହି ପୁଞ୍ଜିବାଦୀ ଶୋଷଣ ଓ ସାମ୍ପ୍ରଦାୟିକ ରାଜନୀତି ବିରୁଦ୍ଧରେ ସଂଗ୍ରାମକୁ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରଶ୍ମି ରେଖା ମହାର୍ଣ୍ଣା ସଭାପତିତ୍ୱ କରିଥିବା ବେଳେ ଏସ୍.ଏଫ୍.ଆଇ.ର ରାଜ୍ୟ ସଭାପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏସ.ଏଫ୍.ଆଇ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ବକ୍ତବ୍ୟରେ କହିଛନ୍ତି ଛାତ୍ରଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ବୈଜ୍ଞାନିକ ଓ ପ୍ରଗତିଶୀଳ ଚିନ୍ତାଧାରାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ 'ଆଜିର ଶିକ୍ଷା ବ୍ୟବସ୍ଥାକୁ ଯେଉଁଭଳି ଭାବେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ମୁନାଫା ପାଇଁ ଏକ ବ୍ୟବସାୟିକ ପଣ୍ୟରେ ପରିଣତ କରାଯାଉଛି, ତାହା ସାଧାରଣ ଓ ନିଷ୍ପେଷିତ ବର୍ଗର ଛାତ୍ରଙ୍କ ଭବିଷ୍ୟତକୁ ସଂକଟାପନ୍ନ କରିଛି। ସମାଜରେ ବୃଦ୍ଧି ପାଉଥିବା ଜାତିଗତ ବିଦ୍ୱେଷ ଓ ସଂକୀର୍ଣ୍ଣ ବିଭାଜନକାରୀ ଚିନ୍ତାଧାରା ଯୁବ ପିଢ଼ିର ସୃଜନଶୀଳତାକୁ ନଷ୍ଟ କରିବା ସହ ସେମାନଙ୍କୁ କେବଳ ବ୍ୟବସ୍ଥାର ଅନ୍ଧ ଅନୁଗାମୀ କରିବାକୁ ଚେଷ୍ଟା କରାଯାଉଛି।' ଉଭୟ ବକ୍ତା ଏହି ଅବସରରେ ଛାତ୍ର ସମାଜକୁ ଆହ୍ୱାନ ଦେଇ କହିଥିଲେ ଯେ, ଶିକ୍ଷାର ସାର୍ବଜନୀନତା ଓ ଗଣତାନ୍ତ୍ରିକ ଅଧିକାରକୁ ରକ୍ଷା କରିବା ପାଇଁ ବ୍ୟବସ୍ଥାଗତ ଶୋଷଣ ବିରୁଦ୍ଧରେ ସଂଗଠିତ ହେବା ଜରୁରୀ। ଶହୀଦମାନଙ୍କ ସ୍ୱପ୍ନର ସେହି ଶୋଷଣମୁକ୍ତ ସମାଜ ଗଢ଼ିବା ପାଇଁ ଛାତ୍ରମାନେ ନିଜର ବୌଦ୍ଧିକ ଶକ୍ତିକୁ ସାମାଜିକ ନ୍ୟାୟ ଓ ସମାନତା ପ୍ରତିଷ୍ଠା ଦିଗରେ ବିନିଯୋଗ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କମିଟି ସଭ୍ୟ ଅଭିଳାଷ ମଲ୍ଲିକ, ଅଚ୍ୟୁତାନନ୍ଦ ଜେନା, ପ୍ରମୋଥ ପ୍ରାମାଣିକ, ଅରବିନ୍ଦ ମହାପାତ୍ର, ସୌରଭ ସାହୁ, ଅରୂପ ଦାସ, ମହେଶ୍ୱର ଚାନ୍ଦ, ବିଶ୍ୱଜିତ ଗିରି, ଶିବଶଙ୍କର ମହାନ୍ତି, ଅକ୍ଷୟ ବାରିକ, ଯୁବରାଜ ମହାନ୍ତି, ରାମଚନ୍ଦ୍ର ମଣ୍ଡଳ, କ୍ରିଷ୍ଣାନ୍ଦୁ ସାହୁ ସମେତ କମିଟିର ବହୁ ସଂଗ୍ରାମୀ ସାଥି ଏହି ଆଲୋଚନାରେ ଭାଗ ନେଇଥିଲେ।

## ଆକ୍ସନ ମୋଡରେ ଜୁନିଅର ଲଘୁ ଖଣିଜ ଅଧିକାରୀ : ଚୋରା ବାଲି ଚାଲାଣ ବେଳେ ୩ ଟି ଟ୍ରାକ୍ଟର ଜବଦ

ବସ୍ତା , ୨୯/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଠାରେ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ଚାଲାଣ ହେଉଥିବା ବେଳେ ଚଢ଼ାଉ କରି ୩ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି ଜଳେଶ୍ୱର ଜୁନିଅର ଖଣି ଅଧିକାରୀ ଏବଂ ବସ୍ତା ବାଲିଆପାଳ ଜୁନିୟର ଲଘୁ ଖଣିଜ ଅଧିକାରୀ ସତ୍ୟ ଚିନ୍ମୟ ଜେନା। ଦୁଇ ଜୁନିୟର ଖଣି ଅଧିକାରୀ ରାମଚନ୍ଦ୍ରପୁର ଠାରେ ଚଢ଼ାଉ ସମୟରେ ବାଲି ମାଫିଆ ମାନେ ଖଣି ଅଧିକାରୀଙ୍କୁ ଅଟକ ରଖିଥିଲେ,ଖବର ପାଇ ବସ୍ତା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ଟ୍ରାକ୍ଟର ଗୁଡିକୁ ଥାନାକୁ ଆଣି ଅଧିକ ତଦନ୍ତ କରୁଛି, ସମସ୍ତ ଗାଡ଼ିର ଚାଳକ ମାନେ ଗାଡ଼ି ଛାଡ଼ି ଚମ୍ପଟ ମାରିଛନ୍ତି।

## ହେଲଦି ଲାଇଫର ମାନସିକ ବିକାଶ ପାଇଁ ଯୋଗ ଶିବିର




ବାଲେଶ୍ୱର, ୨୯/୩ (ନି.ପ୍ର): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ଇନଷ୍ଟିଚ୍ୟୁଟ ଅଫ୍ ନେଚର କିୟର ଏଣ୍ଡ ଯୋଗିକ୍ ସାଇନ୍‌ସ ଚିଡ଼ିଆ ପୋଲ ବିବେକାନନ୍ଦ ମାର୍ଗ, ହେଲଦି ଲାଇଫ୍ ପରିସରରେ ୭ ଦିନିଆ ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ବିଦ୍ୟାଳୟରୁ ୪ ବର୍ଷରୁ ୧୫ ବର୍ଷ ପିଲା ମାନଙ୍କୁ ନେଇ ଯୋଗ, ପ୍ରାଣାୟମ ଧ୍ୟାନ, ପ୍ରାକୃତିକ ଚିକିତ୍ସା, ଖାଦ୍ୟଚିକିତ୍ସା, ମାନସିକ ବିକାଶ ଖେଳ, କରାଟେ, ଡ୍ୟାନ୍ସ ଯୋଗା ଆଦି ପ୍ରଶିକ୍ଷଣ ଦିଆଯାଇ ଆଦି ଉଦ୍ ?ଯାପନ ଉତ୍ସବରେ ମୁଖ୍ୟ ଅତିଥି ବାବ ପଞ୍ଚୁଲିଙ୍ଗେଶ୍ୱର ମହାବିଦ୍ୟାଳୟରେ ଅଧ୍ୟାପକ ଶ୍ରୀହରି ଶଙ୍କର ପାଣିଗ୍ରାହୀ କହିଲେ ଯେ ଯୋଗ ମାନସିକ ବିକାଶ ସହିତ ଶରୀର ମନ ପ୍ରାଣକୁ ସକ୍ରିୟ ରଖି ପ୍ରକୃତ ଜୀବନ ଶୈଳୀରେ ବଞ୍ଚିବାକୁ ଶକ୍ତି ଦେଇଥାଏ, ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ, ଇନ୍ଦ୍ରିୟ ସଂଯମ, ମସ୍ତିଷ୍କ ବିକାଶ ସହିତ ମାନସିକ ବିକାଶ କରିଥାଏ । ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ କହିଲେ ପ୍ରତ୍ୟେକ ମା ମାନେ ଯୋଗ କଲେ ନିଜେ ସୁସ୍ଥ ରହିବା ସହିତ ନିଜର ପିଲା ଓ ସ୍ୱାମୀଙ୍କୁ ଠିକ୍ କରି ପାରିବେ । ଶେଷରେ ପିଲାମାନେ ଯୋଗ ପିରାମିଡ଼ ପରିବେଶଣ କରିଥିଲେ । ଯୋଗ ଦେଇଥିବା ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଅଧ୍ୟାପକ ଅଭିଶେକ ଦାସ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟକୁ ପୁସ୍ତକ ଦାନକଲେ ଲେଖିକା ସୁଚରିତା ମହାନ୍ତି




ବାରିପଦା, ୨୯/୩ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଠାଗାରକୁ ନିଜ ଲିଖିତ ୫୦ ଟି ଶିଶୁ କବିତା ପୁସ୍ତକ 'କଅଁଳ କଢ଼ି' ଦାନ କରିଛନ୍ତି ଓ କବି, ଗାଳ୍ପିକା ସୁଚରିତା ମହାନ୍ତି ଏହି ପୁସ୍ତକ ପ୍ରଦାନ କରି ତାଙ୍କର ଛାତ୍ରଛାତ୍ରୀ ମାନଙ୍କୁ ବହି ପଢିବା ପାଇଁ ଉତ୍ସାହିତ କରିଛନ୍ତି ଓ ଛୋଟ ଛୋଟ ପିଲାମାନେ କଅଁଳ କଢ଼ି ସଦୃଶ୍ୟ ଓ ସେମାନେ କିପରି ପାଠପଢ଼ାରେ ମନଦେଇ ଭବିଷ୍ୟତରେ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିବେ ସେ ବିଷୟରେ ଶ୍ରୀମତୀ ମହାନ୍ତି ପିଲାମାନଙ୍କୁ ବୁଝାଇଥିଲେ ଓ ଅତି ଅଳ୍ପ ବୟସରୁ ପିଲାମାନେ ମୋବାଇଲ ସହିତ ଏତେମାତ୍ରାରେ ଜଡିତ ହୋଇଯାଇଛନ୍ତି ଯେ ସେମାନେ ବହି ପଢିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ଓ ତେଣୁ ପିଲାମାନଙ୍କୁ ମୋବାଇଲ ଠାରୁ ଦୂରେଇରଖିବା ସହ କବିତା ଓ ଗଳ୍ପ ବହି ପଢିବା ପାଇଁ ଉତ୍ସାହିତ କରିବାକୁ ସେ ଶିକ୍ଷକ/ଶିକ୍ଷୟତ୍ରୀ ଓ ଅବିଭାବକ ମାନଙ୍କୁ ଅନୁରୋଧ କରିଥିଲେ ଓ ବହିର ବିକଳ୍ପ କେବେ ମୋବାଇଲ ହୋଇପାରିବ ନାହିଁ ସେ ପ୍ରକାଶ କରିଥିଲେ ଓ ପ୍ରକାଶ ଥାଉକି ପୂର୍ବବର୍ଷ ମାନଙ୍କରେ ସେ ନିଜ ଉଦ୍ୟମରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫଳ ଓ ଫୁଲ ଗଛ ଲଗାଇ ଛାତ୍ରଛାତ୍ରୀମାନଙ୍କୁ ସେଗୁଡିକର ଯତ୍ନ ନେବା ପାଇଁ ମଧ ଉତ୍ସାହିତ କରିଥିଲେ ଓ ହଷ୍ଟେଲରେ ରହି ପଢୁଥିବା ଗରିବ ମେଧାବୀ ଛାତ୍ର ମାନସ ନାୟକ ଜାତୀୟ ସ୍ତରୀୟ ଖେଳରେ ଅଂଶଗ୍ରହଣ କରି ଫେରିବା ପରେ ତାଙ୍କୁ ସେ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ ଓ ବିଦ୍ୟାଳୟ ପାଇଁ ତାଙ୍କର ଏହି ଦାନକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଓ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ବେଶ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ପ୍ରଭୁ ଯୀଶୁଙ୍କ ବିଜୟ ଉତ୍ସବ ମହା ଧୁମଧାମରେ ପାଳିତ

ନୀଳଗିରି, ୨୯/୩ (ନି.ପ୍ର): ଖ୍ରୀଷ୍ଟାବଲମ୍ବୀ ମାନେ ପ୍ରଭୁ ଯୀଶୁଙ୍କ ଉଦ୍ଦେଶ୍ୟରେ "ପାମ୍ ସଣ୍ଡେ " ବା ବିଜୟଉତ୍ସବ ପାଳନ କରିଛନ୍ତି। ନୀଳଗିରି ଏନଏସି ଷ୍ଟେସନସାହିରେ ଥିବା ନିଉ ଲିଭିଙ୍ଗ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନେ ଏହି ଉତ୍ସବକୁ ବେଶ ଧୂମଧାମର ସହିତ ପାଳନ କରିଛନ୍ତି।ଏହି ଅବସରରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକମାନେ ଖଜୁରୀ ଡାଳ ଓ ଫୁଲରେ ପ୍ରସ୍ତୁତ ସୁନ୍ଦର ତୋରଣମାନ ଧରି ଗାଁ ପରିକ୍ରମା କରିଥିଲେ।ଯୀଶୁ ଯେପରି ଏକ ପାମ୍ ସଣ୍ଡେରୁ ୫ ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରିଥିଲେ ଓ ଲୋକମାନଙ୍କୁ ୫ ଟି ବାଣୀ ପ୍ରଦାନ କରିଥିଲେ ସେହିପରି ଆଜି ରବିବାରଠାରୁ ୫ ଦିନଧରି ଏହି ବିଜୟଦିବସ ପାଳନ କରାଯିବଓ କିପରି ଲୋକମାନଙ୍କ ଭିତରେ ଶାନ୍ତି ,ମୈତ୍ରୀ ଓ ସଦ୍ ?ଭାବନା ରହିବ ସେହି ଉଦ୍ଦେଶ୍ୟ ରଖାଯାଇ ଏ ପର୍ବ ପାଳନ କରାଯାଇଛି।ଏହି ଉତ୍ସବକୁ ସାଧୁ ସୁନ୍ଦର ସିଂ,ସୁବୁଦ୍ଧି ବେହେରା, ବିସମ ହୃଦୟ ଦଣ୍ଡିଆ, ମଧୁସୁଦର ସିଂ, ନନ୍ଦିନୀ ସିଂ, ପ୍ରତ୍ୟୁଷ ସୁନ୍ଦର ସିଂ,ସୁରେଶ ସିଂ, ସୁରେଶ ବିଶ୍ୱାଳ, ପ୍ରଶାନ୍ତ ସିଂ ପ୍ରମୁଖ ପରିଚାଳନା କରିଥିଲେ।

## ସାମାଜିକ ସୁରକ୍ଷାରୁ ବଂଚିତ ଦିନମଜୁରିଆ ଦମ୍ପତି



ଉଦଳା, ୨୯/୩ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର କରକଚିଆ ପଂଚାୟତ ଅନ୍ତର୍ଗତ ହରିପୁର ଗ୍ରାମର ଦୃଶ୍ୟ। ଏହି ଗ୍ରାମରେ ବସବାସ କରୁଥିବା ସୁନ୍ଦର ଟୁଡୁ ଓ ତାଙ୍କର ସହଧର୍ମିଣି ଡୁମୁନି ଟୁଡୁ ଉଭୟେ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର କଥା ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ସୁନ୍ଦର'ଙ୍କୁ ବର୍ତ୍ତମାନ ବୟସ ୬୫ ବର୍ଷ ଛୁଇଁଥିବା ବେଳେ ସହଧର୍ମିଣି 'ଡୁମୁନି' ୬୨ ବର୍ଷ ବୟସରେ ପଦାର୍ପଣ କଲେ । ଭତା ପାଇବା ପାଇଁ ଏହି ଦମ୍ପତି ପଂଚାୟତ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ଶେଷରେ ଗଣମାଧ୍ୟମକୁ ଏହା ଜଣାଇବା ସହ ଭତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି ।

## ଅଲଚିକି ଲିପିର ଶତ ବାର୍ଷିକୀ ପାଳନ



ଲଙ୍ଗଳେଶ୍ୱର , ୨୯/୩ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଆଦିବାସୀ ସାହି ଠାରେ ସାନ୍ତାଳୀ ଭାଷା ଅଲଚିକି ଲିପିର ଶତ ବାର୍ଷିକୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାହି ମୁଖିଆ ମାଝୀ ବାବା ସୁନାରାମ ମାରାଣ୍ଡି ସଭାପତିତ୍ୱ କରିଥିଲେ। ଲଙ୍ଗଳେଶ୍ୱର ହାଇସ୍କୁଲ ର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାନ୍ତାଳୀ ଭାଷା ଅଲଚିକି ଲିପିର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡା, ଦାକ୍ଷିନ ମୁର୍ମୁ ଯୋଗଦେଇ ଜାତି ଓ ସଂସ୍କୃତି କୁ ବଞ୍ଚି ରଖିବାକୁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସୁମିତା ମୁର୍ମୁ, ଜ୍ୟୋସ୍ନା ରାଣୀ ମାଝୀ,କୁନୀ ମାରାଣ୍ଡି, ଲକ୍ଷ୍ମୀଧର ସୋରେନ, ସୁବଲ ମାରାଣ୍ଡି, ଶିବଶଙ୍କର ମାରାଣ୍ଡି,ରବି ବେସ୍ରା, ବୁଦ୍ଧିଆ ମାରାଣ୍ଡି,ଫୁଲରାଇ ମାରାଣ୍ଡି, ଭଜହରି ମାରାଣ୍ଡି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଶେଷରେ କିଶୁନ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିବେଦୀ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଦହି ସର୍ବତ ଏବଂ ଥଣ୍ଡା ପାନୀୟ ଜଳ ପ୍ରଦାନ




ଭଦ୍ରକ, ୨୯/୩ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ଶ୍ରୀରାମ ନବମୀ ଭାଇଚାରାର ସହର ଭଦ୍ରକ ରେ ଧୂମ୍ ଧାମରେ ପାଳନ ହୋଇଯାଇଛି । ଏହି ବହୁ ପ୍ରତୀକ୍ଷିତ ପର୍ବ ଶ୍ରୀରାମ ନବମୀ କୁ ଭାଗ୍ୟ ଆଉ ଶ୍ରଦ୍ଧାଳୁ ମାନଙ୍କୁ ଉତ୍ସାହିତ କରିବା ପାଇଁ ଭଦ୍ରକ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱିବେଦୀ ଫାଉଣ୍ଡେସନ ଟ୍ରଷ୍ଟ ର ପକ୍ଷରୁ ଦହି ସର୍ବତ ଏବଂ ଥଣ୍ଡା ପାନୀୟର ବ୍ୟବସ୍ଥା କରାଯାଇଥିଲା । ବିଗତ ଦୁଇ ବର୍ଷ ହେବ ଏହି ସେବାକାର୍ଯ୍ୟ ଦ୍ୱିବେଦୀ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଜାରି ରହିଛି । କିନ୍ତୁ ଏବର୍ଷ ଗ୍ରୀଷ୍ମ ପ୍ରବାହ କୁ ଆଖି ଆଗରେ ରଖି ନୂତନ ଭାବରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଥଣ୍ଡା ପବନର ବ୍ୟବସ୍ଥା କରାଯାଇଥିଲା । ଦ୍ୱିବେଦୀ ଫାଉଣ୍ଡେସନ ଟ୍ରଷ୍ଟ ର କର୍ମକର୍ତ୍ତା ମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟ ଅତିଥି ଭାବରେ ଓଡିଶା ସରକାରଙ୍କ ଶିକ୍ଷା ଓ କ୍ରୀଡା ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନୀୟ ଅତିଥି ଭାବେ ଭଦ୍ରକ ବିଧାୟକ ଶ୍ରୀଯୁକ୍ତ ସିତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାର ଇଉଗ ରବିନାରାୟଣ ସାହୁ , ଭଦ୍ରକ ଜିଲ୍ଲାର ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଭଦ୍ରକ ମୁନିସପାଲଟି ଚେୟାରମ୍ୟାନ୍ ଗଲମୁଖୀ ହବିବ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଯୁବ ସମାଜସେବୀ ପ୍ରୟାସକାନ୍ତି ସାମଲ, ଦ୍ୱିବେଦୀ ଫାଉଣ୍ଡେସନ ଟ୍ରଷ୍ଟ ର ପ୍ରତିଷ୍ଠାତା ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଡାକ୍ତର ଜନ୍ମେଜୟ ବେହେରା, ସୂରଜ ବେହେରା, ପ୍ରଦୀପ ପଣ୍ଡା, ପ୍ରଭାସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ମଞ୍ଚ ପରିଚାଳନା କରିଥିଲେ । ଦ୍ୱିବେଦୀ ଫାଉଣ୍ଡେସନ ଟ୍ରଷ୍ଟ ର ସେବା କାର୍ଯ୍ୟରେ ନିୟୋଜିତ ସଦସ୍ୟ ମାନଙ୍କ ମଧ୍ୟରେ ଶୁଭାଶିଷ ଦ୍ୱିବେଦୀ,କାର୍ତ୍ତିକ ଗିରି, ଦିଲୀପ ଜେନା, ବିନୟ ସ୍ୱାଇଁ, ଏମ୍ ଡି ଶାହନୱାଜ, ଅବଦୁଲ ଫିରୋଜ ଖାଁ,ଇମତିଆଜ କମଲ , ଅବଦୁଲ ହମିଦ, କାଳିଆ ଖାଁ,ଚିକୁ ସେକ୍, ମୁନା ଖାଁ, ସେକ୍ ବୁଦ୍ଧିଆ, ଦେବାଶିଷ ଦାସ, ସନ୍ଦୀପ ମିତ୍ର ଆଶିଷ ମହାନ୍ତି, ସୌମ୍ୟରଞ୍ଜନ ଲେଙ୍କା, ନରେନ୍ଦ୍ର ଲେଙ୍କା, ରାଧାଶ୍ୟାମ ଲେଙ୍କା, ଆଶିଷ ମହାନ୍ତି, ମାନସ ପଣ୍ଡା, ଲମ୍ବୋଦର ସାହୁ,ପ୍ରକାଶ ଦଳାଇ, ସଞ୍ଜୟ ସାମଲ, ସୁବଳ ଦାସ, ସଦାଶିବ ଦାସ, ଦେବାଶିଷ ଖିଲାର, ପ୍ରଶାନ୍ତ ତରାଇ, ରାମ ପ୍ରସାଦ ଜେନା, ଅଜୟ ଖିଲାର, ସରୋଜ ବାରିକ, ଜଗନ୍ନାଥ ବାରିକ, ଅକ୍ଷୟ ଦାସ, ଗୌରାଙ୍ଗ ନାୟକ, ବିକ୍ରମ କେଶରୀ ମଲ୍ଲିକ, ଶିବ ଶଙ୍କର ଗିରି,ବିଜୟଶ୍ରୀ ରାଉତ,ସୁଭାସିସ ମହନ୍ତ, ଅମର କୁମାର ବାରିକ,ମୁନ୍ନା ଦାସ, ବଳରାମ ମଣ୍ଡଳ, ସୁପ୍ରଭା ଗିରି, ସୁପ୍ରିୟା ଗିରି ,ଅମରେଶ ବାରିକ, ଭଗୀରଥ ବାରିକ ପ୍ରମୁଖ ଅକ୍ଲାନ୍ତ ପରିଶ୍ରମ କରି ଶ୍ରୀରାମ ନବମୀ ରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଦହି ସର୍ବତ ଏବଂ ଥଣ୍ଡା ପାନୀୟ ଯୋଗାଇ ଥିଲେ।

## ପୁରୀ ସହରରୁ ଭାରତ ଗ୍ୟାସ ଡିପ ସ୍ଥାନାନ୍ତରିତ ଯୋଗୁଁ ହିତାଧିକାରୀ ମାନେ ଗ୍ୟାସ ପାଇବାରୁ ବଞ୍ଚିତ

ପୁରୀ, ୨୯/୩ (ନି.ପ୍ର): ପୁରୀ ସହରର ମୋଚିସାହି ନିକଟରେ ଗତ କିଛିଦିନ ତଳେ ଅଶ୍ୱନୀ ଗ୍ୟାସ ସଂସ୍ଥା ନାମରେ ଭାରତ ଗ୍ୟାସ ଯୋଗାଇ ଦିଆଯାଉଥିଲା, କିନ୍ତୁ ହଠାତ ଉକ୍ତ ସଂସ୍ଥା ନାମ ପରିବର୍ତ୍ତନ କରି ସହର ଠାରୁ ୨୫କିଲ ମିଟର ଦୂରବର୍ତ୍ତୀ କଳିକା ବାଡ଼ି ଠାରେ ଡିପ ଖୋଲିବା ସହ ପୁରୀର ଉପଭୋକ୍ତା ମାନଙ୍କ ଠାରୁ ରାସ୍ତା କାରରେ ଛିଡାକରାଇ ଲଟ୍ଟମ କରି ନେଇଥିଲେ, ବର୍ତ୍ତମାନ ଉପଭୋକ୍ତା ମାନେ ଗ୍ୟାସ ପାଇବାଲାଗି ହଇରାଣ ହେଉଛନ୍ତି, ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଏଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁରୀ ସହରର ଭାରତ ଗ୍ୟାସର ଉପଭୋକ୍ତା ମାନେ କିପରି ଗ୍ୟାସ ସୁବିଧାରେ ପାଇପାରିବେ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଉପଭୋକ୍ତା ମାନଙ୍କ ପକ୍ଷରୁ ଦାବି ହେଉଛି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Editor: Sairindhree Sahoo
❒ Managing & Executive Editor : Srustidhar Parida